- Vol.- 45, Issue No. 301
- Sunday, 01 February 2026
- ରବିବାର, ୦୧ ଫେବୃଆରୀ ୨୦୨୬
- Bhubaneswar
- Price: Rs. 2.00, Page: 8
- R.N.I. Regd. No. 34063/81
- Postal Regd. No. BN/79/18-20
- Online Portal: www.dinalipi.com
- Mail ID: dinalipinews@gmail.com

ଏକ ନିରପେକ୍ଷ ପ୍ରଗତିଶୀଳ ସମ୍ବାଦପତ୍ର

# ଦିନଲିପି

THE DINALIPI

https://www.facebook.com/dinalipilive
www.youtube.com/@dinalipilive
https://www.dinalipi.com
https://www.dinalipiepaper.com
https://www.dinalipi.in
twitter.com/DinalipiOnline

Web: www.dinalipi.com, E-mail: dinalipinews@gmail.com


## କ୍ୟାବିନେଟ ବୈଠକ: ୧୨ ପ୍ରସ୍ତାବ ଉପରେ ମୋହର

# ଓଡ଼ିଶାରେ ନିର୍ମାଣ ହେବ ପ୍ରତିରକ୍ଷା ସାମଗ୍ରୀ

- ଓଡ଼ିଶା ସଂସ୍କୃତି ଉନ୍ନୟନ ସେବା ବର୍ଗର ହେବ ପୁନଃଗଠନ
- ଜୁଡିସିଆଲ ସର୍ଭିସ୍ ରୁଲସ୍ ସଂଶୋଧନକୁ ଅନୁମୋଦନ
- ଡାଇଭର୍ସନ୍ ୱେୟାର ସୁଧାର ଯୋଜନାକୁ ମଂଜୁରି
- ମିଳିତ ବୈଷୟିକ ସେବା ନିଯୁକ୍ତି ପରୀକ୍ଷା ନିୟମାବଳୀ ହେବ ସଂଶୋଧନ
- ଓୟୁଏସଏସଏସସିରେ ରହିବେ ଜଣେ ଅଧକ୍ଷ ଓ ୨ ସଦସ୍ୟ
- ରାଜ୍ୟ ବୀମା ଯୋଜନା ନର୍ସିଂ ସେବାକୁ ମଂଜୁରି
- ମାର୍ଚ୍ଚ ଯାଏଁ ଦୁବାଇ, ସିଙ୍ଗାପୁରକୁ ବିମାନ ଉଡାଣ



ଭୁବନେଶ୍ୱର,୩୧।୧(ନିପ୍ର): ରାଜ୍ୟ ମନ୍ତ୍ରିମଣ୍ଡଳ (କ୍ୟାବିନେଟ)ର ୩୫ ତମ ବୈଠକ ଶନିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧକ୍ଷତାରେ ଲୋକସେବା ଭବନରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ମୋଟ ୧୦ ବିଭାଗର ୧୨ଟି ପ୍ରସ୍ତାବ ଅନୁମୋଦନ ଲାଭ କରିଛି । ତାହା ମଧ୍ୟରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ , ଶିଳ୍ପ ବିଭାଗ, ଜଳ ସମ୍ପଦ ବିଭାଗ, ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗ, ବିଜ୍ଞାନ ଓ କାରିଗରୀ, ଆଇନ, ସମବାୟ, ବାଣିଜ୍ୟ ଓ ପରିବହନ, ଇସ୍ପାତ ଓ ଖଣି ବିଭାଗ, ସଂସଦୀୟ ବ୍ୟାପାର ବିଭାଗ ଆଦି ପ୍ରତ୍ୟେକରୁ ଗୋଟିଏ ଲେଖାଏଁ ଏବଂ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗର ୨ଟି ଏହିପରି ମୋଟ ୧୨ ଟି ପ୍ରସ୍ତାବ ଅନୁମୋଦନ କରାଯାଇଛି । ତନ୍ମଧ୍ୟରେ ଗୋଟିଏ ପ୍ରସ୍ତାବ ଫେବୃଆରୀ ୧୭ ତାରିଖରୁ ଆରମ୍ଭ ହେବାକୁ ଥିବା ସପ୍ତଦଶ ବିଧାନ ସଭାର ଷଷ୍ଠ ଅଧିବେଶନ ଅନୁମୋଦନ ସମ୍ପର୍କିତ ଥିଲା। ବୈଠକ ପରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ କ୍ୟାବିନେଟ ବୈଠକରେ ନିଆଯାଇଥିବା ନିଷ୍ପତ୍ତି ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦେଇଥିଲେ । କ୍ୟାବିନେଟ୍‌ର ନିଷ୍ପତ୍ତି ଅନୁଯାୟୀ, ଜିଲ୍ଲା ସଂସ୍କୃତି ଅଧିକାରୀ ସେବା ବର୍ଗର ପୁନର୍ଗଠନ ସହ ସେମାନଙ୍କୁ ପଦୋନ୍ନତିର ସୁବିଧା ପ୍ରଦାନ ପାଇଁ ୧୯.୦୨.୨୦୨୪ରେ ଓଡିଆ ଭାଷା, ସାହିତ୍ୟ ଏବଂ ସଂସ୍କୃତି ବିଭାଗ ଅଧୀନରେ ଏକ ନୂତନ ସେବା ବର୍ଗ ଯଥା: "ଓଡ଼ିଶା ସଂସ୍କୃତି ଉନ୍ନୟନ ସେବା ବର୍ଗ" ଗଠନ କରାଯାଇଥିଲା। ଏହି ନିୟମାବଳୀ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ, ଅର୍ଥ ବିଭାଗ, ଆଇନ ବିଭାଗଙ୍କ ଅନୁମୋଦନ ଲାଭ କରିବା ପରେ ଓଡିଶା ଲୋକ ସେବା ଆୟୋଗଙ୍କ ଦ୍ୱାରା ସ୍ୱୀକୃତ ହୋଇଛି। ଢେଙ୍କାନାଳ ଜିଲ୍ଲାର ଗଜମରାଠାରେ ପ୍ରାୟ ୧,୧୦୦ ଏକର ଜମିରେ ବିକଶିତ ହେବାକୁ ଥିବା ପ୍ରସ୍ତାବିତ ଜମ୍ପ୍ଲେକ୍ସକୁ ଏକ ସମନ୍ୱିତ କ୍ଲଷ୍ଟର ଭାବରେ ପରିକଳ୍ପନା କରାଯାଇଛି ଯେଉଁଥିରେ ଟାଇଟାନିୟମ୍, ସ୍ପେଶାଲିଟି ଷ୍ଟିଲ୍, ଅଟୋ କମ୍ପାନେଣ୍ଟ, ଏବଂ ଏରୋସ୍ପେସ୍ ଏବଂ ପ୍ରତିରକ୍ଷା ଉତ୍ପାଦନରେ ଡାଉନଷ୍ଟ୍ରିମ୍ ମୂଲ୍ୟ ଶୃଙ୍ଖଳ ନିର୍ମାଣ ହେବ।ଏହି ସମନ୍ୱିତ କମ୍ପ୍ଲେକ୍ସ ପ୍ରକଳ୍ପଗୁଡ଼ିକର ମୋଟ ନିବେଶ ପ୍ରାୟ ୧୧୭,୨୫୦ କୋଟି ବୋଲି ପ୍ରସ୍ତାବିତ ହୋଇଛି । ପ୍ରକଳ୍ପ ନିର୍ମାଣ ଏବଂ ଉତ୍ପାଦନ କାର୍ଯ୍ୟ ସମୟରେ ଏହି ପ୍ରକଳ୍ପ ୪,୮୦୦ ରୁ ଅଧିକ ପ୍ରତ୍ୟକ୍ଷ ଏବଂ ପ୍ରାୟ ୫,୫୦୦ ପରୋକ୍ଷ ନିଯୁକ୍ତି ସୃଷ୍ଟି କରିବ ବୋଲି ଆଶା କରାଯାଇଛି । ଓଡ଼ିଶା ସୁପିରିୟର ଜୁଡିସିଆଲ ସର୍ଭିସ୍ ଏବଂ ଓଡ଼ିଶା ଜୁଡିସିଆଲ ସର୍ଭିସ୍ ରୁଲସ୍ , ୨୦୦୭ କୁ ଅଧିକ ଉପଯୋଗୀ କରିବା ପାଇଁ ଏବଂ ଦିବ୍ୟାଙ୍ଗ ପ୍ରାର୍ଥୀମାନଙ୍କୁ ଅଧିକ ସୁଯୋଗ ଦେବା ପାଇଁ, ଏହି ନିୟମଗୁଡ଼ିକୁ ସଂଶୋଧନ କରିବାକୁ ସିଦ୍ଧାନ୍ତ ନିଆଯାଇଛି । କ୍ଷୁଦ୍ର ଜଳସେଚନ ସଂସ୍ଥାରେ ଥିବା ପ୍ରାୟତଃ ୧୧୩୩ ଗୋଟି ନଦୀବନ୍ଧ ଏବଂ ୨ ଗୋଟି ବ୍ୟାରେଜ ମଧ୍ୟରୁ ୭୦ପ୍ରତିଶତ ଡାଇଭର୍ସନ ୱେୟାର ଗୁଡିକ ୩୦ ବର୍ଷରୁ ଅଧିକ ବର୍ଷ ପୁରାତନ ହୋଇଥିବା ଯୋଗୁଁ ଏହାର ମରାମତି ଏବଂ ଉନ୍ନତିକରଣ ନିହାତି ଆବଶ୍ୟକ ହୋଇପଡିଛି। ଏହିସବୁ ସମସ୍ୟାଗୁଡ଼ିକର ସାମଗ୍ରିକ ସମାଧାନ ନିମନ୍ତେ ରାଜ୍ୟ କ୍ୟାବିନେଟ୍ "ଡାଇଭର୍ସନ୍ ୱେୟାର ସୁଧାର ଯୋଜନା" କୁ ଯୋଜନା ଅନୁମୋଦନ କରିଛନ୍ତି । ମିଳିତ ବୈଷୟିକ ସେବା ନିଯୁକ୍ତି ପରୀକ୍ଷା ନିୟମାବଳୀ, ୨୦୨୨ ର ସଂଶୋଧନ ପାଇଁ ରାଜ୍ୟ କ୍ୟାବିନେଟ ଅନୁମୋଦନ ଦେଇଛନ୍ତି । ଓଡ଼ିଶା ୟୁନିଫର୍ମ ସେବା କର୍ମଚାରୀ ଚୟନ ଆୟୋଗରେ ସରକାରଙ୍କ ଦ୍ୱାରା ନିଯୁକ୍ତ ଜଣେ ଅଧକ୍ଷ ଓ ଦୁଇଜଣ ସଦସ୍ୟ ରହିବେ।ରାଜ୍ୟ କ୍ୟାବିନେଟ୍ ବୈଠକରେ 'ରାଜ୍ୟ ବିଜ୍ଞାନ ଓ ବୈଷୟିକ ପରିଷଦ' ଯୋଜନାକୁ ମଞ୍ଜୁରୀ ମିଳିଛି। ଓଡ଼ିଶା କର୍ମଚାରୀ ରାଜ୍ୟ ବୀମା ଯୋଜନା ନର୍ସିଂ ସେବା (ନିଯୁକ୍ତି ପଦ୍ଧତି ଏବଂ ସେବା ସର୍ତ୍ତାବଳୀ) ନିୟମ, ୨୦୨୫ କୁ କ୍ୟାବିନେଟ ମଞ୍ଜୁରୀ ମିଳିଛି। ରାଜ୍ୟର ଇଏସଆଇ ହସ୍ପିଟାଲ ଏବଂ ଡିସପେନସାରିରେ ସେବା କରିବା ପାଇଁ 'ଓଡିଶା କର୍ମଚାରୀ ରାଜ୍ୟ ବୀମା ଯୋଜନା ନର୍ସିଂ ସେବା'ରେ ନିଯୁକ୍ତ ବ୍ୟକ୍ତିମାନଙ୍କ ନିଯୁକ୍ତି, ପଦୋନ୍ନତି ଏବଂ ସେବା ସର୍ତ୍ତାବଳୀର ସଠିକ୍ ନିୟନ୍ତ୍ରଣ ପାଇଁ ଏକ ନୂତନ କ୍ୟାଡର ନିୟମ ଓଡ଼ିଶା କର୍ମଚାରୀ ରାଜ୍ୟ ବୀମା ଯୋଜନା ନର୍ସିଂ ସେବା (ନିଯୁକ୍ତି ପଦ୍ଧତି ଏବଂ ସେବା ସର୍ତ୍ତାବଳୀ) ନିୟମ, ୨୦୨୫ ପ୍ରସ୍ତୁତ କରାଯାଇଛି। ମାର୍ଚ୍ଚ ଯାଏଁ ଦୁବାଇ, ସିଙ୍ଗାପୁରକୁ ରାଜ୍ୟରୁ ବିମାନ ଉଡାଣ ଜାରି ରହିବ। ପରବର୍ତ୍ତୀ ସମୟରେ ଏହି ସେବା ଚାଲୁ ରହିବ କି ନାହିଁ ତାହା ମୁଖ୍ୟମନ୍ତ୍ରୀ ନିଷ୍ପତ୍ତି ନେବେ।

## ଆଜି ବଜେଟ ପେଡ଼ି ଖୋଲିବେ ସୀତାରମଣ

### ମଧ୍ୟବିତ୍ତ ବର୍ଗଙ୍କ ନାନା ଆଶା-ଆଶଙ୍କା

ନୂଆଦିଲ୍ଲୀ,୩୧।୧: ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ରବିବାର ଲୋକସଭାରେ କେନ୍ଦ୍ର ବଜେଟ୍ ୨୦୨୬-୨୭ ଉପସ୍ଥାପନ କରିବେ।୨୦୧୯ ରେ ଦାୟିତ୍ୱ ଗ୍ରହଣ କରିବା ପରେ ତାଙ୍କର ଲଗାତାର ଏହା ହେବ ନବମ ବଜେଟ୍ ଉପସ୍ଥାପନା। ଲୋକସଭା



ଉପସ୍ଥାପନା ପରେ, ବଜେଟ୍‌ର ଏକ କପି ରାଜ୍ୟସଭାରେ ଉପସ୍ଥାପିତ ହେବ। ଅର୍ଥମନ୍ତ୍ରୀଙ୍କ ଭାଷଣ ପରେ ବଜେଟ୍ ଡକ୍ୟୁମେଣ୍ଟଗୁଡ଼ିକ ସରକାରୀ ମୋବାଇଲ୍ ଆପ୍ ଏବଂ ୱେବସାଇଟରେ ଉପଲବ୍ଧ ହେବ। ଏହି ବଜେଟରୁ ବେତନଭୋଗୀ କରଦାତାଙ୍କ ଆଶା ଅଧିକ ରହିଛି। ଯେଉଁମାନେ ବ୍ୟାପକ ଟିକସ ହ୍ରାସ ବଦଳରେ ସରଳୀକରଣ ମାଧ୍ୟମରେ ଆଶ୍ୱସ୍ତି ପାଇବାକୁ ଆଶା କରୁଛନ୍ତି। ମୁଦ୍ରାସ୍ଫୀତି, ଇଏମଆଇ ଏବଂ ବର୍ଦ୍ଧିତ ଜୀବନଯାପନ ଖର୍ଚ୍ଚର ଚାପ ହେତୁ ଘରୋଇ ବଜେଟ୍ ଉପରେ ସରକାର ଲକ୍ଷ୍ୟଭିତ୍ତିକ ସଂସ୍କାର ପ୍ରଦାନ କରୁଛନ୍ତି କି ନାହିଁ ତାହା ମଧ୍ୟବିତ୍ତ ବର୍ଗଙ୍କ ନିକଟରେ ଆଶାଆଶଙ୍କା ଘେରରେ ରଖିଛି।

## ଓଡ଼ିଶା ରେଳବାଇ କ୍ଷେତ୍ର ପାଇଁ ଆଶା

ଭୁବନେଶ୍ୱର,୩୧।୧: ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ଚଳିତ ଆର୍ଥିକ ବର୍ଷର ବଜେଟ ରବିବାର ଉପସ୍ଥାପନ କରିବାକୁ ଯାଉଛନ୍ତି। ତେବେ ରେଳ ବଜେଟ ଉପରେ ରହିଛି ଓଡ଼ିଶାର ନଜର । ବିଗତ ବର୍ଷ ଗୁଡ଼ିକରେ ଓଡ଼ିଶାକୁ ରେଳବାଇ କ୍ଷେତ୍ରରେ ଅଧିକ ବଣ୍ଟନ ହୋଇ ଆସୁଛି। ରେଳମନ୍ତ୍ରୀ ଓଡ଼ିଶାର ହୋଇଥିବାରୁ ଏଥର ଗୃହ ରାଜ୍ୟ ପାଇଁ କେତେ ଅଧିକ ଆବଣ୍ଟିତ କରାଇବେ ତାକୁ ନେଇ ବିଭିନ୍ନ ମହଲରେ କଳ୍ପନାଜଳ୍ପନା ଜାରି ରହିଛି । ସୂଚନାଯୋଗ୍ୟ ଯେ ରେଳବାଇ ବାବଦକୁ ୨୦୨୫-୨୬ ଆର୍ଥିକ ବର୍ଷରେ ମିଳିଥିଲା ୧୦, ୫୯୯ କୋଟି ଟଙ୍କାର ଅନୁଦାନ । ଏହା ପୂର୍ବରୁ ଅର୍ଥାତ୍ ୨୦୨୪-୨୫ ଆର୍ଥିକ ବର୍ଷରେ ୧୦, ୫୩୬ କୋଟି ଟଙ୍କାର ଅନୁଦାନ ମିଳିଥିଲା। ତଥ୍ୟାଭିଜ୍ଞ ମହଲରେ କୁହାଯାଇଛି ଯେ ଅନୁଦାନ ସତ୍ତ୍ୱେ କାମ ତ୍ୱରିତ ସରୁନାହିଁ ବରଂ ବହୁ ପ୍ରକଳ୍ପ ଅଧାପନ୍ତରିଆ ହୋଇ ରହୁଛି। ଅଧିକ ଅନୁଦାନ ସାଙ୍ଗକୁ କାର୍ଯ୍ୟ ତ୍ୱରିତ ଶେଷ ହେବା ପାଇଁ ଆନୁଷଙ୍ଗିକ ଦିଗରେ ତତ୍ପରତା ଅଧିକ ଲୋଡ଼ା ପଡୁଛି।

## ଆଇଏମ୍‌ଏଫ୍ ରିପୋର୍ଟ: ଜିଡିପି ଅଭିବୃଦ୍ଧି ଚୀନ ପଛକୁ ଭାରତ

ନୂଆଦିଲ୍ଲୀ,୩୧।୧: ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (ଆଇଏମଏଫ)ର ରିପୋର୍ଟ ବିଶ୍ୱ ଅର୍ଥନୈତିକ ମଞ୍ଚରେ ହଇଚଇ ସୃଷ୍ଟି କରିଛି। ରିପୋର୍ଟ ଅନୁଯାୟୀ, ୨୦୨୬ରେ ଆକଳନ କରାଯାଇଛି ଯେ, ବିଶ୍ୱର ପ୍ରକୃତ ମୋଟ ଘରୋଇ ଉତ୍ପାଦ (ଜିଡ଼ିପି) ଅଭିବୃଦ୍ଧିରେ ଚୀନ୍ ସବୁଠାରୁ ଅଧିକ ଯୋଗଦାନ ରହିବ। ସେଭଳି ଭାରତ ଦ୍ୱିତୀୟ ସ୍ଥାନରେ ରହିବ। ଏହି ସଂଖ୍ୟା ସୂଚାଇ ଦେଉଛି ଯେ ବିଶ୍ୱ ଅର୍ଥନୈତିକ ଦିଗ କ୍ରମଶଃ ଏସିଆ ଆଡକୁ ବଦଳୁଛି। ଦ୍ୱିତୀୟ ବିଶ୍ୱଯୁଦ୍ଧ ପରଠାରୁ ବିଶ୍ୱ ଅର୍ଥନୀତିରେ ପ୍ରାଧାନ୍ୟ ବିସ୍ତାର କରିଥିବା ଆମେରିକା ସ୍ଥିତି ଦିନକୁ ଦିନ ଖରାପ ହେବାରେ ଲାଗିଛି।ଆଇଏମ୍‌ଏଫ୍ ଦ୍ୱାରା ପ୍ରକାଶିତ ଆକଳନ ଅନୁଯାୟୀ, ୨୦୨୬ ରେ ବିଶ୍ୱ ଜିଡିପିରେ ଚୀନ୍ ୨୬.୬ ପ୍ରତିଶତ ଅବଦାନ ରଖିବ ବୋଲି ଆଶା କରାଯାଉଛି। ଚୀନ୍ ପରେ ଭାରତ ୧୭.୦ ପ୍ରତିଶତ ସହିତ ଦ୍ୱିତୀୟ ସ୍ଥାନରେ ରହିବ। ଆଶ୍ଚର୍ଯ୍ୟଜନକ ଭାବରେ, ଏହି ଦୁଇ ଦେଶ ମିଳିତ ଭାବରେ ବିଶ୍ୱର ମୋଟ ଜିଡିପି ଅଭିବୃଦ୍ଧିରେ ପ୍ରାୟ ୪୪ ପ୍ରତିଶତ ଅବଦାନ ଦେବେ। ଅନ୍ୟପକ୍ଷେ ଆମେରିକା ଏହି ସୂଚୀରେ ତୃତୀୟ ସ୍ଥାନକୁ ଖସି ଆସିଛି, ଯାହାର ଅବଦାନ କେବଳ ୯.୯ ପ୍ରତିଶତ ରହିବ।



## ଏଏସଓ ପରୀକ୍ଷା ଜାଲିଆତି: ୬ ବନ୍ଧାହେଲେ

କଟକ,୩୧।୧: ଓଡ଼ିଶା ହାଇକୋର୍ଟ ଏଏସ୍‌ଓ ପରୀକ୍ଷା ଜାଲିଆତି ମାମଲାରେ ୬ ଅଭିଯୁକ୍ତଙ୍କୁ କଟକ ଲାଲବାଗ ଥାନା ପୋଲିସ ଗିରଫ କରିଛି । ଅଭିଯୁକ୍ତଙ୍କ ମଧ୍ୟରେ ଜଣେ ମହିଳା ଅଛନ୍ତି। ୨୦୨୪ ଏଏସ୍‌ଓ ପରୀକ୍ଷାରେ ମଡେଲ ଉତ୍ତର ପ୍ରଘଟ ଘଟଣାରେ ଅଭିଯୁକ୍ତମାନଙ୍କର ସଂପୃକ୍ତି ରହିଥିବା କୁହାଯାଇଛି ।

## ୩ ବରିଷ୍ଠ ଆଇଏଏସ୍‌ଙ୍କୁ ପଦୋନ୍ନତି

ଭୁବନେଶ୍ୱର,୩୧।୧: ୩ ବରିଷ୍ଠ ଆଇଏଏସଙ୍କୁ ଏସିଏସ ପାହ୍ୟା ମିଳିଛି। ଶାଶ୍ୱତ ମିଶ୍ର ଅତିରିକ୍ତ ମୁଖ୍ୟ ଶାସନ ସଚିବ,ସେହିପରି ବିଶାଳ ଦେବ ଓ ଉଷା ପାଢୀଙ୍କୁ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପାହ୍ୟାକୁ ପଦୋନ୍ନତି ଦିଆଯାଇଛି। ଏ ନେଇ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ସେହିପରି ଆଇଏଏସ ବୀର ବିକ୍ରମ ଯାଦବଙ୍କୁ ମଧ୍ୟ ପଦୋନ୍ନତି ମିଳିଛି ।

## ଡା. ମୁରୁଗେସାନ ହେଲେ ପିସିସିଏଫ୍ ମୁଖ୍ୟ



ଭୁବନେଶ୍ୱର,୩୧।୧: ଭାରତୀୟ ବନ ସେବା ଅଧିକାରୀ ଡାକ୍ତର କେ. ମୁରୁଗେସାନ ପ୍ରମୁଖ ମୁଖ୍ୟ ବନ ସଂରକ୍ଷକ (ପିସିସିଏଫ୍) ଭାବେ ନିଯୁକ୍ତି ପାଇଛନ୍ତି । ରାଜ୍ୟ ସରକାର ଡାକ୍ତର ମୁରୁଗେସନଙ୍କୁ ପିସିସିଏଫ୍ ମୁଖ୍ୟ ଏବଂ ବନ ବାହିନୀର ମୁଖ୍ୟ ରୂପେ ଶନିବାର ନିଯୁକ୍ତି ଦେଇଛନ୍ତି । ରାଜ୍ୟପାଳଙ୍କ ନିର୍ଦ୍ଦେଶକ୍ରମେ ଅତିରିକ୍ତ ସଚିବ ଦେବାଶିଷ ସିଂହ ଏହି ନିର୍ଦ୍ଦେଶରେ ସ୍ୱାକ୍ଷର କରିବା ସହିତ ସାଧାରଣ ପ୍ରଶାସନ ଏବଂ ସାଧାରଣ ଅଭିଯୋଗ ବିଭାଗ ଦ୍ୱାରା ଏହି ବିଜ୍ଞପ୍ତି ଜାରି କରାଯାଇଛି । ଡାକ୍ତର କେ. ମୁରୁଗେସାନ ୧୯୯୪ ବ୍ୟାଚ୍‌ର ବରିଷ୍ଠ ଆଇଏଫ୍‌ଏସ୍ ଅଧିକାରୀ ଅଟନ୍ତି । ଡାକ୍ତର ମୁରୁଗେସନ ଓଡ଼ିଶାର ବନ ପ୍ରଶାସନର ନେତୃତ୍ୱ ନେଇ ରାଜ୍ୟ ସାରା ସଂରକ୍ଷଣ, ବନୀକରଣ, ବନ୍ୟପ୍ରାଣୀ ସୁରକ୍ଷା ଏବଂ ଜଳବାୟୁ ପରିବର୍ତ୍ତନ ପଦକ୍ଷେପଗୁଡ଼ିକର ତଦାରଖ କରିବାର ଦାୟିତ୍ୱ ଗ୍ରହଣ କରିବେ । ଡାକ୍ତର କେ. ମୁରୁଗେସାନ ୧୯୯୪ ବ୍ୟାଚ୍‌ର ବରିଷ୍ଠ ଆଇଏଫ୍‌ଏସ୍ ଅଧିକାରୀ ଅଟନ୍ତି। ପୂର୍ବରୁ ବନ ବିଭାଗ ଅନେକ ଗୁରୁତ୍ୱପୂର୍ଣ୍ଣ ପଦପଦବୀ ସେ ସମ୍ଭାଳିଛନ୍ତି ।

### ସନ୍ଦର୍ଭ ପୁସ୍ତକ ଉନ୍ମୋଚନ କଲେ ମୁଖ୍ୟମନ୍ତ୍ରୀ

## ଯୁକ୍ତ ୨ ପିଲା ଓଡ଼ିଆରେ ପଢ଼ିବେ ବିଜ୍ଞାନ ପାଠ

ଭୁବନେଶ୍ୱର,୩୧।୧: ଏବେ ଏକାଦଶ ଶ୍ରେଣୀର ବିଜ୍ଞାନ ପିଲା ଇଂରାଜୀ ବଦଳରେ ଓଡ଼ିଆରେ ପଢ଼ିପାରିବେ । ଶନିବାର ଲୋକସେବା ଭବନଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓଡ଼ିଆ ଭାଷାରେ ପ୍ରସ୍ତୁତ ଏକାଦଶ ଶ୍ରେଣୀ ବିଜ୍ଞାନ ଛାତ୍ରଛାତ୍ରୀଙ୍କ ପାଇଁ ସନ୍ଦର୍ଭ ପୁସ୍ତକ ଉନ୍ମୋଚନ କରିଛନ୍ତି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ପ୍ରସ୍ତୁତ ଏହି ପୁସ୍ତକଗୁଡିକ ମଧ୍ୟରେ ଗଣିତ, ପଦାର୍ଥ ବିଜ୍ଞାନ, ରସାୟନ ବିଜ୍ଞାନ ଓ ଜୀବ ବିଜ୍ଞାନକୁ ମୁଖ୍ୟମନ୍ତ୍ରୀ ଉନ୍ମୋଚନ କରିଛନ୍ତି । ଓଡ଼ିଆ ଭାଷାରେ ଏହିଭଳି ବହି ଆଗରୁ ନ ଥିବାରୁ ରାଜ୍ୟ ସରକାର ପ୍ରତ୍ୟେକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟକୁ ୧୦ ରୁ ୨୦ ଟି ବହି ଯୋଗାଇ ଦେବା ପାଇଁ ନିଷ୍ପତ୍ତି ନେଇଛନ୍ତି । ଉଚ୍ଚଶିକ୍ଷା ବିଦ୍ୟାଳୟର ଗ୍ରନ୍ଥାଳୟରେ ଏହି ବହି ଉପଲବ୍ଧ ହେବ ଓ ପିଲାମାନେ ଏହାକୁ ପଢ଼ି ପାରିବେ। ଏହି ପୁସ୍ତକଗୁଡ଼ିକ ପ୍ରତ୍ୟେକ ଜିଲ୍ଲାର ସଦର ମହକୁମାରେ ବିଭିନ୍ନ ଦୋକାନରେ ଉପଲବ୍ଧ ହେବା ପାଇଁ ଓଡ଼ିଆ ଅଧ୍ୟୟନ ଓ ଗବେଷଣା ସଂସ୍ଥା ପ୍ରଚେଷ୍ଟା କରିବ । ଏହି ପୁସ୍ତକ ସମୁଦାୟ ୭୦୦ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୧,୨୦, ୦୦୦ ଛାତ୍ରଛାତ୍ରୀଙ୍କ ପାଇଁ ଉପଲବ୍ଧ ହେବ ବୋଲି ସୂଚନା ମିଳିଛି । ପରବର୍ତ୍ତୀ ପର୍ଯ୍ୟାୟରେ ଦ୍ୱାଦଶ ଶ୍ରେଣୀ ପାଇଁ ମଧ୍ୟ ଓଡ଼ିଆ ଭାଷାରେ ବିଜ୍ଞାନ ପୁସ୍ତକ ପ୍ରସ୍ତୁତ କରିବାର ଯୋଜନା ରହିଛି । ଫଳରେ ପ୍ରାଥମିକ ଶିକ୍ଷାରୁ ଉଚ୍ଚ ବୈଷୟିକ ଶିକ୍ଷା ପର୍ଯ୍ୟନ୍ତ ପ୍ରତ୍ୟେକ ସ୍ତରର ଛାତ୍ରଛାତ୍ରୀମାନଙ୍କ ପାଇଁ ଓଡ଼ିଆ ଭାଷାରେ ସନ୍ଦର୍ଭ ପୁସ୍ତକ ଉପଲବ୍ଧ କରିବା ପାଇଁ ଏକ ବଳିଷ୍ଠ ପଦକ୍ଷେପ ହେବ। କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ଆଇନ, ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ବାଣିଜ୍ୟ ଓ ପରିବହନ, ଇସ୍ପାତ ଓ ଖଣି ମନ୍ତ୍ରୀ ବିଭୂତି ଭୁଷଣ ଜେନା ଓ ଅନ୍ୟମାନେ ଉପସ୍ଥିତ ଥିଲେ।



## ସୁନାରୁପା ଭାଉ ପୁଣି ଖସିଲା

ନୂଆଦିଲ୍ଲୀ/ଭୁବନେଶ୍ୱର, ୩୧।୧: ଶନିବାର ପୁଣି ତଳମୁହାଁ ହୋଇଛି ସୁନା ରୁପା ଦର। ଲଗାତାର ଦ୍ୱିତୀୟ ଦିନରେ ସୁନାରୁପା ଭାଉ ଖସିଛି। ୨୪ କ୍ୟାରେଟ୍ ସୁନା ଦର ୮ହଜାର ୬୨୦ ଟଙ୍କା ହ୍ରାସ ପାଇଛି । ଗତ କାଲି ସୁନା ଦର ୧୦ ଗ୍ରାମ ପିଛା ୨୪କ୍ୟାରେଟ୍ ସୁନା ଦର ୧ ଲକ୍ଷ ୬୯ ହଜାର ୨୦୦ ଟଙ୍କା ଥିବା ବେଳେ ଶନିବାର ୧ ଲକ୍ଷ ୬୦ ହଜାର ୫୮୦ ଟଙ୍କା ହୋଇଛି। ସେହିପରି ୨୨ କ୍ୟାରେଟ୍ ସୁନା ଦର ଗତ କାଲି ୧ ଲକ୍ଷ ୫୫ ହଜାର ୧୦୦ ଟଙ୍କା ଥିବା ବେଳେ ଆଜି ୭୯୦୦ ଟଙ୍କା କୁ ଖସି ହୋଇଛି ୧ ଲକ୍ଷ ୪୭ ହଜାର ୨୦୦ ଟଙ୍କା। ଅନ୍ୟପକ୍ଷେ ଦଶନ୍ଧିରେ ସର୍ବାଧିକ ଖସିଛି ରୁପା ଦର। ଆଜି ଗୋଟିଏ ଦିନରେ ରୁପା କେଜି ପିଛା ୫୫ ହଜାର ହ୍ରାସ ପାଇଛି। ଗତକାଲି ରୁପା ଦର ୪ ଲକ୍ଷ ୫ ହଜାର ଟଙ୍କା ଥିବାବେଳେ ଆଜି ୩ ଲକ୍ଷ ୫୦ ହଜାର ଟଙ୍କାରେ ପହଞ୍ଚିଛି।

### ଚାଳକ ଥିଲା ମାତାଲ !

## ଟ୍ରକ ସାଜିଲା ଯମଦୂତ, ନେଲା ୫ ଜୀବନ

ବ୍ରହ୍ମପୁର,୩୧।୧(ନିପ୍ର): ବ୍ରହ୍ମପୁର ସହର ହଳଦିଆପଦର ଛକ ନିକଟରେ ଏକ ଭୟଙ୍କର ସଡ଼କ ଦୁର୍ଘଟଣା ଘଟିଛି । ଶନିବାର ଅପରାହ୍ନରେ ୧୬ ନମ୍ବର ଜାତୀୟ ରାଜପଥ ହଳଦିଆପଦର ଓଭରବ୍ରିଜରେ ତିନୋଟି ବାଇକକୁ ଧକ୍କା ଦେଇଥିଲା ଏକ ଟ୍ରକ୍ । ଫଳରେ ୫ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ୬ ଗୁରୁତର ହୋଇଛନ୍ତି । ସମସ୍ତଙ୍କୁ ବ୍ରହ୍ମପୁର ଏମକେସିଜି ମେଡ଼ିକାଲରେ ଭର୍ତ୍ତି କରାଯାଇଛି । ଦକ୍ଷିଣାଞ୍ଚଳ ଆଇଜି ନୀତି ଶେଖରଙ୍କ ସୂଚନା ମୁତାବକ, ଏକ ଟ୍ରକ୍ ହଳଦିଆପଦର ଛକ ନିକଟସ୍ଥ ଓଭରବ୍ରିଜ୍ ନିକଟରେ ଏକ ଦ୍ରୁତଗାମୀ ଟ୍ରକ୍ ଭୁଲ ପାର୍ଶ୍ୱରେ ଆସି ତିନୋଟି ବାଇକୁ ଧକ୍କା ଦେଇ ପ୍ରାୟ ଶହେ ମିଟର୍ ପର୍ଯ୍ୟନ୍ତ ଘୋଷାଡ଼ି ନେଇଥିଲା । ଫଳରେ ଘଟଣା ସ୍ଥଳରେ ହିଁ ୪ ଜଣଙ୍କର ପ୍ରାଣବାୟୁ ଉଡ଼ିଯାଇଥିଲା । ତୁରନ୍ତ ସ୍ଥାନୀୟ ଲୋକେ ଏବଂ ପୋଲିସ ସମସ୍ତଙ୍କୁ ଉଦ୍ଧାର କରି ମେଡ଼ିକାଲରେ ଭର୍ତ୍ତି କରିଥିଲେ । ମେଡ଼ିକାଲରେ ଡାକ୍ତର ଆଉ ଜଣଙ୍କୁ ମୃତ ଘୋଷଣା କରିଥିଲେ । ସମସ୍ତେ ପୁରୁଷ ଅଟନ୍ତି । ଅନ୍ୟ ୬ ଜଣଙ୍କ ଅବସ୍ଥା ସଂକଟାପନ୍ନ ରହିଛି । ଦୁର୍ଘଟଣା ଘଟାଇବା ପରେ ଟ୍ରକ୍ ଡ୍ରାଇଭର୍ ଗାଡି ଛାଡ଼ି ଚମ୍ପଟ୍ ମାରିଥିଲା। ଟ୍ରକ ଚାଳକ ମଦ ପିଇ ନିଶାଗ୍ରସ୍ତ ହୋଇ ଟ୍ରକ ଚଳାଉଥିଲା ବୋଲି କୁହାଯାଇଛି। ପରେ ପୁଲିସ ତାକୁ କାବୁ କରିବାରେ ସଫଳ ହୋଇଥିଲା। ଦୁର୍ଘଟଣା ନେଇ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଗଭୀର ଶୋକ ପ୍ରକାଶ କରିଛନ୍ତି। ମୃତକଙ୍କ ପରିବାରକୁ ୪ ଲକ୍ଷ ଲେଖାଏଁ ସହାୟତା ରାଶି ଘୋଷଣା କରିଛନ୍ତି। ଏହା ସହ ମୃତକଙ୍କ ପରିବାର ପ୍ରତି ସମବେଦନା ଜଣାଇବା ସହ ସମସ୍ତ ଆହତଙ୍କୁ ଉତ୍ତମ ଚିକିତ୍ସା ଯୋଗାଇବାକୁ ନିର୍ଦ୍ଦେଶ ଦେଇଛନ୍ତି।



# ମାତା କୈକେୟୀ

କୈକେୟୀ, ହିନ୍ଦୁ ମହାକାବ୍ୟ ରାମାୟଣରେ କେକେୟଙ୍କ ରାଜକୁମାରୀ ଏବଂ କୋଶଳର ରାଣୀ। କୈକେୟୀ ହେଉଛନ୍ତି ରାଜା ଦଶରଥଙ୍କ ତୃତୀୟ ଏବଂ ପ୍ରିୟ ପତ୍ନୀ, ଯିଏ କୋଶଳକୁ ଏହାର ରାଜଧାନୀ ଅଯୋଧ୍ୟାରୁ ଶାସନ କରିଥିଲେ। ସେ ଭରତଙ୍କ ମାତା। ଦଶରଥଙ୍କ ତିନି ପତ୍ନୀଙ୍କ ମଧ୍ୟରୁ, କୈକେୟୀ ସବୁଠାରୁ ଅଧିକ ପ୍ରଭାବ ପକାଇଥାନ୍ତି। ପୂର୍ବରୁ କେକେୟର ରାଜକୁମାରୀ, ସେ ଯୁଦ୍ଧ ସମୟରେ ତାଙ୍କ ସ୍ୱାମୀଙ୍କ ପାଇଁ ଜଣେ ଦକ୍ଷ ପରାମର୍ଶଦାତା ଭାବରେ କାର୍ଯ୍ୟ କରିଥିଲେ ବୋଲି ବର୍ଣ୍ଣନା କରାଯାଇଛି। ପ୍ରାରମ୍ଭରେ ତାଙ୍କ ସାବତପୁତ୍ର ରାଜକୁମାର ରାମଙ୍କ ପ୍ରତି ପ୍ରେମ ଏବଂ ମାତୃଭାବରେ, କୈକେୟୀଙ୍କ ମନ ତାଙ୍କ ଦାସୀ ମନ୍ଥରା ଦ୍ୱାରା ବିଷାକ୍ତ ହୋଇଯାଏ। ତାଙ୍କ ପ୍ରଭାବରେ, ରାମଙ୍କୁ ଚଉଦ ବର୍ଷ ପାଇଁ ବନବାସ ପଠାଯାଏ।

## ଜନ୍ମ ଏବଂ ପ୍ରାରମ୍ଭିକ ଜୀବନ:

କୈକେୟୀଙ୍କ ଜନ୍ମ ତାଙ୍କ ମାତାଙ୍କ ନିର୍ବାସନର କିଛି ସମୟ ପୂର୍ବରୁ କେକେୟର ରାଜା ଅଶ୍ୱପତିଙ୍କ ଘରେ ହୋଇଥିଲା। ତାଙ୍କର ଏକମାତ୍ର ମାତୃତ୍ୱ ତାଙ୍କର କୁଞ୍ଚିତ ଧାତ୍ରୀ, ମନ୍ଥରା ସହିତ ହୋଇଥିଲା। ତାଙ୍କର ଯମଜ ଯୁଦ୍ଧାଜିତଙ୍କ ସମେତ ସାତ ଭାଇଙ୍କ ସହିତ ସେ ପାଳିତ ହୋଇଥିଲେ।

## ଦଶରଥଙ୍କ ଦ୍ୱାରା ବରଦାନ:

ଦେବ ଏବଂ ଅସୁରଙ୍କ ମଧ୍ୟରେ ଏକ ଯୁଦ୍ଧରେ, ଦଶରଥ କୈକେୟୀଙ୍କ ସହିତ ଦେବଲୋକକୁ ଯାତ୍ରା କରିଥିଲେ, ଯାହାଦ୍ୱାରା ଇନ୍ଦ୍ର ଅସୁରଙ୍କ ବିରୁଦ୍ଧରେ ଯୁଦ୍ଧ କରିପାରିବେ। ଶମ୍ବର ଏବଂ ତାଙ୍କ ଅସୁର ସୈନ୍ୟବାହିନୀ ଦ୍ୱାରା ନିଯୁକ୍ତ ଯାଦୁବିଦ୍ୟା ଯୋଗୁଁ ଦେବମାନେ ଅସୁବିଧାରେ ପଡ଼ିଥିଲେ। ରଥରେ ଚଢ଼ି ଦଶରଥ ଏକ ସମୟରେ ଦଶ ଦିଗରେ ଅସୁରଙ୍କ ସହିତ ମୁହାଁମୁହିଁ ହୋଇଥିଲେ। ଏହି ଯୁଦ୍ଧରେ, ତାଙ୍କ ରଥକୁ ଦ୍ରୁତ ଗତିରେ ପ୍ରତ୍ୟେକ ଦିଗକୁ ବୁଲାଇବାକୁ ପଡିଥିଲା। ଯୁଦ୍ଧ ସମୟରେ, ଗୋଟିଏ ଚକର ବୋଲ୍ଟ ଖସିଗଲା, ଏବଂ ଚକଟି ଅଲଗା ହେବାକୁ ଯାଉଥିଲା ଯେତେବେଳେ କୈକେୟୀ ବୋଲ୍ଟର ଗାତରେ ତାଙ୍କର ବୁଢ଼ା ଆଙ୍ଗୁଠି ପୂରାଇ ରଥକୁ ସ୍ଥିର ରଖିଲେ। ରାଜା ଏହା ଜାଣିବା ପରେ, ସେ ଖୁସି ହୋଇ ତାଙ୍କୁ ଦୁଇଟି ବରଦାନ ଦେଲେ। ରାଣୀ କହିଲେ ଯେ ସେ ଭବିଷ୍ୟତରେ ସେହି ଦୁଇଟି ବର ମାଗିବେ, କାରଣ ସେ ସେତେବେଳେ ଏବଂ ସେଠାରେ କିଛି ଚାହୁଁ ନଥିଲେ।

## ମନ୍ଥରାଙ୍କ ପ୍ରଭାବ ଏବଂ ରାମଙ୍କ ନିର୍ବାସନ:

ପ୍ରାଚୀନ ପରମ୍ପରା ଅନୁଯାୟୀ, ଦଶରଥ, ରାଜ ସଭାର ଅନୁମୋଦନ ସହିତ, ରାମଙ୍କୁ ତାଙ୍କର ଉତ୍ତରାଧିକାରୀ ଭାବରେ ମନୋନୀତ କରିଥିଲେ। କୈକେୟୀ ରାଜ୍ୟାଭିଷେକ ସମୟରେ ଯଦି ତାଙ୍କ ନିଜ ପୁଅ ହୋଇଥାନ୍ତେ ତେବେ ସେ ବହୁତ ଖୁସି ହୋଇଥାନ୍ତେ। କିନ୍ତୁ, କୈକେୟୀଙ୍କ ଧାତ୍ରୀ ମନ୍ଥରା ଭୟ କରୁଥିଲେ ଯେ ଯଦି ରାମ ସିଂହାସନ ଆରୋହଣ କରନ୍ତି ତେବେ କୈକେୟୀ ରାଜଦରବାରରେ ମୁଖ୍ୟ ରାଣୀ ଭାବରେ ତାଙ୍କର ପଦବୀ ହରାଇବେ, କାରଣ କୌଶଲ୍ୟା ଏହିପରି ରାଣୀମା ହୋଇଯାଆନ୍ତି, ସେ ସମସ୍ୟା ସୃଷ୍ଟି କରିବାକୁ ନିଷ୍ପତ୍ତି ନେଇଥିଲେ। ସେ କୈକେୟୀଙ୍କୁ ମନେ ପକାଇ ଦେଇ କୈକେୟୀଙ୍କ ଈର୍ଷା ଏବଂ କୌଶଲ୍ୟାଙ୍କ ପ୍ରତି ଈର୍ଷାକୁ







ପ୍ରୋତ୍ସାହିତ କରିବାକୁ ଚେଷ୍ଟା କରିଥିଲେ। ତାଙ୍କ ପୁତ୍ରର ରାଜ୍ୟାଭିଷେକ କୌଶଲ୍ୟାଙ୍କୁ ଦଶରଥଙ୍କ ରାଣୀମାନଙ୍କ ମଧ୍ୟରୁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଭାବରେ ତାଙ୍କର ପୂର୍ବ ପଦବୀ ଦେବ ଏବଂ ଭାରତକୁ ସବୁଦିନ ପାଇଁ ଉତ୍ତରାଧିକାରୀ ସୀମାରୁ କାଟିଦେବ। କିନ୍ତୁ ସେତେବେଳେ କୈକେୟୀଙ୍କ ଉପରେ ଏହାର କୌଣସି ପ୍ରଭାବ ପଡ଼ିନଥିଲା। ପରେ ମନ୍ଥରା ଦଶରଥଙ୍କ ଦ୍ୱାରା ବର୍ଷ ବର୍ଷ ପୂର୍ବରୁ ତାଙ୍କୁ ଦିଆଯାଇଥିବା ଦୁଇଟି ବର ଦାବି କରିବାକୁ କୈକେୟୀଙ୍କୁ ରାଜି କରାଇଲେ। ରାଜା ଦଶରଥ ସେଗୁଡ଼ିକୁ ପୂରଣ କରିବାକୁ ବାଧ ହୋଇଥିଲେ। କୈକେୟୀ ଦାବି କରିଥିଲେ ଯେ ଭରତଙ୍କୁ ରାଜା ଅଭିଷିକ୍ତ କରାଯାଉ ଏବଂ ରାମଙ୍କୁ ଚଉଦ ବର୍ଷ ପାଇଁ ବନକୁ ପଠାଯାଉ।

# ମନ୍ଦୋଦରୀ

## ଲଙ୍କାର ରାଜା ରାବଣଙ୍କ ରାଣୀ

ହିନ୍ଦୁ ମହାକାବ୍ୟ ରାମାୟଣ ଅନୁସାରେ, ମନ୍ଦୋଦରୀ ଲଙ୍କାର ରାଜା ରାବଣଙ୍କ ରାଣୀ ପତ୍ନୀ ଥିଲେ। ରାମାୟଣ ତାଙ୍କୁ ସୁନ୍ଦର, ଧାର୍ମିକ ଏବଂ ଧାର୍ମିକ ଭାବରେ ବର୍ଣ୍ଣନା କରେ। ତାଙ୍କୁ ପଞ୍ଚକନ୍ୟାମାନଙ୍କ ମଧ୍ୟରୁ ଜଣେ ଭାବରେ ପ୍ରଶଂସା କରାଯାଏ, ଯାହାଙ୍କ ନାମର ଆବୃତ୍ତି ପାପ ଦୂର କରେ ବୋଲି ବିଶ୍ୱାସ କରାଯାଏ। ମନ୍ଦୋଦରୀ ଅସୁର (ଦାନବ) ଏବଂ ଅପସରା (ସ୍ୱର୍ଗୀୟ ଅପସ୍ମାର) ହେମାଙ୍କ କନ୍ୟା ଥିଲେ। ସେ ରାବଣଙ୍କୁ ବିବାହ କରନ୍ତି ଏବଂ ଚାରି ପୁତ୍ର ଜନ୍ମ କରନ୍ତି: ମେଘନାଦ (ଇନ୍ଦ୍ରଜିତ), ଅହିରାବଣ, ଅତିକାୟ ଏବଂ ଅକ୍ଷୟକୁମାର। ତାଙ୍କ ସ୍ୱାମୀଙ୍କ ଦୋଷ ସତ୍ତ୍ୱେ, ମନ୍ଦୋଦରୀ ତାଙ୍କୁ ଭଲ ପାଆନ୍ତି ଏବଂ ଧାର୍ମିକତାର ପଥ ଅନୁସରଣ କରିବାକୁ ପରାମର୍ଶ ଦିଅନ୍ତି। ସେ ବାରମ୍ବାର ରାବଣକୁ ସୀତାଙ୍କୁ ରାମଙ୍କ ନିକଟକୁ ଫେରାଇ ଦେବାକୁ ପରାମର୍ଶ ଦିଅନ୍ତି, କିନ୍ତୁ ତାଙ୍କ ପରାମର୍ଶ ବଧିର କାନରେ ପଡ଼ିଯାଏ। ରାମାୟଣରେ ରାବଣଙ୍କ ପ୍ରତି ତାଙ୍କର ପ୍ରେମ ଏବଂ ବିଶ୍ୱସ୍ତତାର ପ୍ରଶଂସା କରାଯାଇଛି। ରାମାୟଣର ଏକ ସଂସ୍କରଣରେ, ହନୁମାନ ତାଙ୍କୁ କୌଶଳରେ ରାମ ରାବଣଙ୍କୁ ହତ୍ୟା କରିବା ପାଇଁ ବ୍ୟବହାର କରୁଥିବା ଏକ ଯାଦୁକରୀ ତୀରର ସ୍ଥାନ ପ୍ରକାଶ କରିବାକୁ ପ୍ରବର୍ତ୍ତାନ୍ତି। ରାମାୟଣର ଅନେକ ସଂସ୍କରଣରେ କୁହାଯାଇଛି ଯେ ରାବଣର ମୃତ୍ୟୁ ପରେ, ବିଭୀଷଣ - ରାବଣଙ୍କ ସାନ ଭାଇ ଯିଏ ରାମଙ୍କ ସହ ମିଶିଥାନ୍ତି, ସେ ମନ୍ଦୋଦରୀଙ୍କ ପରାମର୍ଶରେ ଏପରି କରନ୍ତି।

## ଜନ୍ମ ଏବଂ ପ୍ରାରମ୍ଭିକ ଜୀବନ:

ରାମାୟଣର ଉତ୍ତରା କାଣ୍ଡରେ ଉଲ୍ଲେଖ ଅଛି ଯେ ମାୟାସୁର ସ୍ୱର୍ଗ (ସ୍ୱର୍ଗ) ପରିଦର୍ଶନ କରିଥିଲେ, ଯେଉଁଠାରେ ଦେବତାମାନେ ତାଙ୍କୁ ଅପସରା ହେମାଙ୍କୁ ଦେଇଥିଲେ। ସେମାନଙ୍କର ଦୁଇ ପୁଅ, ମାୟାବୀ ଏବଂ ଦୁନ୍ଦୁଭି ଏବଂ ଗୋଟିଏ ଝିଅ, ମନ୍ଦୋଦରୀ ଥିଲେ। ପରେ, ହେମା ସ୍ୱର୍ଗକୁ ଫେରିଗଲେ; ମନ୍ଦୋଦରୀ ଏବଂ ତାଙ୍କ ଭାଇଭଉଣୀମାନେ ସେମାନଙ୍କ ପିତାଙ୍କ ପାଖରେ ରହିଗଲେ। ମନ୍ଦୋଦରୀଙ୍କ ଜନ୍ମ ବିଷୟରେ ବିଭିନ୍ନ ବର୍ଣ୍ଣନା ଅଛି। ତେଲୁଗୁ ଗ୍ରନ୍ଥ ଉତ୍ତରା ରାମାୟଣରେ ଉଲ୍ଲେଖ ଅଛି ଯେ ମାୟାସୁର ଅପସରା ହେମାଙ୍କ ସହିତ ବିବାହ କରିଛନ୍ତି। ସେମାନଙ୍କର ଦୁଇଟି ପୁଅ, ମାୟାବୀ ଏବଂ ଦୁନ୍ଦୁଭି ଅଛନ୍ତି, କିନ୍ତୁ ସେମାନେ ଏକ କନ୍ୟା ପାଇଁ ଆଗ୍ରହୀ, ତେଣୁ ସେମାନେ ଦେବତା ଶିବଙ୍କ କୃପା ପାଇବା ପାଇଁ ତପସ୍ୟା କରିବା ଆରମ୍ଭ କରନ୍ତି। ଏହି ସମୟରେ, ମଧୁରା ନାମକ ଏକ ଅପସରା ଶିବଙ୍କ ବାସସ୍ଥାନ କୈଳାସ ପର୍ବତରେ ପହଞ୍ଚି ତାଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରନ୍ତି। ତାଙ୍କ ପତ୍ନୀ ପାର୍ବତୀଙ୍କ ଅନୁପସ୍ଥିତିରେ, ମଧୁରା ଦେବତାଙ୍କ ସହିତ ପ୍ରେମ କରନ୍ତି। ପାର୍ବତୀ ଫେରି ଆସିବା ପରେ, ସେ ମଧୁରାଙ୍କ ଛାତିରେ ତାଙ୍କ ସ୍ୱାମୀଙ୍କ ଶରୀରରୁ ପାଉଁଶର ଚିହ୍ନ ପାଆନ୍ତି। ଏଥିରେ ଉତ୍ତେଜିତ ହୋଇ ପାର୍ବତୀ ମଧୁରାଙ୍କୁ ଅଭିଶାପ ଦିଅନ୍ତି ଏବଂ ତାଙ୍କୁ ବାର ବର୍ଷ ପାଇଁ ଏକ କୂଅରେ ବେଙ୍ଗ ଭାବରେ ରହିବାକୁ ପଠାନ୍ତି। ଶିବ ମଧୁରାଙ୍କୁ କହିଥିଲେ ଯେ ସେ ଜଣେ ସୁନ୍ଦରୀ ମହିଳା ହେବେ ଏବଂ ଜଣେ ମହାନ ବୀର ପୁରୁଷଙ୍କ ସହିତ ବିବାହ କରିବେ। ବାର ବର୍ଷ ପରେ, ମଧୁରା ପୁଣି ଏକ ସୁନ୍ଦରୀ କନ୍ୟା ହୋଇ କୂଅରୁ ଜୋରରେ ଡାକୁଛନ୍ତି। ପାଖରେ ତପସ୍ୟା କରୁଥିବା ମାୟାସୁର ଏବଂ ହେମା ତାଙ୍କ ଡାକରାକୁ ଉତ୍ତର ଦିଅନ୍ତି ଏବଂ ତାଙ୍କୁ ନିଜ କନ୍ୟା ଭାବରେ ଗ୍ରହଣ କରନ୍ତି। ସେମାନେ ତାଙ୍କୁ ମନ୍ଦୋଦରୀ ଭାବରେ ପାଳନ କରନ୍ତି। ଏହି ସଂସ୍କରଣରେ, ରାକ୍ଷସ-ରାଜା ରାବଣ ଏବଂ ମନ୍ଦୋଦରୀଙ୍କ ପୁତ୍ର ମେଘନାଦ ମନ୍ଦୋଦରୀଙ୍କ ଶରୀରରେ ନିହିତ ଶିବଙ୍କ ବୀଜରୁ ଉତ୍ପନ୍ନ ହୋଇଥିବା କୁହାଯାଏ।





## ରାବଣଙ୍କ ସହିତ ବିବାହ:

ରାବଣ ମାୟାସୁରର ଘରକୁ ଆସି ମନ୍ଦୋଦରୀଙ୍କ ପ୍ରେମରେ ପଡ଼ିଯାଆନ୍ତି। ମନ୍ଦୋଦରୀ ଏବଂ ରାବଣ ଖୁବ୍ ଶୀଘ୍ର ବୈଦିକ ରୀତିନୀତି ସହିତ ବିବାହ କରନ୍ତି। ମନ୍ଦୋଦରୀ ରାବଣଙ୍କ ତିନି ପୁତ୍ର ଜନ୍ମ କରନ୍ତି: ମେଘନାଦ (ଇନ୍ଦ୍ରଜିତ), ଅତିକାୟ ଏବଂ ଅକ୍ଷୟକୁମାର। ଯୋଧପୁରରୁ ୯ କିଲୋମିଟର ଉତ୍ତରରେ ଅବସ୍ଥିତ ଏକ ସହର ମାଣ୍ଡୋରକୁ ମନ୍ଦୋଦରୀଙ୍କ ଜନ୍ମସ୍ଥାନ ବୋଲି ବିଶ୍ୱାସ କରାଯାଏ। କିଛି ସ୍ଥାନୀୟ ବ୍ରାହ୍ମଣଙ୍କ ମଧ୍ୟରେ ରାବଣଙ୍କୁ ଜାମାତା ଭାବରେ ବ୍ୟବହାର କରାଯାଏ ଏବଂ ଏଠାରେ ତାଙ୍କ ପାଇଁ ଏକ ମନ୍ଦିର ମଧ୍ୟ ଅଛି। ରାବଣର ଦୋଷ ସତ୍ତ୍ୱେ, ମନ୍ଦୋଦରୀ ତାଙ୍କୁ ଭଲ ପାଆନ୍ତି ଏବଂ ତାଙ୍କ ଶକ୍ତି ଉପରେ ଗର୍ବିତ। ସେ ରାବଣଙ୍କ ମହିଳାଙ୍କ ପ୍ରତି ଦୁର୍ବଳତା ବିଷୟରେ ଅବଗତ। ଜଣେ ଧାର୍ମିକ ମହିଳା, ମନ୍ଦୋଦରୀ ରାବଣଙ୍କୁ ଧାର୍ମିକତା ଆଡ଼କୁ ନେଇଯିବାକୁ ଚେଷ୍ଟା କରନ୍ତି, କିନ୍ତୁ ରାବଣ ସର୍ବଦା ତାଙ୍କ ପରାମର୍ଶକୁ ଅଣଦେଖା କରନ୍ତି। ସେ ତାଙ୍କୁ ନବଗ୍ରହ, ନଅଟି ସ୍ୱର୍ଗୀୟ ପ୍ରାଣୀଙ୍କୁ ବଶ ନକରିବାକୁ ଏବଂ ସୀତା ଭାବରେ ପୁନର୍ଜନ୍ମ ଗ୍ରହଣ କରି ରାବଣର ବିନାଶ ଘଟାଇବେ ବୋଲି ବେଦବତୀଙ୍କୁ ପ୍ରଲୋଭିତ ନ କରିବାକୁ ପରାମର୍ଶ ଦିଅନ୍ତି।

## ସାକାର ଓ ନିରାକାର

# ଉପାସନା

ରାମାୟଣରେ ତିନୋଟି କଥା କୁହାଯାଇଛି। ଗୋଟିଏ ହେଉଛି ବ୍ୟକ୍ତିତତ୍ତ୍ୱ, କୁଟୁମ୍ବତତ୍ତ୍ୱ ଓ ଶେଷରେ ସମାଜତତ୍ତ୍ୱ। ଏଗୁଡ଼ିକ ରାମାୟଣର ମୌଳିକ ତତ୍ତ୍ୱ। ବ୍ୟକ୍ତିତତ୍ତ୍ୱ ହେଉଛି ଅନ୍ତରଭିତରେ ଦିବ୍ୟତ୍ୱର ପରିପ୍ରକାଶ। ତୁମକୁ ଜୀବନରେ ଏହି ଦିବ୍ୟତ୍ୱର ପରିପ୍ରକାଶ କରିବାକୁ ହେବ। ଏହା ହେଉଛି ରାମାୟଣର ଶିକ୍ଷା। ପରିବାରରେ ଅସୁବିଧା ଓ ସମସ୍ୟା ଦେଖାଦେବା ବେଳେ ତୁମକୁ ଏକ ହୋଇ ସମସ୍ୟାର ସମାଧାନ କରିବାକୁ ଏବଂ ନିଜ ଜୀବନକୁ ପବିତ୍ର କରିବାକୁ ହେବ। ରାମ ବନକୁ ଯିବା ବେଳେ ଲକ୍ଷ୍ମଣ ମଧ୍ୟ ତାଙ୍କ ସହିତ ଗଲେ। ଆଜି ସେପରି ନୁହେଁ। ବଡ଼ଭାଇ ଗଲେ ସାନଭାଇ ବଡ଼ଭାଇର ସମ୍ପତ୍ତି ପାଇବ ବୋଲି ଭାବି ଖୁସି ହେବ, ଆଜିର ସମୟ ଏହିପରି ହେଲାଣି। ସୀତା ତାଙ୍କ ପତିଙ୍କ ସହ ବନକୁ ଗଲେ। ରାମ ଗେରୁଆ ବସ୍ତ୍ର ପିନ୍ଧିଥିବାରୁ ସେ ମଧ୍ୟ ଗେରୁଆ ବସ୍ତ୍ର ପିନ୍ଧିଲେ। ସେ ପାଟବସ୍ତ୍ର ପିନ୍ଧି ବନକୁ ଗଲେ ନାହିଁ।ରାମଙ୍କ କେଶ ଯେପରି ହେଲା ଲକ୍ଷ୍ମଣ ମଧ୍ୟ ସେପରି ଚାହିଁଲେ। ସେମାନେ ଚିତ୍ରକୁଟ ପର୍ବତକୁ ଯିବାବେଳେ ପର୍ବତ ଶିଖରଗୁଡ଼ିକରେ ବଣୁଆ ଗଛ ଥିଲା। ସେମାନେ ସେଗୁଡ଼ିକୁ କାଟି ସେଥିରୁ କିଛି ତୈଳାକ୍ତ ଦ୍ରବ୍ୟ ନେଲେ ଏବଂ ତାହାକୁ ସେମାନଙ୍କ ମୁଣ୍ଡରେ ଲଗାଇଲେ। ଏହିପରି ଭାବେ ସେମାନଙ୍କର ମୁଣ୍ଡରେ ଜଟା ହୋଇଗଲା। ରାମ ହନୁମାନଙ୍କୁ କହିଲେ, "ସୀତାଙ୍କ ମୁଣ୍ଡରେ ଦୁଇଟି ବେଣୀ ଅଛି' ରାମଙ୍କର ମାତ୍ର ଗୋଟିଏ ଥିଲା। ସେ ତାଙ୍କ କେଶର ଯତ୍ନ ନେଇ ନ ଥିଲେ। ସେ ସୁଖ ଭୋଗ କରିବାକୁ ଚାହିଁଲେ ନାହିଁ। କିନ୍ତୁ ସେ ବଂଶ ପରମ୍ପରା ଅନୁସରଣ କଲେ ଓ ଏକ ଆଦର୍ଶ ସ୍ଥାପନ କଲେ। ଭରତ ମଧ୍ୟ ସେହିପରି ଥିଲେ। ସେ ପ୍ରଭୁଙ୍କର ନିରାକାର ରୂପର ଉପାସନା କଲେ, ମାତ୍ର ଲକ୍ଷ୍ମଣ ପ୍ରଭୁଙ୍କର ସାକାର ରୂପର ଉପାସନା କଲେ। ସବୁ ସମୟରେ ଲକ୍ଷ୍ମଣ ଭଗବାନଙ୍କର ଶାରୀରିକ ରୂପର ସେବା କରୁଥିଲେ ଓ ତାଙ୍କୁ ସାହାଯ୍ୟ କରୁଥିଲେ।



## ହାଇ ବ୍ଲଡ୍‌ପ୍ରେସର

ବର୍ତ୍ତମାନ ସମୟରେ ଲୋକମାନଙ୍କ ପାଇଁ ହାଇ ବ୍ଲଡ୍ ପ୍ରେସର ଏକ ବହୁତ ବଡ଼ ସମସ୍ୟା ପାଲଟିଛି । ଯଦି ଏହା ସମୟ ସମୟରେ ଚିକିତ୍ସା କରା ନ ଯାଏ, ତେବେ ଏହା ହୃଦ୍‌ଘାତ ଏବଂ କିଡନୀ ସମ୍ବନ୍ଧୀୟ ସମସ୍ୟା ଭଳି ଅନେକ ଗୁରୁତର ରୋଗ ସୃଷ୍ଟି କରିପାରେ । ତେଣୁ ବଢ଼ୁଥିବା ରକ୍ତଚାପକୁ ନିୟନ୍ତ୍ରଣ କରିବା ଅତ୍ୟନ୍ତ ଜରୁରୀ । ସାଧାରଣତଃ ଲୋକମାନେ ଏହାକୁ ନିୟନ୍ତ୍ରଣ କରିବା ପାଇଁ ଔଷଧ ଉପରେ ନିର୍ଭର ହୋଇଥାନ୍ତି। କିନ୍ତୁ ଜାଣନ୍ତି କି, ଔଷଧ ବ୍ୟତୀତ ରକ୍ତଚାପକୁ ନିୟନ୍ତ୍ରଣ କରିବାରେ ଉପଯୁକ୍ତ ଖାଦ୍ୟ ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରିବ । ବିଶେଷଜ୍ଞଙ୍କ ଅନୁଯାୟୀ, ନିତିଦିନ ଖାଦ୍ୟରେ କିଛି ବିଶେଷ ଖାଦ୍ୟ ସାମଗ୍ରୀ ଅନ୍ତର୍ଭୁକ୍ତ କରି ଆପଣ ହାଇବିପି ସମସ୍ୟାରୁ ମୁକ୍ତି ପାଇପାରିବେ ।

**ବିଟ୍‌ରୁଟ୍ :** ହାଇ ବ୍ଲଡ୍ ପ୍ରେସର ନିୟନ୍ତ୍ରଣ କରିବାରେ ବିଟ୍‌ରୁଟ୍ ବିଶେଷ ପ୍ରଭାବଶାଳୀ ବୋଲି ବିବେଚନା କରାଯାଏ । ଏଥିରେ ଥିବା ପୁଷ୍ଟିକର ଉପାଦାନଗୁଡ଼ିକ ବ୍ଲଡ୍ ଭେସଲ୍ସ ଖୋଲିବାରେ ସାହାଯ୍ୟ କରିଥାଏ , ଯାହା ଦ୍ୱାରା ରକ୍ତ ପ୍ରବାହରେ ଉନ୍ନତି ହୋଇଥାଏ ଏବଂ ରକ୍ତ ଚାପକୁ ହ୍ରାସ କରିଥାଏ ।

**ସବୁଜ ପନିପରିବା:** ସବୁଜ ପନିପରିବା ଆମ ଖାଦ୍ୟର ଏକ ଅବିଚ୍ଛେଦ୍ୟ ଅଙ୍ଗ । ଏହା କେବଳ ସାମଗ୍ରିକ ସ୍ୱାସ୍ଥ୍ୟରେ ଉନ୍ନତି ଆଣେ ନାହିଁ ବରଂ ହାଇ ବ୍ଲଡ୍ ପ୍ରେସର ଭଳି ସମସ୍ୟାକୁ ନିୟନ୍ତ୍ରଣ କରିବାରେ ମଧ୍ୟ ବିଶେଷ ସହାୟକ ହୋଇଥାଏ । ପାଳଙ୍ଗ ପରି ପତ୍ରଯୁକ୍ତ ସବୁଜ ପନିପରିବା ପୋଟାସିୟମ୍, ଏବଂ ଆଣ୍ଟିଅକ୍ସିଡାଣ୍ଟରେ ଭରପୂର , ଯାହା ଶରୀରରେ ରକ୍ତ ଚାପକୁ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରିଥାଏ ।

**ରସୁଣ:** କଞ୍ଚା ରସୁଣ, ଯାହା ସାଧାରଣତଃ ଏହାର ଔଷଧୀୟ ଗୁଣ ପାଇଁ ଜଣାଶୁଣା। ଏଥିରେ ଥିବା ଅନେକ ବିଶେଷ ତତ୍ତ୍ୱ ମାଂସପେଶୀକୁ ଆରାମ ଦେବା ସହ ବ୍ଲଡ୍ ଭେସଲ୍ସକୁ ପ୍ରସାର ହେବାରେ ସାହାଯ୍ୟ କରିଥାଏ ।

# ଉଷୁମ କ୍ଷୀର ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ

ଉଷୁମ କ୍ଷୀର ପିଇବା ସ୍ୱାସ୍ଥ୍ୟ ପାଇଁ ଖୁବ୍ ଲାଭଦାୟକ । ଆୟୁର୍ବେଦରେ ମଧ କ୍ଷୀରକୁ ସମ୍ପୂର୍ଣ୍ଣ ଆହାର ବୋଲି କୁହାଯାଇଛି। ଏଥିରେ ଥିବା କ୍ୟାଲସିୟମ, ପ୍ରୋଟିନ ଓ ଅନ୍ୟ ପୋଷକ ତତ୍ତ୍ୱ ଶରୀର ପାଇଁ ବେଶ ଉପକାରୀ । ନିୟମିତ ଉଷୁମ କ୍ଷୀର ପିଇବା ଦ୍ୱାରା ଶରୀରକୁ କ'ଣ କ'ଣ ଲାଭ ମିଳିଥାଏ।

**ଉତ୍ତମ ନିଦ ପାଇଁ:** ଉଷୁମ କ୍ଷୀରରେ ଥିବା ପୋଷକ ତତ୍ତ୍ୱ ଉତ୍ତମ ନିଦରେ ସହାୟକ ହୋଇଥାଏ । ଉଷୁମ କ୍ଷୀର ପିଇବା ଦ୍ୱାରା ଶରୀରକୁ ଆରାମ ମିଳିଥାଏ । ଚିନ୍ତା ଦୂର ହୋଇଥାଏ । ଫଳରେ ଭଲ ନିଦ ହୋଇଥାଏ । ଏହା ମେଲାଟୋନିନ ଉତ୍ପାଦନକୁ ବଢାଇ ଦେଇଥାଏ । ଯାହା ନିଦ ପାଇଁ ଆବଶ୍ୟକ ହେଉଥିବା ହରମୋନ ।

**ହାଡ ମଜଭୁତ କରିଥାଏ:** କ୍ଷୀର କ୍ୟାଲସିୟମର ସବୁଠାରୁ ଉତ୍ତମ ସ୍ରୋତ । ଏହା ହାଡ ଓ ଦାନ୍ତକୁ ମଜଭୁତ କରିବାରେ ସହାୟକ ହୋଇଥାଏ । ନିୟମିତ ଉଷୁମ କ୍ଷୀର ପିଇବା ଦ୍ୱାରା ହାଡ ଜନିତ ସମସ୍ୟା ଦୂର ହୋଇଥାଏ ।ଉଷୁମ କ୍ଷୀର ପାଚନ ପାଇଁ ଲାଭଦାୟକ । ଏହା କୋଷ୍ଠକାଠିନ୍ୟ ସମସ୍ୟାକୁ ଦୂର କରିଥାଏ । ପେଟ ଜନିତ ଅନେକ ସମସ୍ୟାକୁ ମଧ୍ୟ ଦୂର କରିଥାଏ। ପେଟର ଜଳାପୋଡାକୁ ମଧ୍ୟ ଦୂର କରିଥାଏ ।

**ଚିନ୍ତା ଦୂର କରିଥାଏ:**

ଉଷୁମ କ୍ଷୀର ପିଇବା ଦ୍ୱାରା ଶରୀରକୁ ଆରାମ ମିଳିଥାଏ । ଚିନ୍ତା ଦୂର ହୋଇଥାଏ । ମନକୁ ଖୁସି ମଧ୍ୟ କରିଥାଏ। ଉଷୁମ କ୍ଷୀର ପିଇବା ଦ୍ୱାରା ଓଜନ ହ୍ରାସ ହେବାରେ ସହାୟକ ହୋଇଥାଏ । କ୍ଷୀର ପିଇବା ଦ୍ୱାରା ଭୋକ କମ୍ ହୋଇଥାଏ । ଫଳରେ ବାରମ୍ବାର ଖାଦ୍ୟ ଖାଇବାକୁ ଇଚ୍ଛା ହୋଇନଥାଏ ।

**ତ୍ୱଚା ଓ ହୃଦୟ ପାଇଁ:**

କ୍ଷୀରରେ ଥିବା ଭିଟାମିନ ଓ ଖଣିଜ ତ୍ୱଚାକୁ ସୁସ୍ଥ ରଖିଥାଏ ।





କ୍ଷୀରରେ ଥିବା ପୋଟାସିୟମ ଉଚ୍ଚ ରକ୍ତଚାପକୁ ନିୟନ୍ତ୍ରଣରେ ରଖିବାକୁ ସହାୟକ ହୋଇଥାଏ ।

**କେଉଁ ସମୟରେ ପିଇବେ:**

ରାତିରେ ଶୋଇବା ପୂର୍ବରୁ ନିୟମିତ ଏକ ଗ୍ଲାସ ଉଷୁମ କ୍ଷୀର ପିଇବା ସବୁଠାରୁ ଲାଭଦାୟକ । ମାତ୍ର ଆବଶ୍ୟକତା ଠାରୁ ଅଧିକ କିମ୍ବା ଅଧିକ ପରିମାଣରେ ଉଷୁମ କ୍ଷୀରର ସେବନ କରନ୍ତୁ ନାହିଁ । ଉଷୁମ କ୍ଷୀର ପିଇବା ଦ୍ୱାରା ଶରୀରକୁ ଅନେକ ପୋଷକ ତତ୍ତ୍ୱ ମିଳିବା ସହ ଅନେକ ରୋଗରୁ ଏହା ରକ୍ଷା କରିଥାଏ । ଶରୀର ସୁସ୍ଥ ରହିଥାଏ । ଯଦି ଅନ୍ୟ କୌଣସି ରୋଗ ରହିଛି, ତେବେ ଡାକ୍ତରଙ୍କ ପରାମର୍ଶରେ କ୍ଷୀର ସେବନ କରନ୍ତୁ ।

*ଉଷୁମ କ୍ଷୀର ପିଇବା ଦ୍ୱାରା ଶରୀରକୁ ଅନେକ ପୋଷକ ତତ୍ତ୍ୱ ମିଳିବା ସହ ଅନେକ ରୋଗରୁ ଏହା ରକ୍ଷା କରିଥାଏ । ଶରୀର ସୁସ୍ଥ ରହିଥାଏ । ଯଦି ଅନ୍ୟ କୌଣସି ରୋଗ ରହିଛି, ତେବେ ଡାକ୍ତରଙ୍କ ପରାମର୍ଶରେ କ୍ଷୀର ସେବନ କରନ୍ତୁ ।*

# ସିପିପି କାରାକୋଲ୍ହା ଦଳକୁ ହରାଇ ଡିଆରଆଇ କାରାଖେଣ୍ଡ୍ରା ଚାମ୍ପିଅନ

ଯୋଡ଼ା,(ନିପ୍ର): ବଡ଼ବିଲ ସ୍ଥିତ ସ୍ଥାନୀୟ ଖେଳ ପଡିଆରେ ଗତ ୨୮ତାରିଖରୁ ତିନିଦିନ ଧରି ଚାଲିଥିବା କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଶୁକ୍ରବାର ଉଦ୍ଯାପିତ ହୋଇଯାଇଛି । ଶହ ଶହ ଦର୍ଶକ ମଧ୍ୟରେ ଅନୁଷ୍ଠିତ ଟୁର୍ଣ୍ଣାମେଣ୍ଟ ଫାଇନାଲ ମ୍ୟାଚ ରୋମାଞ୍ଚକପୂର୍ଣ୍ଣ ହୋଇଥିଲା । ରୁଙ୍ଗଟା ମାଇନ୍ସ ଲିମିଟେଡ ପ୍ଲାଣ୍ଟ ଡିଭିଜନ ଅନୁକୂଳ୍ୟରେ ଏହି ଟୁର୍ଣ୍ଣାମେଣ୍ଟରେ କମଣ୍ଡା, କାରାକୋଲ୍ହା, କାରାଖେଣ୍ଡ୍ରା ଓ ବଡ଼ବିଲ ଅଫିସର କର୍ମଚାରୀ ତରଫରୁ ୧୦ ଗୋଟି ଦଳ ଏହି ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିଥିଲେ । ପ୍ରତିଯୋଗିତାର ସମସ୍ତ ଲିଗ୍ ମ୍ୟାଚରେ ଭଲ ପ୍ରଦର୍ଶନ କରି ସିପିପି କାରାକୋଲ୍ହା ଏବଂ ଡିଆରଆଇ କାରାଖେଣ୍ଡ୍ରା ଫାଇନାଲରେ ଖେଳିବା ପାଇ ଉତ୍ତୀର୍ଣ୍ଣ ହୋଇଥିଲେ । ଶେଷରେ ଡିଆରଆଇ କାରାଖେଣ୍ଡା ଦଳ ଚମ୍ପିୟାନ ହୋଇଥିବା ବେଳେ ସିପିପି କାରାକୋଲ୍ହା ଦଳ ରନର୍ସ ଅଫ ହୋଇଥିଲେ । ଏହି ଟୁର୍ଣ୍ଣାମେଣ୍ଟକୁ ସୂଚାରୁରୂପେ ପରିଚାଳନା କରିବା ପାଇଁ କାରାକୋହ୍ଲ ଓ କାରାଖେଣ୍ଡ୍ରା ଷ୍ଟିଲ ପ୍ଲାଣ୍ଟର ମହାପ୍ରବନ୍ଧକ ସୁରେଶ କୁମାର ମହାପାତ୍ର, ପ୍ରବନ୍ଧକ ଶୈଳେନ୍ଦ୍ର କୁମାର ବାରିକ, ପ୍ରବନ୍ଧକ କଲ୍ୟାଣ କମଳ ଭୂୟାଁ, ତୁଷାର ସାହୁ, କୁନାଲ ଜେନା, ରାଜେଶ କନର, ସୋମେଶ ଦାସ ତଥା କାରଖାନାର ମାନବ ସମ୍ବଳ ପ୍ରବନ୍ଧକ ସି ଏସ ମିଶ୍ର ଏବଂ ସରୋଜ ମହାପାତ୍ର, ସମାଜସେବୀ ଲଛମନ ମହାନ୍ତଙ୍କ ସହଯୋଗରେ ଖେଳ ପରିଚାଳନା କରାଯାଇଥିଲା । ଏହି ଟୁର୍ଣ୍ଣାମେଣ୍ଟର ଉଦଯାପନୀ ଦିବସରେ ଅତିଥିଙ୍କ ଉପସ୍ଥିତିରେ ବିଜେତା ଦଳକୁ ପୁରସ୍କୃତ କରାଯାଇଥିଲା । ରୁଙ୍ଗଟା ମାଇନ୍ସ ଲିମିଟେଡ ପ୍ଲାଣ୍ଟ ଡିଭିଜନ ନିର୍ଦ୍ଦେଶକ ପ୍ରଣୟ କୁମାର ଦେଓଙ୍କ ତତ୍ତ୍ୱାବଧାନରେ ଏହି କ୍ରିକେଟ ଟୁର୍ଣ୍ଣାମେଣ୍ଟ ସୁଚାରୁରୂପେ ପରିଚାଳନା କରାଯାଇଥିବାରୁ ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀ ଓ କର୍ମଚାରୀ ଗହଣରେ ତାଙ୍କୁ ସାଧୁବାଦ ଜଣାଇଥିଲେ ।

# ଲଟେରୀ ମାଧ୍ୟମରେ ୧୬୭ ପରିବାରଙ୍କୁ ଗୃହ ବାଣ୍ଟିଲା ବିଏମ୍‌ସି

ଭୁବନେଶ୍ୱର,(ନିପ୍ର): ଭୁବନେଶ୍ୱର ମହାନଗର ନିଗମ (ବିଏମ୍ ସି)ପକ୍ଷରୁ ଶୁକ୍ରବାର ୧୬୭ଜଣ ଯୋଗ୍ୟ ହିତାଧିକାରୀଙ୍କୁ ଲଟେରୀ ମାଧ୍ୟମରେ ପକ୍କା ଘର ଆବଣ୍ଟନ କରାଯାଇଛି । ଚନ୍ଦ୍ରଶେଖରପୁର ବୁଦ୍ଧ ବିହାର ହାଉସିଂ ପ୍ରକଳ୍ପରେ ୧୦ରୁ ଅଧିକ ବସ୍ତିର ୧୬୭ଟି ପରିବାରକୁ ଆଜି ଗୃହ ନିର୍ମାଣ ଓ ନଗର ଉନ୍ନୟନ, ସାଧାରଣ ଉଦ୍ୟୋଗ ମନ୍ତ୍ରୀ ଡକ୍ଟର କୃଷ୍ଣଚନ୍ଦ୍ର ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଗୃହ ଆବଣ୍ଟନ କରିଛନ୍ତି । ଏହି ଉପଲକ୍ଷେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ବିଏମ୍ ସି ମେୟର ସୁଲୋଚନା ଦାସ, କମିଶନର ତଥା ବିଡିଏ ଉପାଧ୍ୟକ୍ଷ ଚଞ୍ଚଳ ରାଣା, ସ୍ଲମ ସେଟଲମେଣ୍ଟ କମିଟିର ଅଧ୍ୟକ୍ଷା ଶ୍ରୀମତୀ ମହାମାୟା ସ୍ୱାଇଁ ପ୍ରମୁଖ ଉପସ୍ଥିତଥିଲେ ।

ଅନ୍ୟମାନଙ୍କ ମଧ୍ୟରେ ସଂପୃକ୍ତ ୱାର୍ଡ କର୍ପୋରେଟର, ବିଏମ୍ ସି ଓ ବିଡିଏର ହିତାଧିକାରୀ, ଗଣମାଧ୍ୟମର ପ୍ରତିନିଧି ଓ ସାଲିଆସାହି, ସୁବାଷ ବୋଷ ନଗର ବସ୍ତି, ମହାବୀର ବସ୍ତି, ମାଛ ମାର୍କେଟ ବସ୍ତି, ଜଗନ୍ନାଥ ବିହାର ଗୋପାଳ ବସ୍ତି, ସହିଦ ଲକ୍ଷ୍ମଣ ବସ୍ତି, ପଳାଶୁଣୀ ମୁଣ୍ଡା ସାହି, ମା ଭଗବତୀ ବସ୍ତି, ମଙ୍ଗଳା ବସ୍ତି, ଏବଂ ବିଡିଏ ଅନୁମୋଦିତ ବିଭିନ୍ନ ବସ୍ତିର ୧୬୭ ଜଣ ହିତାଧିକାରୀ ଏବଂ ସେମାନଙ୍କର ପରିବାର ସଦସ୍ୟମାନେ ଉପସ୍ଥିତ ଥିଲେ ।ଆଗାମୀ ଦିନରେ ବସ୍ତିବାସିନ୍ଦାଙ୍କୁ ଦିଆଯିବାକୁ ଥିବା ଘର ଆଧୁନିକ ହେବ । ୬ ମହଲା ବିଶିଷ୍ଟ ଏହି ଆପାର୍ଟମେଣ୍ଟରେ ଲାଗିବ ଲିଫ୍ଟ । ଗଠନ ହେବ ସ୍ୱତନ୍ତ୍ର କମିଟି । ସଂପୃକ୍ତ ବ୍ଲକ ବା ଆପାର୍ଟମେଣ୍ଟର ସମସ୍ତ ଦାୟିତ୍ୱ ବୁଝିବ ଏହି କମିଟି । ଖାଲି ସେତିକି ନୁହେଁ, ସେଠାରେ ମଧ୍ୟ ମାର୍କେଟ କମ୍ପ୍ଲେକ୍ସ ତିଆରି ହେବ । ବୁଦ୍ଧ ବିହାର ହାଉସିଂ କଲୋନୀ ଭିତରେ ରହୁଥିବା ଲୋକମାନଙ୍କର ଆର୍ଥିକ ଉନ୍ନତି ପାଇଁ ସେମାନଙ୍କ ମଧ୍ୟ ମାର୍କେଟ କମ୍ପ୍ଲେକ୍ସ ଗୃହ ପ୍ରଦାନ କରାଯିବ ବୋଲି କହିଛନ୍ତି ଗୃହ ନିର୍ମାଣ ଓ ନଗର ଉନ୍ନୟନୟ ମନ୍ତ୍ରୀ ଡକ୍ଟର କୃଷ୍ଣଚନ୍ଦ୍ର ମହାପାତ୍ର ।

# କୋଦୁଆଁପଲ୍ଲୀ ରାସ୍ତା ନିର୍ମାଣରେ ବିଳମ୍ବକୁ ନେଇ ଜନଅସନ୍ତୋଷ

ଖଣ୍ଡପଡ଼ା,(ନିପ୍ର): ଖଣ୍ଡପଡ଼ା ବ୍ଲକ ଅଧିନ ବେଣାଗାଡିଆ-କଣ୍ଟିଲୋ ରାସ୍ତାର କୁଆଁରିଆ ସେତୁ ପାର୍ଶ୍ୱରୁ ସରପୋଖରୀ, ରାକେସିଆ, ମଙ୍ଗରାଜପୁର ଗ୍ରାମ ଦେଇ ନିକଟସ୍ଥ କୋଦୁଆଁପଲ୍ଲୀ ଗ୍ରାମକୁ ସଂଯୋଗ କରୁଥିବା ରାସ୍ତା ନିର୍ମାଣ କାର୍ଯ୍ୟ ଗତ ୩ ମାସ ତଳୁ ଆରମ୍ଭ ହୋଇଥିଲେ ହେଁ ରାସ୍ତା ନିର୍ମାଣରେ ଅହେତୁକ ବିଳମ୍ବକୁ ନେଇ ଜନଅସନ୍ତୋଷ ଦେଖାଦେଇଛି ।




ରାସ୍ତା ସାରା ମେଟାଲିଂ କାର୍ଯ୍ୟ ଶେଷ ହୋଇ ଡଷ୍ଟ ପକାଯାଇଛି । ମାତ୍ର ରାସ୍ତା ଉପରେ ପିଚୁ ପଡିବାରେ ବିଳମ୍ବ ଯୋଗୁଁ ଉକ୍ତ ରାସ୍ତାଦେଇ ଜନସାଧାରଣ ଯାତାୟାତ କଲା ବେଳେ ଓ ଯାନବାହନ ଚଳାଚଳରେ ସମସ୍ୟା ସୃଷ୍ଟି ହେଉଛି । ରାସ୍ତାର ବିଭିନ୍ନ ସ୍ଥାନରୁ ଏବେ ମେଟାଲଗୁଡିକ ଉଠିଯାଇ ଏଣେତେଣେ ବିଛାଡି ହୋଇ ପଡିଥିବା ବେଳେ ରାସ୍ତା ସାରା ଛୋଟ ଛୋଟ ଖାଲଖମା ସୃଷ୍ଟି ହୋଇଛି । ଉକ୍ତ ରାସ୍ତା ନିର୍ମାଣ ଦାୟିତ୍ୱରେ ଥିବା ଠିକାଦାରଙ୍କ ମନମାନି ଯୋଗୁଁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା ସ୍ଥାନୀୟ ଗ୍ରାମବାସୀମାନେ ଅଭିଯୋଗ କରିଛନ୍ତି ।

ଖଣ୍ଡପଡ଼ା ଗ୍ରାମ୍ୟ ଉନ୍ନୟନ ବିଭାଗ କର୍ତ୍ତୃପକ୍ଷଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଉକ୍ତ ରାସ୍ତାର ଉନ୍ନତିକରଣ କାର୍ଯ୍ୟ ଦୀର୍ଘ ବର୍ଷ ପରେ ଆରମ୍ଭ ହୋଇଥିଲେ ହେଁ ବିଭାଗୀୟ କର୍ତ୍ତୃପକ୍ଷଙ୍କ ସ୍ଥାଣୁତାର ସୁଯୋଗ ନେଇ ରାସ୍ତା ନିର୍ମାଣ ଦାୟିତ୍ୱରେ ଥିବା ଠିକାଦାର ମନଇଛା କାର୍ଯ୍ୟ କରୁଥିବା ଅଭିଯୋଗ ହେଉଛି । ଯୁଦ୍ଧକାଳୀନ ଭିତ୍ତିରେ ଉକ୍ତ ରାସ୍ତା ନିର୍ମାଣ କାର୍ଯ୍ୟ ଶେଷ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି । ନଚେତ ଆଗାମୀ ଦିନରେ ଉକ୍ତ ରାସ୍ତା କାର୍ଯ୍ୟକୁ ନେଇ ଆଖପାଖ ଗ୍ରାମର ଜନସାଧାରଣ ରାସ୍ତାରୋକ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି । ଗ୍ରାମ୍ୟ ଉନ୍ନୟନ ବିଭାଗ ଉଚ୍ଚ କର୍ତ୍ତୃପକ୍ଷ ଓ ନୟାଗଡ ଅଧୀକ୍ଷଣ ଯନ୍ତ୍ରୀ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି ।

# ବିଭିନ୍ନ ଯୋଜନାର କାର୍ଯ୍ୟକାରିତା ସ୍ଥିତି ସମୀକ୍ଷା କଲେ ନଗରଉନ୍ନୟନ ମନ୍ତ୍ରୀ

ଭୁବନେଶ୍ୱର, ୩୦।୧(ନିପ୍ର): ଖାରବେଳ ଭବନଠାରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ, ସାଧାରଣ ଉଦ୍ୟୋଗ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର , ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମର ପ୍ରଦର୍ଶନ, କାର୍ଯ୍ୟକାରିତା ସ୍ଥିତି ଏବଂ ଆର୍ଥିକ ପ୍ରଗତିର ଏକ ବ୍ୟାପକ ସମୀକ୍ଷା କରିଛନ୍ତି । ଏହି ସମୀକ୍ଷା ମୁଖ୍ୟତଃ 'ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନା', 'ସହରୀ ସମୃଦ୍ଧି ଯୋଜନା' ଏବଂ 'ଆହାର' ଯୋଜନା ଭଳି ପ୍ରମୁଖ ସହରୀ ବିକାଶ ପଦକ୍ଷେପଗୁଡ଼ିକ ଉପରେ ଆଧାରିତ ଥିଲା । ମନ୍ତ୍ରୀ, ଏହି ଯୋଜନାଗୁଡ଼ିକର କ୍ଷେତ୍ରସ୍ତରୀୟ ପ୍ରଭାବ ଏବଂ କାର୍ଯ୍ୟାନ୍ୱୟନର ଗତି ଅନୁଧାନ କରିଥିଲେ ।

ସହରାଞ୍ଚଳରେ ପରିମଳ ଏବଂ ସ୍ୱଚ୍ଛତା, ପାର୍କ, ଖୋଲା ସ୍ଥାନ ଏବଂ ପ୍ରମୁଖ ସର୍ବସାଧାରଣ ସେବା କେନ୍ଦ୍ରଗୁଡ଼ିକର ସୌନ୍ଦର୍ଯ୍ୟକରଣ ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା । ଏଥିସହିତ ମନ୍ତ୍ରୀ ସହରର ବିଭିନ୍ନ ଜନହିତକର କାର୍ଯ୍ୟ ଯଥା- ରାସ୍ତାଘାଟ ଏବଂ ସର୍ବସାଧାରଣ ସ୍ଥାନର ସଫେଇ ଓ ରକ୍ଷଣାବେକ୍ଷଣର କାର୍ଯ୍ୟକାରିତାକୁ ମଧ୍ୟ ସମୀକ୍ଷା କରିଥିଲେ । ରାଜ୍ୟର ସମସ୍ତ ସହରାଞ୍ଚଳ ସ୍ଥାନୀୟ ସଂସ୍ଥାରେ କଠିନ ଓ ତରଳ ବର୍ଜ୍ୟବସ୍ତୁ ପରିଚାଳନା ବ୍ୟବସ୍ଥାକୁ ବିସ୍ତୃତ ଭାବେ ସମୀକ୍ଷା କରାଯାଇଥିଲା । ଅଧିକାରୀମାନେ ବର୍ଜ୍ୟବସ୍ତୁ ସଂଗ୍ରହ, ପୃଥକୀକରଣ, ପ୍ରକ୍ରିୟାକରଣ ଏବଂ ନିଷ୍କାସନ ବ୍ୟବସ୍ଥା ସମ୍ପର୍କରେ ତଥ୍ୟ ଉପସ୍ଥାପନ କରିଥିଲେ । ସେବା ପ୍ରଦାନର ମାନ ବୃଦ୍ଧି କରିବା ଏବଂ ସମସ୍ତ ପୌରପାଳିକା ଓ



ବିଜ୍ଞାପିତ ଅଂଚଳ ପରିଷଦରେ ସମାନ ଭାବେ ବର୍ଜ୍ୟବସ୍ତୁ ପରିଚାଳନା କାର୍ଯ୍ୟକାରୀ କରିବା ଉପରେ ଡା. ମହାପାତ୍ର ଗୁରୁତ୍ୱାରୋପ କରିଥିଲେ । ବୈଠକରେ ବିଭାଗର ଆର୍ଥିକ ପ୍ରଦର୍ଶନ, ବଜେଟ୍ ଅର୍ଥର ବିନିଯୋଗ, ବିସ୍ତୃତ ପ୍ରକଳ୍ପ ରିପୋର୍ଟର ଠିକ୍ ସମୟରେ ଅନୁମୋଦନ ଏବଂ ବିଭିନ୍ନ ପ୍ରଶାସନିକ ସ୍ତରରେ ବ୍ୟୟ ଅଟକଳ ସମ୍ପର୍କରେ ମଧ୍ୟ ସମୀକ୍ଷା କରାଯାଇଥିଲା । ସୁଲଭ ମୂଲ୍ୟର ଗୃହ ନିର୍ମାଣ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ସହରୀ),ଭଡ଼ା ଘର ପ୍ରକଳ୍ପ ଏବଂ ଟ୍ରାଞ୍ଜିଟ୍ ହାଉସ ଭଳି ପ୍ରମୁଖ ଗୃହ ନିର୍ମାଣ ପଦକ୍ଷେପ ସହିତ 'ଆଦର୍ଶ ଗୋଶାଳା' ପ୍ରକଳ୍ପର କାର୍ଯ୍ୟକାରିତା ଓ ସ୍ଥିତିର ମଧ୍ୟ ଆକଳନ କରାଯାଇଥିଲା । ନୂତନ ଭାବେ ଗଠିତ ୨୮ଟି ବିଜ୍ଞପିତ ଅଞ୍ଚଳ ପରିଷଦର ବିକାଶ ଉପରେ ସ୍ୱତନ୍ତ୍ର ଧ୍ୟାନ ଦିଆଯାଇଥିଲା । ଏଥିରେ ଭିତ୍ତିଭୂମିର ଅଭାବ, ପାଣ୍ଠିର ଆବଶ୍ୟକତା ଏବଂ ମୌଳିକ ସହରୀ ସେବା ପାଇଁ ସମୟସୀମା ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା ହୋଇଥିଲା । ଗ୍ରାମୀଣ-ସହରୀ ପରିବର୍ତ୍ତନ ବିକାଶ କାର୍ଯ୍ୟ ,- ଅର୍ବାନ ଅଞ୍ଚଳରେ ନାଗରିକ ସୁବିଧା ଏବଂ ଭିତ୍ତିଭୂମିର ସୁଧାର ପାଇଁ ଉଦ୍ଦିଷ୍ଟ, ତାହା ମଧ୍ୟ ସମୀକ୍ଷାର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ଥିଲା । କେତେକ କ୍ଷେତ୍ରରେ ଭିତିଭୂମି ବିକାଶର ମନ୍ଥର ଗତି ଏବଂ ବିଳମ୍ବ ନେଇ ମନ୍ତ୍ରୀ ଅସନ୍ତୋଷ ପ୍ରକାଶ କରିଥିଲେ । ସେ ଅଧିକାରୀମାନଙ୍କୁ କାର୍ଯ୍ୟରେ ଅବହେଳା ନ କରିବାକୁ ସତର୍କ କରାଇ ଦେବା ସହ କାର୍ଯ୍ୟ କରୁନଥିବା ଅଧିକାରୀଙ୍କ ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚେତାବନୀ ଦେଇଥିଲେ । ଆସନ୍ତା ୧୫ ଦିନ ମଧ୍ୟରେ ସମସ୍ତ ପାରାମିଟରରେ ବାକି ଥିବା କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଏବଂ ଦୃଶ୍ୟମାନ ପ୍ରଗତି ନିଶ୍ଚିତ କରିବାକୁ ସେ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି ।

# ସେବା ସମବାୟ ସମିତି ଲିଃର ଚତୁର୍ଥ ପର୍ଯ୍ୟାୟ ଧାନମଣ୍ଡି ଉଦ୍‌ଘାଟିତ

ବୋଲଗଡ଼,(ନିପ୍ର ) ବୋଲଗଡ଼ ବ୍ଲକ ଅନ୍ତର୍ଗତ ସାଗରଗୁଆଁ ଗ୍ରାମସ୍ଥିତ ସେବା ସମବାୟ ସମିତି ଲିଃ ପରିସରରେ ଚଳିତ ବର୍ଷର ଖରିଫ ଧାନ ସଂଗ୍ରହ ନିମନ୍ତେ ୪ର୍ଥ ପର୍ଯ୍ୟାୟ ଧାନମଣ୍ଡି ଆନୁଷ୍ଠାନିକ ଭାବେ ଉଦଘାଟିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ସାଗରଗୁଆଁ ସେବା ସମବାୟ ସମିତି ସଭାପତି କୃଷ୍ଣ ଚନ୍ଦ୍ର ବାରିକ, ସମ୍ପାଦକ ପରମାନନ୍ଦ ମହାପାତ୍ର , ମିଲ୍ଲର ଏଜେଣ୍ଟ ଓ ସାଗରଗୁଆଁ ସେବା ସମବାୟ ସମିତିର ସମସ୍ତ କର୍ମକର୍ତ୍ତା ଓ ବହୁ ସଂଖ୍ୟାରେ



ଚାଷୀମାନେ ଯୋଗଦେଇଥିଲେ । ସାଗରଗୁଆଁ ସେବା ସମବାୟ ସମିତି ଲିଃର ଚାଷୀମାନଙ୍କୁ ଉପଯୁକ୍ତ ଧାନର ପ୍ରାପ୍ୟ ୩୧୦୦ ଟଙ୍କା ପ୍ରଦାନ କରିବାକୁ ପ୍ରତିଶ୍ରୁତି ଦେବା ସହିତ 'ଆମେ ସମ୍ପୂର୍ଣ୍ଣ ସ୍ୱଚ୍ଛତାର ସହ ଧାନ କ୍ରୟ କରିବାକୁ ପ୍ରସ୍ତୁତ ଅଛୁ ଓ ଚାଷୀମାନେ ଯେପରି କୌଣସି ଅସୁବିଧାର ସମ୍ମୁଖୀନ ନ ହୁଅନ୍ତି ସେଥିପାଇଁ ଟୋକନ ବ୍ୟବସ୍ଥାକୁ କଡ଼ାକଡ଼ି କରାଯିବ ବୋଲି ସମ୍ପାଦକ ପରମାନନ୍ଦ ମହାପାତ୍ର ଚାଷୀମାନଙ୍କୁ ପରାମର୍ଶ ଦେଇଥିଲେ । ଚଳିତ ବର୍ଷ ସରକାରଙ୍କ ଦ୍ୱାରା ଧାର୍ଯ୍ୟ କରାଯାଇଥିବା ସର୍ବନିମ୍ନ ସହାୟକ ମୂଲ୍ୟ ଟ.୨୩୬୯ ଅନୁଯାୟୀ ଚାଷୀମାନେ ସେମାନଙ୍କ ଧାନ ବିକ୍ରିୟ କରିପାରିବେ । ସେବା ସମବାୟ ସମିତି ଲିଃ ପକ୍ଷରୁ ଚାଷୀମାନଙ୍କ ପାଇଁ ପାନୀୟ ଜଳ, ବିଶ୍ରାମଗାର ଏବଂ ଧାନ ଓଜନ ପାଇଁ ଆଧୁନିକ ଯନ୍ତ୍ରପାତିର ବ୍ୟବସ୍ଥା କରାଯାଇଛି ବୋଲି ସମବାୟ ସମିତି ଲିଃର ସଭାପତି କୃଷ୍ଣଚନ୍ଦ୍ର ବାରିକ ମତ ପ୍ରକାଶ କରିଥିଲେ । ସାଗରଗୁଆଁ ସେବା ସମବାୟ ସମିତି ଅଧୀନରେ ଧାନ ମଣ୍ଡି ପାଇଁ ସରକାରୀ ପଞ୍ଜୀକୃତ କରିଥିବା ୭୫୧ଜଣ ଚାଷୀମାନେଙ୍କ ମଧ୍ୟରୁ ପ୍ରଥମ ପର୍ଯ୍ୟାୟରେ ୧୯ଜଣ ଦ୍ୱିତୀୟ ପର୍ଯ୍ୟାୟରେ ୨୭ ଜଣ ତୃତୀୟ ପର୍ଯ୍ୟାୟରେ ୩୧ ଜଣ ଓ ୪ର୍ଥ ପର୍ଯ୍ୟୟରେ ୩୩ଜଣ ଚାଷୀ ସେମାନଙ୍କର ୨୦୨୫-୨୦୨୬ଆର୍ଥିକ ବର୍ଷ ଖରିଫ ଧାନ ବିକ୍ରୟ ନିମନ୍ତେ ୧୨୪୨.୫୨କ୍ୱିଣ୍ଟାଲ ଧାନ ମଣ୍ଡିକୁ ଯୋଗାଇ ଦେଇଥିଲେ । ରାଜସୁନାଖଳାସ୍ଥିତ ଶିବାନୀ ରାଇସ ମିଲ୍ସ ଆଣ୍ଡ କମ୍ପାନୀ ସେବା ସମବାୟ ସମିତିରୁ ଆଜିଂ ୧ଜଣ ଚାଷୀଙ୍କଠାରୁ ୧୨୪୨.୫୨ କ୍ୱିଣ୍ଟାଲ ଧାନ କ୍ରୟ କରିଥିଲେ । ସାଗରଗୁଆଁ ସେବା ସମବାୟ ସମିତି ପରିଚାଳନା ସମିତିର ସମସ୍ତ ସଦସ୍ୟ ଓ ଚାଷୀମାନେ ଉପସ୍ଥିତ ରହି ସହଯୋଗ କରିଥିଲେ ।

# ଧାମନଗର : ଦୁଇଟି ସ୍ଥାନରେ ସନ୍ଦେହଜନକ ମୃତ୍ୟୁ, ପରିବାର ଆଣିଲେ ହତ୍ୟା ଅଭିଯୋଗ

ଧାମନଗର,(ନିପ୍ର): ଧାମନଗର ଥାନା ଅନ୍ତର୍ଗତ ଗୁହାଳିଆ ଗ୍ରାମର ଅଭୟ ରାଉତଙ୍କ ସ୍ତ୍ରୀ ରଞ୍ଜିତା ଖଟୁଆ (୨୮) ଙ୍କ ପାଇଖାନା ଘରୁ ବେକରେ ରଶି ଲଗେଇ ସଂଧେହା ଜନକ ଅବସ୍ଥାରେ ମୃତଦେହ ଉଦ୍ଧାର ହୋଇଛି । ସୂଚନା ଥାଉକି ରଞ୍ଜିତା ଧାମନଗର ଥାନା ଭଗବାନପୁର ପଞ୍ଚାୟତ ଅନ୍ତର୍ଗତ ଚନ୍ଦେଶ୍ୱର ଗ୍ରାମର ସ୍ୱର୍ଗତ ଅନନ୍ତ ଚରଣ ଖଟୁଆଙ୍କ କନ୍ୟା । ପ୍ରାୟ ୪ ବର୍ଷ ପୂର୍ବେ ତାଙ୍କ ବିବାହ ଭଣ୍ଡାରିପୋଖରି ବ୍ଲକ ନିର୍ଗୁଣ୍ଡି ପଞ୍ଚାୟତ ଗୁହାଳିଆ ଗ୍ରାମର ଅଭୟ ରାଉତଙ୍କ ସହ ହୋଇଥିଲା । ବିବାହ ପରେ ସ୍ୱାମୀ ଓ ଶାଶୁ, ଶଶୁରଙ୍କ ସହିତ ଯୌତୁକ ଜନିତ ଓ ବେଳେବେଳେ ପାରିବାରିକ କଳହ ହେଉଥିବା ଜଣାପଡ଼ିଥିଲେ ମଧ୍ୟ ପରେ ସେସବୁ ସମସ୍ୟା ସମାଧାନ ହୋଇଯାଉଥିଲା । ସ୍ୱାମୀ ଅଭୟ ରାଉତ ଭୁବନେଶ୍ୱରରେ ଏକ ମେଡିସିନ ଦୋକାନରେ କାମ କରନ୍ତି ।

ଦୁଇ ଦିନ ପୂର୍ବେ ରଞ୍ଜିତାଙ୍କ କନ୍ୟାଙ୍କ ଜନ୍ମଦିନ ପାଳନ କରାଯାଇଥିଲା । ଏଥି ପାଇଁ ସ୍ୱାମୀ ଅଭୟ ଘରକୁ ଆସି ଝିଅର ଜନ୍ମଦିନ ପାଳନ କରିଥିଲେ । କିନ୍ତୁ ପରଦିନ ପୂର୍ବ ଘଟଣାକୁ ନେଇ ଦମ୍ପତିଙ୍କ ମଧ୍ୟରେ ଝଗଡ଼ା ହୋଇଥିବା ଅଭିଯୋଗ କରିଛନ୍ତି ମୃତକଙ୍କ ବାପଘର ଲୋକେ । ସେମାନଙ୍କ ଅଭିଯୋଗ ଅନୁଯାୟୀ ରଞ୍ଜିତାଙ୍କୁ ହତ୍ୟା କରି ପାଇଖାନା ଘରେ ଟାଙ୍ଗିଦେଇ ଘଟଣାକୁ ଅନ୍ୟ ରୂପ ଦେବାକୁ ଚେଷ୍ଟା କରାଯାଇଛି ।ଘଟଣା ସମ୍ପର୍କରେ ଖବର ପାଇ ଧାମନଗର ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରିଥିବାବେଳେ ହତ୍ୟା ଅଭିଯୋଗରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି । ସେପଟେ ଘଟଣା ପରେ ଶଶୁର ଘର ପକ୍ଷରୁ ସମସ୍ତେ ଫେରାର ଥିବା ଜଣାପଡ଼ିଛି । ପୋଲିସ ଘଟଣାର ତଦନ୍ତ ଜାରି ରଖିଛି । ସେହିପରି ଧାମନଗର ଏନ ଏ ସି ର ୧ ନମ୍ବର୍ ୱାର୍ଡ ଯୋରାଗଡିଆ ଗ୍ରାମର ରବୀନ୍ଦ୍ର ପ୍ରଧାନଙ୍କ ପୁଅ ରାଜେନ୍ଦ୍ର ପ୍ରଧାନ ନିଜ ବେକରେ ରଶି ଲଗାଇ ଆତ୍ମ କରିଥିବା ନିଜର ସ୍ତ୍ରୀ ଧାମନଗର ଥାନାରେ ଅଭିଯୋଗ କରିଛନ୍ତି । ସୂଚନା ଥାଉ କି ରାଜେନ୍ଦ୍ର ଓ ତାଙ୍କ ସ୍ତ୍ରୀ ଙ୍କ ମଧ୍ୟରେ ମନମାଳିନ ଥିବାରୁ ସ୍ତ୍ରୀ ବାପାଙ୍କ ଘରେ ନିଜର ପୁଅକୁ ନେଇ ରହୁଥିଲେ ।ତେବେ ପୋଲିସ ଘଟଣାର ତଦନ୍ତ କରୁଚି ।

# ଆସିକା ଚିନି ଶିଳ୍ପର ଆଖୁ ପେଡ଼ା ଋତୁ ଆରମ୍ଭ

ଆସିକା,(ନିପ୍ର): ଆସିକାର ସର୍ବ ପୁରାତନ ସମବାୟ ଚିନି ଶିଳ୍ପ ଲିଃରେ ଚଳିତ ବର୍ଷର ଆଖୁ ପେଡା ଋତୁ ଆରମ୍ଭ ହୋଇଛି । ଗଞ୍ଜାମ ଜିଲ୍ଲାର ୧୬ ଗୋଟି ବ୍ଲକ ଏବଂ ନୟାଗଡ ଓ ଖୋର୍ଦ୍ଧା ଜିଲ୍ଲାରୁ ଚାଷୀ କାରଖାନାକୁ ଆଖୁ ଯୋଗାଇବା କୁହାଯାଇଛି । ଚଳିତ ବର୍ଷ ୨୫ ହଜାର ମେଟ୍ରିକ ଟନ ଆଖୁ ପେଡା ହେବାକୁ ଲକ୍ଷ୍ୟ ଧାର୍ଯ୍ୟ



କରାଯାଇଛି । ମା ବ୍ୟାଘ୍ରଦେବୀଙ୍କ ନିକଟରୁ ଆଜ୍ଞାମାଳ ବିଜେ ପରେ ବଏଲରରେ ଅଗ୍ନି ସଂଯୋଗ ହୋଇଥିଲା । ଚଳିତ ବର୍ଷ ୨୫ ହଜାର ମେଟ୍ରିକ ଟନ ଆଖୁ ପେଡା ପାଇଁ ସ୍ଥିର ହୋଇଛି । ଚିନି କାରାଖାନାର ଏହି କାର୍ଯ୍ୟ ପାଇଁ ଯଥେଷ୍ଟ କର୍ମଚାରୀ, ଚାଷ ଜମିରୁ ଆଖୁକୁ କାରଖନା ପର୍ଯ୍ୟନ୍ତ ଆଣିବା ପାଇଁ ଟ୍ରାନ୍ସପୋର୍ଟ ଏବଂ ଅନୁଷାଙ୍ଗିକ ଯନ୍ତ୍ରପାତିକୁ ସଜାଡି ପ୍ରସ୍ତୁତ ହେବା ପରେ ଆଖୁ ପେଡା ଆରମ୍ଭ ହୋଇଛି । କାର୍ଯ୍ୟକ୍ରମରେ ବିଧାୟକ ସରୋଜ କୁମାର ପାଢ଼ୀ ପରିଚାଳନା ପରିଷଦ ନିର୍ଦ୍ଦେଶକ ଡ଼ଃ.ସୁଶାନ୍ତ କୁମାର ପଣ୍ଡା, ସଭାପତି ରବୀନ୍ଦ୍ର ନାଥ ପଣ୍ଡା, ଆମ୍ବାର ଅଧ୍ୟକ୍ଷ ବିଜୟ ସ୍ୱାଇଁ,ନିର୍ବାଚିତ ନିର୍ଦ୍ଦେଶକ ପୂର୍ଣ୍ଣଚନ୍ଦ୍ର ବରକ୍ଷଡ଼, ବସନ୍ତ ଦଳାଇ, ସନ୍ତୋଷ କୁମାର ପ୍ରଧାନ, ସ୍ନେହଲତା ଚଣ୍ଡ,ସମେତ ସମ୍ପାଦକ ସନ୍ତୋଷ କୁମାର ମଲ୍ଲିକ ହିସାବ ଅଧିକାରୀ ଚିତ ଚିନ୍ମୟ ରଞ୍ଜାନ ନାୟକ, ଶ୍ରୀନିବାସ ମହାପାତ୍ର କେଦାର ନାଥ ସାହୁ,ସମେତ ବହୁ କର୍ମଚାରୀ ଉପସ୍ଥିତ ରହିଥିଲେ ।

# ପିଲାଙ୍କ ଭବିଷ୍ୟତ ଗଠନର ଉତ୍କୃଷ୍ଟ ପ୍ଲାଟଫର୍ମ ସ୍କୁଲ

କୁଚିଣ୍ଡା,(ନିପ୍ର): ସମ୍ବଲପୁର ଜିଲ୍ଲା କୁଚିଣ୍ଡା ବ୍ଲକ ଅନ୍ତର୍ଗତ ଚନ୍ଦନିମାଳ ହୀରାଧର ଯୁବକ ସଂଘ ହାଇସ୍କୁଲରେ ଶୁକ୍ରବାର ୩୫ ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ପ୍ରଧାନ ଶିକ୍ଷକ କମଳଲୋଚନ ବେହେରାଙ୍କ ସଭାପତିତ୍ୱରେ ହୋଇଥିବା କାର୍ଯ୍ୟକ୍ରମରେ ସମ୍ବଲପୁର ଜିଲ୍ଲା ଶିକ୍ଷା ଅଧିକାରୀ ଲକ୍ଷ୍ମଣ ଭୋଇ




ମୁଖ୍ୟଅତିଥି,ପୂର୍ବତନ ଜିଲ୍ଲା ଶିକ୍ଷା ଅଧିକାରୀ ଗିରିଧାରୀ ହୋତା ମୁଖ୍ୟବକ୍ତା, ଝାରସୁଗୁଡ଼ା ଜିଲ୍ଲାର ଅବସରପ୍ରାପ୍ତ ଗୋଷ୍ଠି ଶିକ୍ଷା ଅଧିକାରୀ ଯଶୋବନ୍ତ ସାହୁ, ସମ୍ବଲପୁର ଏମ୍ସ କଲେଜ ଅଧ୍ୟକ୍ଷ ଅଭିଜିତ ବାବୁ, କୁଚିଣ୍ଡା ସହକାରୀ ଗୋଷ୍ଠି ଶିକ୍ଷା ଅଧିକାରୀ ପ୍ରମୋଦ ନାଏକ,କୁଟୁରାଚୁଆଁ ହାଇସ୍କୁଲ ପ୍ରଧାନ ଶିକ୍ଷକ ଭବାନୀ ଶଙ୍କର ନାଏକ, ହାଇସ୍କୁଲ ପରିଚାଳନା କମିଟି ସଭାପତି ଉଷତରାମ ପଟେଲ, ସ୍କୁଲ ପ୍ରତିଷ୍ଠାତା ଜଗତରାମ ପଟେଲ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ । ଅତିଥିମାନେ ତାଙ୍କ ବକ୍ତବ୍ୟରେ କହିଥିଲେ,ସ୍କୁଲ ହେଉଛି ପିଲାଙ୍କ ଭବିଷ୍ୟତ ଗଠନର ଉତ୍କୃଷ୍ଟ ପ୍ଲାଟଫର୍ମ । ଉତ୍ତମ ଶିକ୍ଷା ଦ୍ୱାରା ମଣିଷ ସୁନାମ ଅର୍ଜନ କରି ଶୀର୍ଷରେ ପହଞ୍ଚିଥାଏ । ତେଣୁ ଭଲ ପାଠ ପଢି ଭବିଷ୍ୟତ ଗଠନ କରିବାକୁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ । ପ୍ରଧାନ ଶିକ୍ଷକ ବେହେରା ବାର୍ଷିକ ବିବରଣୀ ପଠନ କରିଥିବା ବେଳେ ସହକାରୀ ଶିକ୍ଷୟିତ୍ରୀ ଦିପ୍ତିମୟୀ ନାଏକ ଅତିଥି ପରିଚୟ ପ୍ରଦାନ ଓ ସଂସ୍କୃତ ଶିକ୍ଷକ ବିଭୂତି ଭୁଷଣ ପଟେଲ ସ୍ୱାଗତ ଭାଷଣ ଦେଇଥିଲେ ।

# ଶିକ୍ଷାର୍ଥୀଙ୍କ ସର୍ବାଙ୍ଗୀନ ବିକାଶ ଜରୁରୀ

ଭବାନୀପାଟଣା,(ନି.ପ୍ର)- ଭବାନୀପାଟଣା ସଦର ବ୍ଲକ ଶଗଡ଼ାସ୍ଥିତ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ଶିକ୍ଷାଧିକାରୀ ରାଧାକାନ୍ତ ଛତ୍ରୀ ଯୋଗଦେଇ ଶିକ୍ଷାର୍ଥୀଙ୍କ ସର୍ବାଙ୍ଗୀନ ବିକାଶ ପାଇଁ ଅଭିଭାବକ, ଶିକ୍ଷକ ଶିକ୍ଷୟିତ୍ରୀ ଓ ସମାଜର ଭୂମିକା ନିତାନ୍ତ ଜରୁରୀ ବୋଲି ଅଭିହିତ କରିଥିଲେ । ମୁଖ୍ୟବକ୍ତା ଭାବେ ଜାତୀୟ ପୁରସ୍କାର ପ୍ରାପ୍ତ ଶିକ୍ଷକ ସନ୍ତୋଷ କୁମାର କର, ସମ୍ମାନୀତ ଅତିଥି ଭାବେ ଭବାନୀପାଟଣା ଗୋଷ୍ଠୀ ଶିକ୍ଷାଧିକାରୀ ଆଚାରୀ ଶବର, ବିଶିଷ୍ଟ ଅତିଥି ଭାବେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟର ଟଙ୍କଧର ସାହୁ ଓ ଜିତେନ୍ଦ୍ର ମୁଣ୍ଡ ପ୍ରମୁଖ ଯୋଗ ଦେଇଥିଲେ । ବିଦ୍ୟାଳୟର ଅଧ୍ୟକ୍ଷ ସୁକାନ୍ତ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଶିକ୍ଷକ ଯୁଧିଷ୍ଠିର ମୁଦୁଲି ପରିଚାଳନା କରିଥିଲେ । ଶିକ୍ଷୟିତ୍ରୀ ମଧୁସ୍ମିତା ପଣ୍ଡା ଓ ବନିତା ସାହୁ ସାଂସ୍କୃତିକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଏହି ଅବସରରେ ବିଦ୍ୟାଳୟର ବାର୍ଷିକ ଉତ୍ସବର ମୁଖପତ୍ର 'ଫୁଲଲିଝରନ' ଉନ୍ମୋଚିତ ହୋଇଥିଲା । ଏଥିରେ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ । କାର୍ଯ୍ୟକ୍ରମର ଅନ୍ତିମ ପର୍ଯ୍ୟାୟରେ ସ୍ୱତନ୍ତ୍ର ଅତିଥି ଭାବେ ଲୋକ ଗୀତ ଗାୟକ ସର୍ବେଶ୍ୱର ଭୋଇ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିବା ସହିତ ନିଜ ଦ୍ୱାରା ପ୍ରସ୍ତୁତ କିଛି ଲୋକପ୍ରିୟ ଗୀତ ଗାଇ ଛାତ୍ରଛାତ୍ରୀ ଓ ଅଭିଭାବକଙ୍କୁ ଅଭିଭୂତ କରିଦେଇଥିଲେ ।

# ଆକାଂକ୍ଷୀ ଜିଲ୍ଲା କାର୍ଯ୍ୟକ୍ରମ ସମ୍ପୂର୍ଣ୍ଣତା ଅଭିଯାନ ସମାରୋହ

ବଲାଙ୍ଗିର,(ନିପ୍ର): ଭୀମ ଭୋଇ ମେଡିକାଲ କଲେଜ ଓ ହସପିଟାଲ ର ସମ୍ମିଳନୀ କକ୍ଷରେ ଆଜି ଆକାଂକ୍ଷୀ ଜିଲ୍ଲା କାର୍ଯ୍ୟକ୍ରମ ଅନ୍ତର୍ଗତ ସମ୍ପୂର୍ଣ୍ଣତା ଅଭିଯାନର ସମାରୋହ ଅନୁଷ୍ଠିତ ହୋଇଥିଲା । ଜିଲ୍ଲାପାଳ ଗୌରବ୍ ଶିଓ୍ୱାଜୀ ଇସଲଓ୍ୱାରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲାପରିଷଦ ଅଧ୍ୟକ୍ଷା ଦେବକୀ ସାହୁ ଯୋଗଦେଇଥିଲେ । ଅନନ୍ୟ ଅତିଥି ଭାବେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ତରଣୀ ସୁନା, ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରଦୀପ କୁମାର ନାଗ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ପରିବାର କଲ୍ୟାଣ ଅଧିକାରୀ ଡାଃ. ପୁଷ୍ପାଞ୍ଜଳି ମିଶ୍ର, ଜିଲ୍ଲା ସାମାଜିକ କଲ୍ୟାଣ ଅଧିକାରୀ ସୁଷୁମା ମହାପାତ୍ର, ଜିଲ୍ଲା କୃଷି ଅଧିକାରୀ ଧୀରେନ ସିଂ ବରିହା ପ୍ରମୁଖ ମଞ୍ଚାସୀନ ଥିଲେ । ଅତିଥିଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ଜ୍ୱଳନ ସହିତ ଏହି ଅଭିଯାନ ଉତ୍ସବ ଆରମ୍ଭ ହୋଇଥିଲା । ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଏହି ଅଭିଯାନର ଗୁରୁତ୍ୱ ଏବଂ ଏହାର ସଫଳତା ଉପରେ ଆଲୋକପାତ କରିଥିଲେ । ମୁଖ୍ୟ ଅତିଥି ଶ୍ରୀମତୀ ସାହୁ ନିଜର ଅଭିଭାଷଣରେ ଅଙ୍ଗନୱାଡି ଏବଂ ଆଶା କର୍ମୀଙ୍କ ପରି ଆଗଧାଡ଼ିର କର୍ମୀଙ୍କ ଉଦ୍ୟମ ବଳରେ ଏହି ଉନ୍ନତିମୂଳକ କାର୍ଯ୍ୟଗୁଡ଼ିକ ଆଗେଇ ଯାଉଥିବାରୁ ସେମାନଙ୍କର ଗୁରୁତ୍ୱପୂର୍ଣ୍ଣ ଅବଦାନ ପାଇଁ ପ୍ରଶଂସା କରିଥିଲେ । ଜାତୀୟସ୍ତରରେ ବଲାଙ୍ଗିର ଜିଲ୍ଲାର ରାଙ୍କିଙ୍ଗରେ ଉନ୍ନତି ଆଣିବା ପାଇଁ ନିରନ୍ତର ପ୍ରୟାସ ଉପରେ ଗୁରୁତ୍ୱ ଦେଇ ସ୍ୱାସ୍ଥ୍ୟ, ପୁଷ୍ଟିସାଧନ, ଶିକ୍ଷା ଏବଂ କୃଷି କ୍ଷେତ୍ରରେ ପୂର୍ଣ୍ଣ ପରିପୂର୍ଣ୍ଣତା ହାସଲ କରିବା ପାଇଁ ସମସ୍ତଙ୍କର ସହଯୋଗ କାମନା କରିଥିଲେ । ଶିଶୁ ମାନଙ୍କର ଶିକ୍ଷା, ଦିକ୍ଷା, ଓ ସ୍ୱାସ୍ଥ୍ୟ ସେବାରେ ଉନ୍ନତି, ଶିଶୁମାନଙ୍କ ପରିଷ୍କାର ପରିଚ୍ଛନ୍ନତା ଉପରେ ବିଶେଷ ଧ୍ୟାନ ଦେବା, ପୋଷଣ ଅଭିଯାନ ଅଧୀନରେ ଅପପୁଷ୍ଟି ହ୍ରାସ ଏବଂ ଶିଶୁ ଟୀକାକରଣ ସହ ବିଭିନ୍ନ ସଚେତନତା ଓ ଜନସହଭାଗିତା ଆଦି କାର୍ଯ୍ୟକ୍ରମ ବ୍ୟାପକ




ଭାବେ ଆୟୋଜନ କରିବାକୁ ସଭାପତିତ୍ୱ ଅଭିଭାଷଣରେ ଜିଲ୍ଲାପାଳ ଉପସ୍ଥିତ ଅଙ୍ଗନୱାଡି ଏବଂ ଆଶା କର୍ମୀଙ୍କୁ ପରାମର୍ଶ ଦେଇଥିଲେ । ଆମ ସମସ୍ତଙ୍କର ମିଳିତ ଚେଷ୍ଟା ଦ୍ୱାରା ବଲାଙ୍ଗିରକୁ ଆକାଂକ୍ଷୀ ଜିଲ୍ଲାରୁ ଏକ ବିକଶିତ ଜିଲ୍ଲା ଭାବେ ପରିଣତ କରିପାରିବୋ ବୋଲି ଜିଲ୍ଲାପାଳ ମତବ୍ୟକ୍ତ କରିଥିଲେ । ଏହି ଉତ୍ସବ ପାଇଁ ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । ଶେଷରେ ଏକ ନୁକଡନାଟକ ଦ୍ୱାରା ଲୋକଙ୍କୁ ସଚେତନ କରାଯାଇଥିଲା । କାର୍ଯ୍ୟକ୍ରମରେ ଅଙ୍ଗନୱାଡି, ଆଶା କର୍ମୀ, ସ୍ୱଚ୍ଛ ସାଥୀ ଓ ଶିକ୍ଷକଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ । ଏହି ଅବସରରେ ସକାଳେ ସ୍ଥାନୀୟ କୋଶଳ କଳା ମଣ୍ଡଳ ଠାରୁ ଏକ ସଚେତନ ରାଲି ବାହାରି ସହର ପରିକ୍ରମା କରିଥିଲା । ଏଥିରେ ଜିଲ୍ଲାସ୍ତରୀୟ ଅଧିକାରୀ, ପୌରପରିଷଦର କର୍ମଚାରୀ ବୃନ୍ଦ ଅଂଶ ଗ୍ରହଣ କରିଥିଲେ ।

## ଚତୁର୍ଥ ବାର୍ଷିକ ମା ଭଗବତୀ ଅନ୍ତର୍ଜାତୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

# ଫାଇନାଲରେ 'ଆଫ୍ରିକା'



ନିରାକାରପୁର,(ନିପ୍ର): ଖୋର୍ଦ୍ଧା ଜିଲ୍ଲା ଛଣଗିରି ଖେଳ ପଡିଆରେ ଛଣଗିରି ପଂଚାୟତ ଆଞ୍ଚଳିକ ଆଥଲେଟିକ ଆସୋସିଏସନ୍ ଆନୁକୁଲ୍ୟରେ ଚତୁର୍ଥ ବାର୍ଷିକ ଆନ୍ତର୍ଜାତୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଶୁକ୍ରବାର ଉଦଘାଟିତ ହୋଇଯାଇଛି । ଆଜିର ଉଦଘାଟନୀ ମ୍ୟାଚ୍ ଛତିଶଗଡ଼ ଜଗଦଳପୁର ବନାମ ୟୁନାଇଟେଡ କ୍ଲବ୍, ଆଫ୍ରିକା ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଜଗଦଳପୁର ଓ ଆଫ୍ରିକା ମଧ୍ୟରେ ହୋଇଥିବା ଖେଳର ପ୍ରଥମାର୍ଦ୍ଧ ଓ ଦିତୀୟାର୍ଦ୍ଧ ଖେଳ ଶେଷ ପର୍ଯ୍ୟନ୍ତ ୧-୧ ଗୋଲ କରି ସ୍କୋର ବରାବର ରହି ଥିଲା । ପରେ ଛତିଶଗଡ଼ ଜଗଦଳପୁରକୁ ଆଫ୍ରିକା ଟ୍ରାଇବ୍ରେକରରେ ୫-୪ ଗୋଲରେ ପରାସ୍ତ କରି ଫାଇନାଲକୁ ପ୍ରବେଶ କରିଛି । ଆଜି ଛତିଶଗଡ଼ ଜଗଦଳପୁର ଦଳର ଖେଳାଳି ମାର୍କୋଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଟ୍ରଫି ପ୍ରଦାନ କରାଯାଇଥିଲା । ଆଜିର ଖେଳକୁ ଜ୍ୟୋତି ରଞ୍ଜନ ସ୍ୱାଇଁ, ପ୍ରିୟବ୍ରତ ବହାନିପତି, ସୋମନାଥ ମୁର୍ମୁ ଓ ଅଭିନାଶ ପଟ୍ଟନାୟକ ପ୍ରମୁଖ ପରିଚାଳନା କରିଥିଲେ । ଅତିଥିଭାବେ ସରପଞ୍ଚ ପୂର୍ଣ୍ଣିମା ମହାପାତ୍ର, ଶିକ୍ଷାବିତ୍ କାଳନ୍ଦୀ ଚରଣ ନାୟକ, ବରିଷ୍ଠ ଫାର୍ମାସିଷ୍ଟ ହରମୋହନ ଦାସ , ପ୍ରଧାନ ଶିକ୍ଷକ ସୁମନ୍ତ କୁମାର ଦାସ, ଶିକ୍ଷାବିତ୍ ପ୍ରମୋଦ କୁମାର ବୈରିଗଞ୍ଜନ୍, ସାମ୍ବାଦିକ ଦାଶରଥି ଶ୍ରୀଚନ୍ଦନ, ସଖା ସଂଘ କ୍ରୀଡା ସଂସଦ ସମ୍ପାଦକ ଦୀପକ କୁମାର ପ୍ରଧାନ, ସହଯୋଗ ଆବାହକ ହିମାଂଶୁ ଭୁଷଣ ଚମ୍ପତିରାୟ ଉପଦେଷ୍ଟା ବିରେନ୍ଦ୍ର ଦାସ, ସଭାପତି ମନୋରଞ୍ଜନ ସାମନ୍ତରାୟ,ସଂମ୍ପାଦକ ବିଭୂତି ଭୂଷଣ ଦାଶ ଓ କାର୍ଯ୍ୟକାରୀ ସଭାପତି ଦୁର୍ଗା ପ୍ରସାଦ ସୁନ୍ଦରାୟ, ଉପ ସଭାପତି ସେକ ସେରଲି, କୋଷାଧ୍ୟକ୍ଷ ଆନନ୍ଦ ପ୍ରଧାନ ପ୍ରମୁଖ ଯୋଗଦେଇ ଆନୁଷ୍ଠାନିକ ଭାବେ ଖେଳକୁ ଉଦଘାଟନ କରିଥିଲେ । ଆସନ୍ତା କାଲି ରବୀନ୍ଦ୍ର ଫୁଟବଲ ଏକାଡେମୀ, ଦମ ଦମ ,କଲିକତା ବନାମ ଓଡ଼ିଶା ଏଲେଭେନ , ଓଡ଼ିଶା ମଧ୍ୟରେ ଖେଳ ଅନୁଷ୍ଠିତ ହେବ ।

ତିଥି : (ପୂର୍ଣ୍ଣିମା) : (ପୁଷ୍ୟା କର୍କଟ)
ଅମୃତବେଳା: ଦିବା ଘ.୭।୧୪ ଗତେ ୧୦।୨୬ ମଧ୍ୟେ

## ଆଜିର ଅନୁଚିନ୍ତନ

କର୍ମଯୋଗୀ ସାଧକ ସେ ସମସ୍ତ ଇନ୍ଦ୍ରିୟଙ୍କୁ ବଶୀଭୂତ କରି ମତ୍ପରାୟଣ ହୋଇ ବସିବା ଉଚିତ, କାରଣ ଯାହାର ଇନ୍ଦ୍ରିୟମାନେ ବଶୀଭୂତ, ତାହାର ବୁଦ୍ଧି ସ୍ଥିର।। - ଶ୍ରୀମଦ୍ ଭଗବଦ୍ ଗୀତା

# ମାନସିକତା ପ୍ରତିଫଳିତ !

ତମାଖୁ, ଜର୍ଦ୍ଦା, ଖଇନି, ପାନମସଲା ଏସବୁର ସେବନ ଦ୍ୱାରା ମୁଖଗହ୍ୱର କର୍କଟ ସାଙ୍ଗକୁ ପାକସ୍ଥଳୀ, ଗଳା, ମୂତ୍ରାଶୟ, କର୍କଟ ଆଶଙ୍କା ବଢିଥାଏ। ତମାଖୁ ନିଷିଦ୍ଧ ଆଇନକୁ ପାଳନ କରିବାକୁ ଜାନୁଆରୀ ୨୧ ତାରିଖରେ ରାଜ୍ୟ ସରକାର ନିର୍ଦ୍ଦେଶ ଦେବାର କିଛିଦିନ ପରେ ପାନମସଲା ନିଷିଦ୍ଧ ନେଇ ଦ୍ୱନ୍ଦ୍ୱ ଉପୁଜିଥିଲା। ପାନମସଲାରେ ନାନା କିସମ ରହିଛି। ତେବେ ନିକଟରେ ରାଜ୍ୟ ସରକାରଙ୍କ ମନ ହଠାତ୍ ବଦଳିଗଲା। ଯେଉଁ ପାନମସଲାରେ ନିକୋଟିନ ଓ ତମାଖୁ ନଥିବ ତାହା ବିକ୍ରି ହୋଇପାରିବ ବୋଲି ନିର୍ଦ୍ଦେଶ ଦିଆଯାଇଛି। ଗ୍ଲୋବାଲ ଅଡଲଟ୍ ଟବାକୋ ସର୍ଭେର ଦ୍ୱିତୀୟ ପର୍ଯ୍ୟାୟ ରିପୋର୍ଟ ମୁତାବକ ଓଡ଼ିଶାରେ ଧୂମହୀନ ତମାଖୁ ୪୨ ପ୍ରତିଶତରୁ ଅଧିକ ପ୍ରାପ୍ତବୟସ୍କ ବ୍ୟବହାର କରିଥାନ୍ତି। ଏହି ତମାଖୁରେ ନିକୋଟିନ ଅଛି ନା ତାହା ସଂପର୍କରେ ବ୍ୟବହାରକାରୀ ହୁଏତ ଚାହିଁପାରନ୍ତି ସାମାନ୍ୟ ନିଶା ନ ରହିଲେ ଭଲ ଲାଗିବ ନାହିଁ ଏବଂ ଏପରି ଅନାବଶ୍ୟକ ଇଚ୍ଛା ଧୀରେ ଧୀରେ ବଢିବା କାରଣରୁ ବ୍ୟକ୍ତିଜଣଙ୍କ ନିକୋଟିନଯୁକ୍ତ ତମାଖୁ ପ୍ରତି ଆକର୍ଷିତ ହେବା କିଛି ଅସ୍ୱାଭାବିକ ନୁହେଁ। ଅଯଥାରେ ଅର୍ଥ ବ୍ୟୟ ମଧ୍ୟ ଘଟେ। ସାଧାରଣ ଭାବରେ ସାଧା ପାନମସଲା ଖାଉଥିବା ଲୋକ ପରବର୍ତ୍ତୀ ସମୟରେ ତମାଖୁଯୁକ୍ତ ପାନମସଲାର ବଦ୍‌ଭ୍ୟାସରେ ପଡ଼ିବାର ବହୁ ଦୃଷ୍ଟାନ୍ତ ରହିଛି। ତାହା ସାଧାରଣ ଜନଜୀବନରେ ଜଣାଶୁଣା।

ଜୀବନଶୈଳୀକୁ ପ୍ରତିଫଳିତ କରିଥାଏ ବ୍ୟକ୍ତିର ପ୍ରକୃତି। ଏହି ପ୍ରକୃତିର ସୃଷ୍ଟି ଶୁଭ ଅବା ଅଶୁଭ ସଂସ୍କାରରୁ। ପ୍ରକୃତ ମଣିଷ ସଂସ୍କାରୀ ହୁଏ, ତାହା ପାଇଁ ପାନମସଲା ଏକ ଅନାବଶ୍ୟକ ସାମଗ୍ରୀ। ଯୁବପିଢିରେ ସ୍ୱାସ୍ଥ୍ୟକର ବିକଳ୍ପ ପ୍ରତି ଯଦି ଆଗ୍ରହ ରହେ, ତେବେ ତାହା ନିଶା ନିବାରଣ ବା ପାନମସଲା ପ୍ରତି ଆଗ୍ରହକୁ ଶୂନ୍ୟ କରିବ। ରୋଷେଇ ଘରେ ମସଲା ଘରେ ବ୍ୟବହୃତ ପାନମଧୁରୀ ସାଧାରଣ ମୁଖବାସ ଭାବରେ ଆମ ସଂସ୍କୃତିରେ ରହିଆସିଛି। ଯାହା ବିଭିନ୍ନ ପର୍ବପର୍ବାଣି ଅବା ବିବାହ ଆଦି ଉତ୍ସବ ଅବସରରେ ଦେଖାଯାଇଥାଏ। ପାନମଧୁରୀ ସ୍ୱାସ୍ଥ୍ୟ ଉପଯୋଗୀ। ଅପରପକ୍ଷେ ପାନମସଲା ଯେପରି ଭାବେ ଥାଉନା କାହିଁକି ତାହା ମୁଖଗହ୍ୱର ସ୍ୱାସ୍ଥ୍ୟ ପାଇଁ ଉପଯୋଗୀ ନୁହେଁ। ଆମ ରାଜ୍ୟରେ ସ୍ୱାସ୍ଥ୍ୟକର ଖାଦ୍ୟ ବା ବିକଳ୍ପ ଅପେକ୍ଷା ପାନମସଲାର ଯଥେଷ୍ଟ ବିକ୍ରି ସହରାଞ୍ଚଳ ଠାରୁ ଆରମ୍ଭ କରି ଗ୍ରାମାଞ୍ଚଳ ପର୍ଯ୍ୟନ୍ତ ଲମ୍ବି ରହିଛି। ଚାହିଁବା ମାତ୍ରକେ କିଛି ନ ହେଉ ପଛକେ ପାନମସଲା ସଂଗେ ସଂଗେ ମିଳିଯାଏ। ଏବେ ସରକାର ନିକୋଟିନ ନଥିବା ପାନମସଲା ବିକ୍ରି ହୋଇପାରିବ ବୋଲି ନିର୍ଦ୍ଦେଶ ଦେଇଥିବା ଅର୍ଥ ଏହା ପ୍ରକାରାନ୍ତେ ଏକ ଗଳାବାଟ ସଦୃଶ ମନେ ହେଉଛି। ସରକାରଙ୍କ ଆଭିମୁଖ୍ୟରେ ସାଧାରଣ ଜନତାଙ୍କ ପ୍ରତି କେତେ ହିତ ଅବା ଅହିତ ଭାବନା ରହିଛି ତାହା ହେଉଛି ଏକ ସୂଚକ। ଥରେ ନିଷ୍ପତ୍ତି ନେଇ ପୁଣି ମୋଡ଼ ବଦଳାଇବା ପଛରେ ସରକାରଙ୍କ ରାଜସ୍ୱ ବୃଦ୍ଧି ଲକ୍ଷ୍ୟ ହିଁ ଅଧିକ ପ୍ରକଟିତ ଭଳି ଜଣାପଡୁଛି। ଲୋକଙ୍କ ଠାରୁ ପାନମସଲା ଦୂରେଇ ରଖିବାକୁ ଯଦି ସରକାର ଚାହୁଁଥାନ୍ତି ତେବେ ତାହାର ବିକ୍ରିବଟା ଜନବସତି ଠାରୁ ଯଦି ୫ କି.ମି ଦୂରରେ କରାଯାଇପାରନ୍ତା ଲୋକଙ୍କ ଆଖି ସାମ୍ନାରେ ତାହା ପଡ଼ନ୍ତାନାହିଁ। ମାତ୍ର ଏ ଦିଗପ୍ରତି ଚିନ୍ତା କରିବେ କିଏ ? ପାନମସଲା ହିତକର କି ଅହିତକର ତାହା ସରକାର ଭଲ ଭାବେ ଜାଣନ୍ତି। ଜନସ୍ୱାସ୍ଥ୍ୟକୁ ଯଦି ପ୍ରାଥମିକତା ଦେଉଥାନ୍ତି ତେବେ ସରକାରଙ୍କ ପକ୍ଷେ ମନେ ରଖିବା ଦରକାର ସରକାରଙ୍କ ମାନସିକତା ଜନସ୍ୱାସ୍ଥ୍ୟରେ ପ୍ରତିଫଳିତ ହୋଇଥାଏ। ମନ୍ଦରେ ମନ୍ଦ ମିଳିଥାଏ। ଭଲରେ ଭଲ ମିଳିଥାଏ।

# ଶାସନ ପାଇଁ ବ୍ୟାକରଣ ନୁହେଁ, ଅନ୍ତଃକରଣ ଦରକାର

**ଅଖିଳ ତରାଇ**

> **ଜଣେ ମୁଖ୍ୟମନ୍ତ୍ରୀଙ୍କୁ ତାଙ୍କର ଦକ୍ଷତା ପ୍ରମାଣ କରିବା ପାଇଁ ଯଥେଷ୍ଟ ସୁଯୋଗ ଓ ସମ୍ମାନ ଦେବା ଉଚିତ। ଗଣତନ୍ତ୍ର ସେତିକିବେଳେ ମଜଭୁତ ହେବ, ଯେତେବେଳେ ଆମେ ଚେହେରା ଓ ଭାଷାର ଊର୍ଦ୍ଧ୍ୱକୁ ଯାଇ କାମକୁ ଗୁରୁତ୍ୱ ଦେବା। ସମୟ ଆସିଛି ଆମକୁ ନେତୃତ୍ୱକୁ ବୌଦ୍ଧିକ ଚଷମାରେ ନୁହେଁ, ବରଂ କର୍ମର ମାନଦଣ୍ଡରେ ବିଚାର କରିବାକୁ ହେବ। ସମାଲୋଚନା କରୁଥିବା ଗୋଷ୍ଠୀ ବୁଝିବା ଦରକାର ଯେ, ଶାସନ କରିବା ପାଇଁ 'ବ୍ୟାକରଣ' ନୁହେଁ, 'ଅନ୍ତଃକରଣ'ର ଆବଶ୍ୟକତା ରହିଛି।**

ଓଡ଼ିଶା ରାଜନୀତିର ଇତିହାସରେ ୨୦୨୪ ଏକ ବଡ଼ ପରିବର୍ତ୍ତନର ବର୍ଷ ଭାବେ ଲିପିବଦ୍ଧ ହୋଇ ରହିବ। ଦୀର୍ଘ ଦୁଇ ଦଶନ୍ଧିରୁ ଅଧିକ ସମୟ ଧରି ଚାଲିଆସିଥିବା ଏକ ନିର୍ଦ୍ଦିଷ୍ଟ ଶାସନ ଶୈଳୀର ଅନ୍ତ ଘଟିବା ପରେ, ଜଣେ ସାଧାରଣ ପରିବାରରୁ ଆସିଥିବା ଏବଂ ମାଟି ସହ ଜଡ଼ିତ ନେତା ମୋହନ ଚରଣ ମାଝି ରାଜ୍ୟର ସର୍ବୋଚ୍ଚ ପ୍ରଶାସନିକ ପଦବୀ ଅଳଙ୍କୃତ କରିଛନ୍ତି। କିନ୍ତୁ ଜଣେ ଜନପ୍ରତିନିଧିଙ୍କ କାର୍ଯ୍ୟକାଳର ପ୍ରାରମ୍ଭିକ ପର୍ଯ୍ୟାୟରେ ତାଙ୍କର ନୀତି ବା ଯୋଜନାକୁ ସମାଲୋଚନା କରିବା ପରିବର୍ତ୍ତେ, କିଛି ଗୋଷ୍ଠୀ ତାଙ୍କର ହିନ୍ଦୀ ଭାଷା କହିବାର ଶୈଳୀକୁ ନେଇ ଯେଉଁଭଳି ପରିହାସ କରୁଛନ୍ତି, ତାହା ସୁସ୍ଥ ଗଣତନ୍ତ୍ର ପାଇଁ ଏକ ଚିନ୍ତାର ବିଷୟ।

ପ୍ରଥମେ ଆମକୁ ବୁଝିବାକୁ ହେବ ଯେ ଭାଷା ହେଉଛି ଭାବ ପ୍ରକାଶ କରିବାର ଏକ ମାଧ୍ୟମ। ମୁଖ୍ୟମନ୍ତ୍ରୀ ମୋହନ ମାଝି ଜଣେ ଆଦିବାସୀ ନେତା, ଯିଏ କେନ୍ଦୁଝରର ଦୁର୍ଗମ



ଅଞ୍ଚଳରୁ ନିଜର ରାଜନୈତିକ ଯାତ୍ରା ଆରମ୍ଭ କରିଛନ୍ତି। ତାଙ୍କର ପ୍ରାଥମିକତା ସବୁବେଳେ ନିଜ ଅଞ୍ଚଳର ଲୋକଙ୍କ ସମସ୍ୟା ବୁଝିବା ଏବଂ ଓଡ଼ିଆ ଭାଷାରେ ସେମାନଙ୍କ ସହ ଯୋଡ଼ି ହେବା ରହିଛି। ଜଣେ ଓଡ଼ିଆ ଭାଷୀ ନେତା ଯେତେବେଳେ ଜାତୀୟ ସ୍ତରରେ ଗଣମାଧ୍ୟମ ସହ ହିନ୍ଦୀରେ କଥା ହୁଅନ୍ତି, ସେତେବେଳେ ଭିନ୍ନ ଦୃଷ୍ଟିରେ ଦେଖାଯିବା ଅନୁଚିତ।

ଓଡ଼ିଶାର ରାଜନୈତିକ ଇତିହାସରେ ଆମେ ଏଭଳି ପରିସ୍ଥିତି ପୂର୍ବରୁ ମଧ ଦେଖିଛୁ। ପୂର୍ବତନ ଜଣେ ମୁଖ୍ୟମନ୍ତ୍ରୀଙ୍କୁ ତାଙ୍କର ଓଡ଼ିଆ ଭାଷା ନ ଜାଣିବା ନେଇ ଦୀର୍ଘ ୨୪ ବର୍ଷ ଧରି ସମାଲୋଚନା କରାଯାଇଛି। ସେତେବେଳେ ଯେଉଁମାନେ କହୁଥିଲେ ଯେ 'ଜଣେ ମୁଖ୍ୟମନ୍ତ୍ରୀଙ୍କୁ ଓଡ଼ିଆ କହିବା ଜରୁରୀ', ସେମାନେ ଆଜି ମୋହନ ମାଝିଙ୍କ ହିନ୍ଦୀ ଉଚ୍ଚାରଣକୁ ନେଇ ମଜାକ ଉଡ଼ାଇବା ଏକ ଦ୍ୱିମୁଖୀ ନୀତି। ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କୁ ଓଡ଼ିଆ ଜଣା ନଥିଲେ ମଧ ସେ ଲୋକଙ୍କ ଆସ୍ଥା ଜିତିପାରିଥିଲେ, କାରଣ ଲୋକେ ତାଙ୍କ କାମକୁ ଦେଖୁଥିଲେ। ଠିକ୍ ସେହିପରି, ମୋହନ ମାଝିଙ୍କ କ୍ଷେତ୍ରରେ ମଧ ତାଙ୍କର ପ୍ରଶାସନିକ ଦକ୍ଷତା ଓ ନିଷ୍ପତ୍ତିକୁ ଗୁରୁତ୍ୱ ଦିଆଯିବା ଉଚିତ, ତାଙ୍କର ହିନ୍ଦୀ ଉଚ୍ଚାରଣକୁ ନୁହେଁ। ସରକାରଙ୍କ ନୀତି, ନିଷ୍ପତ୍ତି ଏବଂ ପ୍ରଶାସନିକ ବିଫଳତା ଉପରେ ପ୍ରଶ୍ନ ଉଠାଇବା ବିରୋଧୀ ଏବଂ ଜନସାଧାରଣଙ୍କ କର୍ତ୍ତବ୍ୟ । କିନ୍ତୁ ସମାଲୋଚନା ଯେତେବେଳେ 'ତାଚ୍ଛଲ୍ୟ' ବା 'ବ୍ୟକ୍ତିଗତ ଆକ୍ଷେପ'ର ରୂପ ନିଏ, ସେତେବେଳେ ତାହା ଗଣତାନ୍ତ୍ରିକ ମର୍ଯ୍ୟାଦାକୁ କ୍ଷୁଣ୍ଣ କରେ। ଜଣେ ବ୍ୟକ୍ତି ଯେଉଁ ପଦବୀରେ ଅଛନ୍ତି, ତା'ର ଏକ ଗରିମା ଅଛି। ସେହି ଗରିମାକୁ ସମ୍ମାନ ଦେବା ଆମ ସାମାଜିକ ଶିଷ୍ଟାଚାରର ଅଂଶ ହେବା ଉଚିତ। ମୁଖ୍ୟମନ୍ତ୍ରୀ ହେଉଛନ୍ତି ସାଢ଼େ ଚାରି କୋଟି ଓଡ଼ିଆଙ୍କ ପ୍ରତିନିଧି। ଦେଶର ଅନ୍ୟ ଅଣ-ହିନ୍ଦୀ ଭାଷୀ ରାଜ୍ୟର ନେତାମାନେ ଅନେକ ସମୟରେ ନିଜ ଆଞ୍ଚଳିକ ଟାଣରେ ହିନ୍ଦୀ କହିଥାନ୍ତି, କିନ୍ତୁ ସେଠାକାର ଲୋକେ ତାଙ୍କୁ ସମର୍ଥନ କରନ୍ତି। ଆମେ ଓଡ଼ିଆ ଭାବେ ଏତେ ସଂକୀର୍ଣ୍ଣ କାହିଁକି ହେଉଛେ ?

ବର୍ତ୍ତମାନର ସୋସିଆଲ ମିଡିଆ ଯୁଗରେ କୌଣସି ଜିନିଷକୁ ବିକୃତ କରି ପ୍ରସାରଣ କରିବା ଅତି ସହଜ ହୋଇଯାଇଛି। ମୁଖ୍ୟମନ୍ତ୍ରୀଙ୍କ କଥାର କିଛି ଅଂଶକୁ କାଟି ତାକୁ ମଜାଦାର ସଙ୍ଗୀତ ସହ ଯୋଡ଼ି ଭାଇରାଲ୍ କରିବା ଦ୍ୱାରା କିଛି ଲୋକଙ୍କୁ ମନୋରଞ୍ଜନ ମିଳିପାରେ, କିନ୍ତୁ ଏହା ଦ୍ୱାରା ରାଜନୈତିକ ବିତର୍କର ମାନ ନିମ୍ନଗାମୀ ହେଉଛି। ଜଣେ ଜନଜାତି ବର୍ଗର ନେତା ଯିଏ ନିଜ ପରିଶ୍ରମରେ ଶୀର୍ଷକୁ ପହଞ୍ଚିଛନ୍ତି, ତାଙ୍କୁ ଏଭଳି ହେୟଜ୍ଞାନ କରିବା ସାମାଜିକ ନ୍ୟାୟର ପରିପନ୍ଥୀ। ଏହା ଏକ ପ୍ରକାରର 'ଏଲିଟିଷ୍ଟ' ମାନସିକତା, ଯେଉଁଠି ମନେ କରାଯାଏ ଯେ କେବଳ ଭଲ ଇଂରାଜୀ ବା ହିନ୍ଦୀ କହୁଥିବା ବ୍ୟକ୍ତି ହିଁ ଜଣେ ଶ୍ରେଷ୍ଠ ନେତା ହୋଇପାରିବେ।

ଶେଷରେ, ଏହା କୁହାଯାଇପାରେ ଯେ ଶାସନ କରିବା ପାଇଁ ଶବ୍ଦକୋଷର ଜ୍ଞାନ ଅପେକ୍ଷା ସାଧାରଣ ଲୋକଙ୍କ ପ୍ରତି ସମ୍ବେଦନଶୀଳତା ଅଧିକ ଜରୁରୀ। ମୋହନ ଚରଣ ମାଝିଙ୍କୁ ତାଙ୍କର ଭାଷା ପାଇଁ ନୁହେଁ, ବରଂ ତାଙ୍କର କାର୍ଯ୍ୟ ପାଇଁ ବିଚାର କରାଯାଉ। ସେ ଦୁର୍ନୀତି ରୋକିବାରେ କେତେ ସଫଳ ହେଉଛନ୍ତି, କୃଷି ଓ ଶିକ୍ଷା କ୍ଷେତ୍ରରେ କି ପରିବର୍ତ୍ତନ ଆଣୁଛନ୍ତି ଏବଂ ଓଡ଼ିଶାର ସ୍ୱାର୍ଥ ରକ୍ଷା କିଭଳି କରୁଛନ୍ତି, ତାହା ହିଁ ମୁଖ୍ୟ ପ୍ରସଙ୍ଗ ହେବା ଉଚିତ।

ଇତିହାସ ସାକ୍ଷୀ ଅଛି, ଅନେକ ବଡ଼ ବାଗ୍ମୀ ଶାସନ କ୍ଷେତ୍ରରେ ବିଫଳ ହୋଇଛନ୍ତି, କିନ୍ତୁ ଅନେକ ଅଳ୍ପଭାଷୀ ନେତା ନିଜର କାର୍ଯ୍ୟଦକ୍ଷତା ବଳରେ ଇତିହାସ ରଚିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ପାଖରୁ ଓଡ଼ିଶାବାସୀ ଶୁଦ୍ଧ ହିନ୍ଦୀ ଆଶା କରନ୍ତି ନାହିଁ, ବରଂ ଓଡ଼ିଶାର ଉନ୍ନତି ପାଇଁ ଦୃଢ଼ ପଦକ୍ଷେପ ଆଶା କରନ୍ତି। ଯଦି ସେ ଓଡ଼ିଶାର ଜଳ, ଜମି ଓ ଜଙ୍ଗଲର ସୁରକ୍ଷା କରିପାରୁଛନ୍ତି । ଭାଷା ଶିଖିବା ବା ସୁଧାରିବା ଏକ ନିରନ୍ତର ପ୍ରକ୍ରିୟା ଏବଂ ସମୟକ୍ରମେ ଏଥିରେ ଉନ୍ନତି ଆସିପାରେ। କିନ୍ତୁ କାହାର ବ୍ୟକ୍ତିତ୍ୱ ଓ ପଦବୀକୁ ଅପମାନିତ କରିବା ଏକ ଭୁଲ୍ ପରମ୍ପରା। ଆମକୁ ସମାଲୋଚନାରେ ଶାଳୀନତା ରଖିବାକୁ ହେବ। ଜଣେ ମୁଖ୍ୟମନ୍ତ୍ରୀଙ୍କୁ ତାଙ୍କର ଦକ୍ଷତା ପ୍ରମାଣ କରିବା ପାଇଁ ଯଥେଷ୍ଟ ସୁଯୋଗ ଓ ସମ୍ମାନ ଦେବା ଉଚିତ। ଗଣତନ୍ତ୍ର ସେତିକିବେଳେ ମଜଭୁତ ହେବ, ଯେତେବେଳେ ଆମେ ଚେହେରା ଓ ଭାଷାର ଊର୍ଦ୍ଧ୍ୱକୁ ଯାଇ କାମକୁ ଗୁରୁତ୍ୱ ଦେବା। ସମୟ ଆସିଛି ଆମକୁ ନେତୃତ୍ୱକୁ ବୌଦ୍ଧିକ ଚଷମାରେ ନୁହେଁ, ବରଂ କର୍ମର ମାନଦଣ୍ଡରେ ବିଚାର କରିବାକୁ ହେବ। ସମାଲୋଚନା କରୁଥିବା ଗୋଷ୍ଠୀ ବୁଝିବା ଦରକାର ଯେ, ଶାସନ କରିବା ପାଇଁ 'ବ୍ୟାକରଣ' ନୁହେଁ, 'ଅନ୍ତଃକରଣ'ର ଆବଶ୍ୟକତା ରହିଛି।

ଗଞ୍ଜାମ,ଓଡ଼ିଶା
ମୋ: ୭୭୮୭୦୦୧୦୦୧

# ଆମ ଦେଶର ଆର୍ଥିକ ସଂକଟର କାରଣ

**ସୁବାସ ଷଡଙ୍ଗୀ**

କେନ୍ଦ୍ର ସରକାରଙ୍କ ପକ୍ଷରୁ 'ଇକୋନୋମିକ ସର୍ଭେ ରିପୋର୍ଟ ପ୍ରକାଶିତ ହୋଇଛି। ଆସନ୍ତା ଆର୍ଥିକ ବର୍ଷ ବା ୨୦୨୬-୨୭ ରେ ଦେଶର ଆର୍ଥିକ ବୃଦ୍ଧିହାର ୬.୮ ଶତାଂଶରୁ ୭.୨ ଶତାଂଶ ମଧ୍ୟରେ ରହିବ ବୋଲି କୁହାଯାଇଛି। ଏହାର ଅର୍ଥ ୨୦୨୫-୨୬ ତୁଳନାରେ ଆସନ୍ତା ଆର୍ଥିକ ବର୍ଷରେ ବୃଦ୍ଧିର ହାର କମିବ। ଟ୍ରମ୍ପଙ୍କ ଶୁଳ୍କନୀତି ଲାଗୁ ହେବା ପରେ ଆମେରିକା ସହ ବହୁଦେଶକୁ ରପ୍ତାନି କମିଛି। ବିଶ୍ୱର ବିଭିନ୍ନ ଦେଶରେ ରାଜନୈତିକ ଅସ୍ଥିରତା କ୍ରମାଗତ ଭାବରେ ଲାଗିରହିଛି, ଯାହାର ସିଧାସଳଖ ପ୍ରଭାବ ରପ୍ତାନି ଉପରେ ପଡୁଛି। ମୋଟାମୋଟି ଭାବରେ କହିବାକୁ ଗଲେ ୨୦୨୫ର ଅବସ୍ଥା ଏବର୍ଷ ମଧ୍ୟ ରହିବ। ଭାରତରେ ଏଭଳି ଅର୍ଥନୈତିକ ଦୁର୍ବଳତା ନୂଆ କଥା ନୁହେଁ। ଯେ କୌଣସି ବିକାଶଶୀଳ ଦେଶରେ ଏମିତି ଅବସ୍ଥା ବିଭିନ୍ନ ସମୟରେ ଆସିଛି। ଗତ ପଚାଶ ବର୍ଷ ଭିତରେ ଅର୍ଥନୈତିକ ଇତିହାସରେ ବହୁ ଦେଶ ଋଣ ଜର୍ଜରିତ ହୋଇ ସଂକଟରେ ପଡିଛନ୍ତି। ଋଣ ବୋଝରେ ସେମାନଙ୍କ ଦେଶର ଆର୍ଥିକ ମେରୁଦଣ୍ଡ ଭାଙ୍ଗି ଯାଇଛି।

ଅଶୀ ଦଶକରେ ଲାଟିନ ଆମେରିକାରେ ଏଭଳି ସଂକଟ ଦେଖାଦେଇଥିଲା। ସତୁରି ଦଶକରେ ସହଜ ସର୍ତ୍ତରେ ମିଳୁଥିବା 'ପେଟ୍ରୋଡଲାର' ପାଇବା ଫଳରେ ଲାଟିନ ଆମେରିକାର ଦେଶଗୁଡିକ ଋଣ ନେଇ ସେମାନଙ୍କ ଦେଶର ଦ୍ରୁତ ବିକାଶରେ ବିନିଯୋଗ କଲେ। ସେମାନଙ୍କ ସ୍ୱପ୍ନ ଥିଲା ନିଜ ଦେଶକୁ ବିକଶିତ ଦେଶରେ ପରିଣତ କରିବା। ଅବଶ୍ୟ ପ୍ରଥମରୁ ସେମାନେ କିଛିଟା ସଫଳ ହୋଇଥିଲେ ମଧ୍ୟ ବିଶ୍ୱରେ ମାନ୍ଦା ଅବସ୍ଥା, ସୁଧ ହାର ବୃଦ୍ଧି ଏବଂ ଟଙ୍କାର ଅବମୂଲ୍ୟାୟନ ଘଟିବା ଫଳରେ ଏଭଳି ସଂକଟ ଦେଖାଦେଲା। ୧୯୮୨ ମସିହାରେ ମେକସିକୋର ଅବସ୍ଥା ସବୁଠାରୁ ଅଧିକ ଖରାପ ହୋଇଗଲା। ଏମିତି ଅବସ୍ଥା ହୋଇଥିଲା ଯେ ମେକସିକୋ ତାର ବିଦେଶୀ ଋଣ ପରିଶୋଧ କରିପାରିବ ନାହିଁ ବୋଲି ଘୋଷଣା କଲା। ଦେଶର ମୁଦ୍ରାସ୍ଫୀତି ୫ ଶତାଂଶରୁ ହଠାତ ଶହେ ଶତାଂଶକୁ ବଢିଗଲା।

ନବେ ଦଶକରେ ପୂର୍ବ ଓ ଦକ୍ଷିଣ ପୂର୍ବ ଏସିଆରେ ସଂକଟ ଦେଖା ଦେଲା। ଥାଇଲାଣ୍ଡ, ଇଣ୍ଡୋନେସିଆ, ମାଲେସିଆ,ଫିଲିପାଇନ୍ସ ଓ ଦକ୍ଷିଣ କେରିଆ ଭଳି ଉନ୍ନୟନଶୀଳ ଦେଶମାନେ ନିଜ ଦେଶର ବିକାଶ ପାଇଁ ଅନେକ ଅର୍ଥ ବିଦେଶରୁ ଋଣ କଲେ। ଏଇ ସବୁ ଅର୍ଥ ବିଭିନ୍ନ ବିକାଶମୂଳକ କାମରେ ବିନିଯୋଗ କରାଯାଇଥିଲା। ୧୯୯୭ ମସିହାରେ ସେମାନଙ୍କ ଅବସ୍ଥା ଏତେ ଖରାପ ହୋଇଯାଇଥିଲା ଯେ ସେମାନଙ୍କୁ ଆଉ ବିଦେଶରୁ ଋଣ ମିଳିଲା ନାହିଁ। ଫଳରେ ଦେଖାଦେଲା ମହାସଂକଟ।

ତୃତୀୟ ଆର୍ଥିକ ସଂକଟର ଢେଉ ଦେଖା ଦେଇଥିଲା ୟୁରୋପ ଏବଂ ମଧ୍ୟ ଏସିଆରେ। ପ୍ରଥମରୁ ବିଦେଶୀ ଋଣ ନେଇ ଦେଶର ଉନ୍ନତି କଲେ ମଧ୍ୟ ତାହା କାମ ଦେଲା ନାହିଁ। ଉନ୍ନୟନ ଠିକ ଭାବରେ ହୋଇ ନପାରିବାରୁ ୨୦୦୮-୯ ମସିହାରେ ଦେଖା ଦେଇଥିବା ଆର୍ଥିକ ସଂକଟ ଭିତରେ ଏଇସବୁ ଦେଶ ବିଶେଷ କରି ହଙ୍ଗେରି, ପୋଲାଣ୍ଡ, ୟୁକ୍ରେନ ଓ ରଷିଆ ମଧ୍ୟ ଦୁର୍ଦ୍ଦଶାର ଶିକାର ହେଲେ। ଚତୁର୍ଥ ସଂକଟର ସମୟ ହେଲା ୨୦୧୦ ମସିହାରେ। କରୋନା ପୂର୍ବରୁ ଅନେକ ଦେଶ ନିଜର ଆର୍ଥିକ ଅଭିବୃଦ୍ଧି, ପାଇଁ ଅନେକ ବିଦେଶୀ ଋଣ କରିଥିଲେ। କିନ୍ତୁ ସେମାନେ ନିଜ ଦେଶର ଆର୍ଥିକ ବିକାଶ ଠିକ ଭାବେ କରିପାରିଲେ ନାହିଁ। ଆଇଏମଏଫ ପକ୍ଷରୁ ଦର୍ଶାଯାଇଛି ଯେ ଜାପାନର ଋଣ ଭାର ସବୁଠାରୁ ଅଧିକ। ୨୫୦ ଶତାଂଶ। ଭିତ୍ତିଭୂମି ଉନ୍ନୟନ ପାଇଁ ଜାପାନ ଏଭଳି ମୋଟା ଅଙ୍କର ଋଣ କରିଛି। କିନ୍ତୁ ସେ ଦେଶର ଆୟବୃଦ୍ଧିହାର ସେତେ ସନ୍ତୋଷଜନକ ନୁହେଁ। ୨୦୨୫ର ବଜେଟ ଅନୁଯାୟୀ ଆମ ଭାରତର ବିଭିନ୍ନ ରାଜ୍ୟ ମଧ୍ୟ ମୋଟା ଅଙ୍କର ଋଣ କରିଛନ୍ତି। ଯେକୌଣସି ରାଜ୍ୟର ଉନ୍ନତି ପାଇଁ ଋଣ ନିହାତି ଦରକାର। ତା ନହେଲେ ଉନ୍ନୟନ କାମ କେମିତି ହେବ ? ଋଣ ଗୋଟାଏ ସରକାରରର ଖର୍ଚ୍ଚ ଓ ବିନିଯୋଗକୁ ସକ୍ରିୟ କରେ। ତେବେ ଗୋଟାଏ କଥା କହିବା ଦରକାର ଋଣର ବ୍ୟୟ ଯେପରି ବିନିଯୋଗର ଲାଭ ଠାରୁ ଅଧିକ ନ ହୁଏ। ତାହା ଦେଖିବା ଦରକାର। ଆମ ଦେଶର ରାଜ୍ୟଗୁଡିକ ମଧ୍ୟରୁ ସବୁଠାରୁ ଅଧିକ ଋଣ କରିଛି ତାମିଲନାଡୁ। ଏହାର ଋଣ ପରିମାଣ ହେଉଛି ୯.୬ ଲକ୍ଷ କୋଟି ଟଙ୍କା। ତା ତଳକୁ ଉତ୍ତର ପ୍ରଦେଶ। ଏହାର ଋଣ ପରିମାଣ ହେଉଛି ୮.୪ ଲକ୍ଷ କୋଟି ଟଙ୍କା। ଋଣ ଥରେ ବଢିବା ଆରମ୍ଭ କଲେ ତାହାକୁ ନିୟନ୍ତ୍ରଣ କରିବା ସହଜ ହୁଏ ନାହିଁ। ଆଜି ଯେଉଁ ଅବସ୍ଥା ଦେଖାଦେଇଛି, ତାର ମୂଳରେ ରହିଛି, ଆମେରିକା।

ମୋ-୯୪୩୯୬୫୨୩୨୨

# ଶରୀର ସୁସ୍ଥତାରେ ଉପବାସ ଓ ପାଚନ ତନ୍ତ୍ର

**ଡାକ୍ତର ଉମେଶ ଚନ୍ଦ୍ର ପାତ୍ର**

> **ଦୀର୍ଘ ଦିନ ଧରି ଏହିଭଳି ଡାଏଟ କରିବା ଦ୍ୱାରା ପାଟିରୁ ଦୁର୍ଗନ୍ଧ ବାହାରିବା, ପେଶି ଟାଣି ହେବା, ପେଟ ସମସ୍ୟା, ଅଲସର, କିଡ୍‌ନୀ ଷ୍ଟୋନ, କୋଷ୍ଠକାଠିନ୍ୟ ଭଳି ସମସ୍ୟା ସୃଷ୍ଟି ହୋଇଥାଏ ବୋଲି ମଧ ଚିକିତ୍ସକମାନେ ଚେତାଇ ଦିଅନ୍ତି। ଏହି ଧରଣର ଉପବାସ କରି ହୃଦ୍‌ଘାତରେ ମୃତ୍ୟୁ ପର୍ଯ୍ୟନ୍ତ ହେବାର ନଜିର ମଧ ଅନେକ ରହିଛି। ତେଣୁ ଏହି ଧରଣର ଉପବାସ ଆଦୌ କରିବେ ନାହିଁ, ଯଦିବା କରିବେ ତେବେ ତାହା କେତେ ଦିନ ପାଇଁ, ଏସବୁ ଚିକିତ୍ସକ, ନ୍ୟୁଟିସନିଷ୍ଟଙ୍କ ପରାମର୍ଶ ଅନୁସାରେ କରିବା ଉଚିତ। ଭାବ ପ୍ରବଣ ହୋଇ ଦୀର୍ଘଦିନ ଧରି ଉପବାସ କରିବା ଶରୀର ପାଇଁ କ୍ଷତିକାରକ ସାବ୍ୟସ୍ତ ହୋଇଥାଏ।**

ଉପବାସକୁ ନେଇ ବିଭିନ୍ନ ଧର୍ମରେ ରହିଛି ଭିନ୍ନ ଭିନ୍ନ ଲୋକ ବିଶ୍ୱାସ। କେଉଁ ଧର୍ମରେ ଈଶ୍ୱରଙ୍କ ନିକଟତର ହେବା ପାଇଁ ଉପବାସ କରାଯାଏ ତ କେଉଁ ଧର୍ମରେ ସଂଯମତା ଅବଲମ୍ବନ ପାଇଁ ଉପବାସର ସାହାଯ୍ୟ ନିଆଯାଏ। ସନାତନ ଧର୍ମରେ ପୂର୍ଣ୍ଣିମା, ସଂକ୍ରାନ୍ତି, ଚତୁର୍ଦ୍ଦଶୀ, ଏକାଦଶୀ ଆଦି ତିଥିରେ ଉପବାସ କରାଯାଉଥିବା ସମୟରେ ଇସଲାମ ଧର୍ମାବଲମ୍ବୀ ରମଜାନ ମାସରେ ରୋଜା ରଖିବାର ପ୍ରଥା ପ୍ରଚଳିତ ହୋଇଆସୁଛି। ଧାର୍ମିକ ଭାବନାରୁ ଉର୍ଦ୍ଧ୍ୱରେ ଉପବାସ ବିଜ୍ଞାନ ସମ୍ମତ। ତିଥି ଭିତ୍ତିରେ ଉପବାସ ଆଂଶିକ କିମ୍ବା ସଂପୂର୍ଣ୍ଣ ହୋଇଥାଏ। ଆୟୁର୍ବେଦ ବ୍ୟାଖ୍ୟା କରେ ଯେ ପାଚନ ତନ୍ତ୍ରରେ ବିଭିନ୍ନ ବିଷାକ୍ତ ପଦାର୍ଥ ଜମା ହେବା ଦ୍ୱାରା ଶରୀରରେ ବିଭିନ୍ନ ରୋଗ ହୋଇଥାଏ। ଉପବାସ କରିବା ଦ୍ୱାରା ପାଚନ ତନ୍ତ୍ରକୁ ବିଶ୍ରାମ ମିଳିଥାଏ ଓ ଆମ ଶରୀରରେ ଅନବରତ ଚାଲିଥିବା ବିଭିନ୍ନ ପ୍ରକ୍ରିୟାକୁ ବିରାମ ମିଳି ଶରୀର ସ୍ୱତଃସ୍ଫୂର୍ତ୍ତ ଭାବରେ ବିଷାକ୍ତ ପଦାର୍ଥକୁ ବାହାର କରିବାରେ ସକ୍ଷମ ହୁଏ। ଅନ୍ୟ ପକ୍ଷରେ ସୂର୍ଯ୍ୟ କିରଣ ଓ ଚନ୍ଦ୍ରାଲୋକର ଆମ ପାଚନ ତନ୍ତ୍ର ଉପରେ ଅନେକ ପ୍ରଭାବ ରହିଛି। ସେଥିପାଇଁ ପୂର୍ଣ୍ଣିମା, ଅମାବାସ୍ୟା ଭିତ୍ତିରେ କେତେବେଳେ ଦିନ ସମୟରେ ଖାଦ୍ୟ ଗ୍ରହଣ କରାଯାଏ ତ କେତେବେଳେ କେବଳ ରାତି ସମୟରେ ଖାଦ୍ୟ ଗ୍ରହଣ କରାଯାଏ। ସେଥିପାଇଁ ଆମ ଧର୍ମରେ କାର୍ତ୍ତିକରେ ହବିଷ କରାଯାଏ ଅମାବାସ୍ୟାରେ ପଡୁଥିବା ବ୍ରତରେ ଫଳମୂଳ ପରି ହାଲୁକା ଆହାରକୁ ଭୋଜନ ଭାବେ ଗ୍ରହଣ କରାଯାଏ।

ଫାଷ୍ଟିଂ ବା ଉପବାସ ହେଉଛି ଏକ ପ୍ରାଚୀନ ପ୍ରଥା। ଯେଉଁଥିରେ ନିର୍ଦ୍ଧାରିତ ସମୟ ଯାଏଁ ଖାଦ୍ୟ ନଖାଇ ଶରୀରକୁ ବିଶ୍ରାମ ଦିଆଯାଏ। ଉପବାସ ଦେହ ଓ ମନ ଉଭୟ ପାଇଁ ଉକାରୀ। ବୈଜ୍ଞାନିକ ଦୃଷ୍ଟିକୋଣରୁ ମଧ ଏହାର ଗୁରୁତ୍ୱ ରହିଛି। ଉପବାସ ଦ୍ୱାରା ଶରୀରର ମେଟାବୋଲିଜିମ୍ ବୃଦ୍ଧି ହେବା ସହ ଟକ୍ସିନ ରିଲିଜ ମଧ ହୋଇଥାଏ।



ଏହା ଇନସୁଲିନ କ୍ଷରଣକୁ ମଧ ନିୟନ୍ତ୍ରଣ କରେ। ଉପବାସ ଶରୀରକୁ ଫୁର୍ତ୍ତି ମଧ ରଖିଥାଏ। କୌଣସି ଧାର୍ମିକ ଓ ପୌରାଣିକ ଭାବନା ସହ ଜଡ଼ିତ ନ ରହି ଆଧୁନିକ ସମୟରେ ସୁସ୍ଥ ରହିବା ପାଇଁ କରାଯାଉଥିବା ଉପବାସ ଅଭ୍ୟାସକୁ ଇଣ୍ଟରମିଟେଣ୍ଟ ଫାଷ୍ଟିଂ କୁହାଯାଉଛି। ଏହା ଏପରି ଏକ ଆହାର ପ୍ରଣାଳୀ ଯେଉଁଥିରେ ଗୋଟିଏ ଦିନର କିଛି ନିର୍ଦ୍ଦିଷ୍ଟ ସମୟ ପାଇଁ ଖାଦ୍ୟ ଗ୍ରହଣ କରାଯାଏନାହିଁ। କେତକେ ଇଣ୍ଟରମିଟେଣ୍ଟ ଫାଷ୍ଟିଂରେ ୧୬ ଘଣ୍ଟା ଯାଏଁ କୌଣସି ଖାଦ୍ୟ ଗ୍ରହଣ କରାନଯାଇ ଦିନରେ କେବଳ ଆଠଘଣ୍ଟା ଯାଏ ଫାଷ୍ଟିଂ କରାଯାଉଥିବା ସମୟରେ ଅନେକ କେତେକ ଇଣ୍ଟରମିଟେଣ୍ଟ ଫାଷ୍ଟିଂ ପଦ୍ଧତିରେ ଚଉଦ ଘଣ୍ଟା ଖାଲି ପେଟରେ ରହି ଦଶ ଘଣ୍ଟା ମଧରେ ଖାଦ୍ୟ ଗ୍ରହଣ କରିବାକୁ ହୋଇଥାଏ। ଏହାଦ୍ୱାରା କୋଲେଷ୍ଟ୍ରଲ ସ୍ତର କମିବା ସହ ଫ୍ୟାଟ୍ ହ୍ରାସ ହୋଇଥାଏ। ଯାହା ଦ୍ୱାରା ଓଜନ ହ୍ରାସ ପାଇଥାଏ। କିନ୍ତୁ ଯେତେବେଳେ ଆପଣ କୌଣସି ବି ଡାଏଟ ପାଇଁ ଯୋଜନା କରୁଛନ୍ତି ପ୍ରଥମେ ଯେ କୌଣସି ଡାଏଟିସିଆନଙ୍କ ସହ ପରାମର୍ଶ କରନ୍ତୁ। ଡାଏଟିସିଆନ ପରାମର୍ଶ ବିନା କୌଣସି ପ୍ରକାରର ଡାଏଟ ଆରମ୍ଭ କରନ୍ତୁ ନାହିଁ। ସବୁ ପ୍ରକାରର ଡାଏଟ ସମସ୍ତଙ୍କ ପାଇଁ ଉଦ୍ଦିଷ୍ଟ ହୋଇନଥାଏ। ପ୍ରତ୍ୟେକ ମଣିଷଙ୍କର ଶାରୀରିକ ଗଠନ, ଖାଦ୍ୟାଭ୍ୟାସ ଓ ମେଟାବଲିଜିମ ଭିନ୍ନ ହୋଇଥାଏ। ସେଥିପାଇଁ ବ୍ୟକ୍ତି ବିଶେଷଙ୍କ କ୍ଷେତ୍ରରେ ସ୍ୱତନ୍ତ୍ର ଡାଏଟର ଆବଶ୍ୟକତା ରହିଛି। ଡାଏଟିସିଆନ ନିର୍ଦ୍ଧାରିତ ବୟସ ଅନୁସାରେ ଡାଏଟ ପ୍ଲାନ ଦେଇଥାନ୍ତି। ଯାହା ଓଜନ ବଢ଼ାଇବା କିମ୍ବା କମାଇବାରେ ସହାୟକ ହୁଏ। ରକ୍ତଚାପ, ଡାଇବେଟିସ ଓ ଅନ୍ୟାନ୍ୟ ଲକ୍ଷଣ ଅନୁସାରେ ଡାଏଟ ପ୍ଲାନ ଭିନ୍ନ ହୋଇଥାଏ। ତେବେ ଆପଣ ଗୁଗଲ କିମ୍ବା ଅନ୍ୟ କୌଣସି ସାମାଜିକ ଗଣମାଧ୍ୟମରୁ ଅନୁପ୍ରାଣିତ ହୋଇ ଡାଏଟ କରୁଛନ୍ତି ଏହା ଆପଣଙ୍କୁ ଦୀର୍ଘକାଳୀନ ସୁପ୍ରଭାବ ଦେବନାହିଁ। ବରଂ ଏହା ରୋଗ ପ୍ରତିରୋଧକ ଶକ୍ତି କମାଇବା ସହ ଷ୍ଟୋନ ଭଳି ରୋଗର କାରଣ ସାଜିଥାଏ।

ଡ୍ରାଏ ଫାଷ୍ଟିଂ କ'ଣ ତାହା ପ୍ରଥମେ ଜାଣିବା ଦରକାର। ଏହା ଇଣ୍ଟରମିଟେଣ୍ଟ ଫାଷ୍ଟିଂ ଭଳି ଉପବାସ କରି ପତଳା ହେବାର ପ୍ରଚେଷ୍ଟା। ତେବେ ଏହି ଧରଣର ଉପବାସରେ ସମୟ ଆହୁରି ଦୀର୍ଘ ହୋଇଥାଏ। ଇଣ୍ଟରମିଟେଣ୍ଟରେ ଯେମିତି ୮ ଘଣ୍ଟା, ୧୨ ଘଣ୍ଟା ବା ୧୪ ଘଣ୍ଟା ଉପବାସ କରିବାକୁ ହୋଇଥାଏ, ଡ୍ରାଏ ଫାଷ୍ଟିଂରେ ତାହାଠାରୁ ଅଧିକ ସମୟ ଉପବାସ କରିବାକୁ ହୋଇଥାଏ। ଏହି ଧରଣର ଉପବାସରେ ପ୍ରାୟ ୩୬ ଘଣ୍ଟା ଧରି ଖାଲି ପେଟରେ ରହିବାକୁ ହୋଇଥାଏ। ଅର୍ଥାତ୍ ସମୟ ସୀମା ଗୋଟିଏ ଦିନରୁ ବି ଅଧିକ ହୋଇଥାଏ। ଏଇଠି ନରୁନି ଏଭଳି ଫାଷ୍ଟିଂର ନିୟମ। ଡ୍ରାଏ ଫାଷ୍ଟିଂରେ ସେହି ୩୬ ଘଣ୍ଟା ଖାଦ୍ୟ ତ ଖାଇବେ ନାହିଁ, ପାଣି ବା ଅନ୍ୟ କୌଣସି ପାନୀୟ ପିଇପାରିବେ ନାହିଁ। ଯାହାକୁ କୁହାଯାଏ ନିର୍ଜଳା ଉପବାସ। ଅତୀତରେ ଲୋକମାନେ ପୂଜାପର୍ବ ଅବସରରେ ନିର୍ଜଳା ଉପବାସ ରଖୁଥିଲେ। ସାରା ଦିନ ପାଣି ବୁନ୍ଦାଏ ବି ପେଟକୁ ଯାଉ ନଥିଲା। ଏବେ ସେହି ଉପବାସ ଆଧୁନିକ ପ୍ରଜନ୍ମ କରୁଛନ୍ତି। ତାହା କିନ୍ତୁ ଶରୀରର ଅତିରିକ୍ତ ମେଦ ହ୍ରାସ କରିବା ଉଦ୍ଦେଶ୍ୟରେ।

ଏହି ଧରଣର ନିର୍ଜଳା ଉପବାସ କରିବା ଦ୍ୱାରା ଶରୀରର ଫୁଲା ଭାବ କମ୍ ଜଣାପଡ଼େ। ତେବେ ଏ ପ୍ରସଙ୍ଗରେ ପୁଷ୍ଟିତତ୍ତ୍ୱବିତ୍‌ମାନେ କୁହନ୍ତି ଗୋଟିଏ ଦିନରୁ ଅଧିକ ସମୟ ଧରି କିଛି ନ ଖାଇବା ଦ୍ୱାରା ଶରୀରରେ ଯଥେଷ୍ଟ ପରିବର୍ତ୍ତନ ଆସିପାରେ। ସପ୍ତାହରେ ଯଦି ଦୁଇରୁ ତିନି ଦିନ ଏହି ଧରଣର ଉପବାସ କେହି କରନ୍ତି ତେବେ କିଛି ହେଲେ ବି ଓଜନ କମିବ। କିନ୍ତୁ ଏହି ପଦ୍ଧତିରେ ଶରୀରରୁ ମେଦ ହ୍ରାସ କରିବା ଆଦୌ ସ୍ୱାସ୍ଥ୍ୟସମ୍ମତ ନୁହେଁ। ଏଭଳି ଉପବାସର ଧାରା ଶରୀର ପାଇଁ ବିପଜ୍ଜନକ ହୋଇପାରେ ବୋଲି ନ୍ୟୁଟ୍ରିସନିଷ୍ଟ ଓ ଡାକ୍ତର ଉଭୟ ଚେତାବନୀ ଦେଇଥାନ୍ତି। ଏହି ଉପବାସର ପ୍ରଥମ ଚାରିଘଣ୍ଟାରେ କୌଣସି ଖାଦ୍ୟ ବା ପାନୀୟ ନଖାଇଲେ ଶରୀର 'କ୍ୟାଟାବଲିକ୍' ପର୍ଯ୍ୟାୟକୁ ଚାଲିଯାଇଥାଏ। ଅର୍ଥାତ୍ ପାଚନ ପ୍ରକ୍ରିୟା ବ୍ୟାହତ ହୋଇଥାଏ। ସେତେବେଳେ ଅତିରିକ୍ତ ମେଦ ଝରାଇ ପୁଷ୍ଟି ଆହରଣର ଚେଷ୍ଟା କରେ ଶରୀର। ଏହାର ଆଠ ଘଣ୍ଟା ପରେ ରକ୍ତରେ ଶର୍କରାର ମାତ୍ରା କମିବାରେ ଲାଗେ। ଶରୀରରେ ଜମା ଗ୍ଲାଇକୋଜେନ ଭାଙ୍ଗି ଶକ୍ତି ତିଆରି ହୁଏ। ଏହାଦ୍ୱାରା ରକ୍ତରେ ଶର୍କରାର ମାତ୍ରା ମଧ କମିଥାଏ, ପୁଣି ଅତିରିକ୍ତ କ୍ୟାଲୋରି ମଧ ନଷ୍ଟ ହୋଇଥାଏ। ବାର ଘଣ୍ଟା ପରେ ଶରୀରରେ ଯେତେ ଟିକିଏ ଗ୍ଲୁକୋଜ ଥାଏ ଯାହା ସରିଗଲେ ଲିଭର ସେତେବେଳେ ସଞ୍ଚିତ ଫ୍ୟାନ ବା ମେଦ ଭାଙ୍ଗି ଫ୍ୟାଟି ଏସିଡ଼ ତିଆରି କରେ ଯାହାର ନାଁ କିଟୋନ। ଏହି ପ୍ରକ୍ରିୟାକୁ କୁହାଯାଏ ମେଟାବୋଲିକ୍ ସ୍ୱିଚିଂ। ଶରୀର ଏହି ସମୟରେ କିଟୋସିସ୍ ପର୍ଯ୍ୟାକୁ ଚାଲିଯାଏ ଏବଂ ପ୍ରଚୁର ଫ୍ୟାଟ ବର୍ନ କରିବାରେ ଲାଗେ। ଫଳରେ ଓଜନ ଏକାଥରକେ ଅନେକାଂଶରେ କମିଯାଏ। ଷୋଳଘଣ୍ଟା ପରେ ଆରମ୍ଭ ହୁଏ 'ଅଟୋଫ୍ୟାଗି'। ଅର୍ଥାତ କୋଷର ପୁନର୍ଗଠନ ହେବା ଆରମ୍ଭ ହୁଏ। କୋଷରେ ଜମା ଉପାଦାନ ଭାଙ୍ଗିବାରେ ଲାଗେ, ନୂଆ କୋଷ ତିଆରି ପ୍ରକ୍ରିୟା ଆରମ୍ଭ ହୁଏ।

ଚବିଶ ଘଣ୍ଟା ପରେ ଶରୀରରେ ପ୍ରଦାହ କମିବାରେ ଲାଗେ। ଯେତେ ଟିକେ କ୍ୟାଲୋରି ଜମା ଥାଏ, ତାହାର ସମସ୍ତ ଖର୍ଚ୍ଚ କରି ଶକ୍ତି ସଞ୍ଚାରିତ ହୁଏ। ଯେହେତୁ ଖାଦ୍ୟ ବା ପାନୀୟ କୌଣସି ଶରୀରରେ ନାହିଁ, ତେଣୁ କ୍ୟାଲୋରୀ ନଷ୍ଟ କରି ଶକ୍ତି ତିଆରି ହୁଏ। ତିରିଶ ଘଣ୍ଟା ପରେ ହରମୋନ ନିଃସରଣ ପ୍ରଭାବପିତ ହେବାରୁ ପେଶିରେ ଜମିଥିବା ମେଦ ଝରିବା ଆରମ୍ଭ କରେ। ଛତିଶ ଘଣ୍ଟା ପରେ ପୁଣି ଥରେ 'ଅଟୋଫ୍ୟାଗି' ପର୍ଯ୍ୟାୟ ଆରମ୍ଭ ହୁଏ। କୋଷର ପୁନର୍ଗଠନ ହେବା ଆରମ୍ଭ କରେ। ତେବେ ସମସ୍ତଙ୍କ ପାଇଁ ଏହି ଧରଣର ଉପବାସ ଆଦୌ ଉପଯୁକ୍ତ ନୁହେଁ। ମଧୁମେହ, ହୃଦରୋଗ, ଲିଭର ସମସ୍ୟା, କ୍ରନିକ୍ କିଡ଼ନୀ ରୋଗ ଭୋଗୁଥିବା ଲୋକମାନେ ଏହି ଧରଣର ଫାଷ୍ଟିଂ କଲେ ସେମାନଙ୍କ ସ୍ୱାସ୍ଥ୍ୟ ପାଇଁ ବିପଜ୍ଜନକ ସାବ୍ୟସ୍ତ ହୋଇପାରେ। ନିର୍ଜଳା ଉପବାସକୁ ଚିକିତ୍ସକମାନେ ଆଦୌ ପ୍ରଶ୍ରୟ ଦିଅନ୍ତି ନାହିଁ। ବରଂ କିଛି ଲୋକଙ୍କ କ୍ଷେତ୍ରରେ ଏହି ଧରଣର ଉପବାସ ହୃତ୍‌ପିଣ୍ଡଜନିତ ସମସ୍ୟା ଡାକି ଡିହାଇଡ୍ରେସନ ବା ଜଳଶୂନ୍ୟତା କାରଣରୁ କିଡ଼ନୀ ଦୁର୍ବଳ ହେବାର ଆଶଙ୍କା ଅଧିକ ରହିଛି ଏହି ଧରଣର ଉପବାସରେ। ମହିଳାମାନଙ୍କ କ୍ଷେତ୍ରରେ ଏହି ଧରଣର ଉପବାସ ଋତୁସ୍ରାବ ଅନିୟମିତ କରିବାର କାରଣ ସାଜିପାରେ।

ଦୀର୍ଘ ଦିନ ଧରି ଏହିଭଳି ଡାଏଟ କରିବା ଦ୍ୱାରା ପାଟିରୁ ଦୁର୍ଗନ୍ଧ ବାହାରିବା, ପେଶି ଟାଣି ହେବା, ପେଟ ସମସ୍ୟା, ଅଲସର, କିଡ଼ନୀ ଷ୍ଟୋନ, କୋଷ୍ଠକାଠିନ୍ୟ ଭଳି ସମସ୍ୟା ସୃଷ୍ଟି ହୋଇଥାଏ ବୋଲି ମଧ ଚିକିତ୍ସକମାନେ ଚେତାଇ ଦିଅନ୍ତି। ଏହି ଧରଣର ଉପବାସ କରି ହୃଦ୍‌ଘାତରେ ମୃତ୍ୟୁ ପର୍ଯ୍ୟନ୍ତ ହେବାର ନଜିର ମଧ ଅନେକ ରହିଛି। ତେଣୁ ଏହି ଧରଣର ଉପବାସ ଆଦୌ କରିବେ ନାହିଁ, ଯଦିବା କରିବେ ତେବେ ତାହା କେତେ ଦିନ ପାଇଁ, ଏସବୁ ଚିକିତ୍ସକ, ନ୍ୟୁଟିସନିଷ୍ଟଙ୍କ ପରାମର୍ଶ ଅନୁସାରେ କରିବା ଉଚିତ। ଭାବ ପ୍ରବଣ ହୋଇ ଦୀର୍ଘଦିନ ଧରି ଉପବାସ କରିବା ଶରୀର ପାଇଁ କ୍ଷତିକାରକ ସାବ୍ୟସ୍ତ ହୋଇଥାଏ।

କଟକ,
ମୋ- ୯୪୩୭୦୫୧୯୫୭

# ଡକାୟତି ଯୋଜନା ପଣ୍ଡ ୫ ସଶସ୍ତ୍ର ଅଭିଯୁକ୍ତ ଗିରଫ

ରାଉରକେଲା,୩୧।୧ (ନିପ୍ର): ଏକ ଯୋଜନାବଦ୍ଧ ଡକାୟତି ଉଦ୍ୟମକୁ ପଣ୍ଡ କରିଛି ରାଉରକେଲା ପୋଲିସ୍। ଏଥିସହିତ ସହରର ଏକ ନିର୍ଜନ ସ୍ଥାନରୁ ୫ ଜଣ ସଶସ୍ତ୍ର ଅପରାଧୀଙ୍କୁ ଗିରଫ କରିଛି ରାଉରକେଲା ପ୍ଲାଣ୍ଟସାଇଟ୍ ପୋଲିସ୍ । ପୋଲିସର ସୂଚନା ଅନୁଯାୟୀ, ୨୯ ତାରିଖ ରାତିରେ ପ୍ଲାଣ୍ଟସାଇଟ୍ ଥାନାର ସବଇନ୍ସପେକ୍ଟର ଏନ. ଦଳାଇ, ଅନ୍ୟାନ୍ୟ ପୋଲିସ୍ କର୍ମଚାରୀଙ୍କ ସହିତ ଥାନା ଅଞ୍ଚଳରେ ରାତ୍ରି ପାଟ୍ରୋଲିଂ ଡ୍ୟୁଟିରେ ଥିବା ସମୟରେ କିଛି ସନ୍ଦିଗ୍ଧ ବ୍ୟକ୍ତିଙ୍କ ଗତିବିଧି ସମ୍ପର୍କରେ ବିଶ୍ୱସ୍ତ ଗୁପ୍ତ ସୂଚନା ପାଇଥିଲେ। ସୂଚନା ପାଇବା ପରେ ତୁରନ୍ତ ପୋଲିସ ଦଳ ଘଟଣା ସ୍ଥଳ ରେଲୱେ କଲୋନୀ ଅନ୍ତର୍ଗତ ଛୋଟ ପାର୍କରେ ଚଢାଉ କରିଥିଲେ। ଏହି ଅଭିଯାନ ସମୟରେ, ପୋଲିସ ପାଞ୍ଚ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ପ୍ରିନ୍ସ ରାଓ ଓରଫ ପିଣ୍ଟୁ, ବି.ସୂର୍ଯ୍ୟ ଓରଫ୍ ଚିଣ୍ଟୁ ରାଓ, ସଚିନ ପ୍ରସାଦ ଓରଫ୍ ପୋଟା, ଅମନ ସା ଏବଂ ନାରାୟଣ ସାହୁ ଓରଫ୍ ଗୋର୍ଖା। ସେମାନେ ଘଟଣାସ୍ଥଳରେ ସନ୍ଦେହଜନକ ଭାବରେ ଏକତ୍ରିତ ହୋଇଥିବା ଦେଖିବାକୁ ପାଇଥିଲେ। ତଲାସୀ ନେବା ପରେ, ଅଭିଯୁକ୍ତମାନଙ୍କ ନିକଟରୁ ଏକ ଖଣ୍ଡା, ଭୁଜାଲି, ଲୁହା ରଡ୍ ସମେତ ମାରାତ୍ମକ ଅସ୍ତ୍ରଶସ୍ତ୍ର ମିଳିଥିଲା। ପ୍ରାଥମିକ ତଦନ୍ତରୁ ଜଣାପଡିଛି ଯେ ଏହି ଗୋଷ୍ଠୀ ସନ୍ଦେହହୀନ ପଥଚାରୀ, ନିକଟବର୍ତ୍ତୀ ଆବାସିକ ଘର, ବାଣିଜ୍ୟିକ ପ୍ରତିଷ୍ଠାନ ଏବଂ ଅଞ୍ଚଳର ଏକ ପେଟ୍ରୋଲ ପମ୍ପକୁ ଟାର୍ଗେଟ କରି ଡକାୟତି କରିବା ଉଦ୍ଦେଶ୍ୟରେ ଏକତ୍ର ହୋଇଥିଲେ। ପୁଲିସର ସମୟୋଚିତ ହସ୍ତକ୍ଷେପ ଯୋଗୁଁ ଏକ ସମ୍ଭାବ୍ୟ ଜଘନ୍ୟ ଅପରାଧକୁ ରୋକାଯାଇପାରିଥିଲା ଏବଂ ସମ୍ଭାବ୍ୟ ଜୀବନ ଓ ସମ୍ପତ୍ତି କ୍ଷତିକୁ ଏଡାଇ ଦିଆଯାଇପାରିଛି। ଗିରଫ ହୋଇଥିବା ସମସ୍ତ ବ୍ୟକ୍ତି, କଠୋର ଅପରାଧୀ ବୋଲି ବିଶ୍ୱାସ କରାଯାଏ, ସେମାନଙ୍କୁ ହେପାଜତକୁ ନିଆଯାଇଥିଲା ଏବଂ ପରେ ଆଇନଗତ ଔପଚାରିକତା ସମାପ୍ତ କରିବା ପରେ କୋର୍ଟକୁ ପଠାଯାଇଛି। ସେମାନଙ୍କର ପୂର୍ବ ଅପରାଧିକ ପୂର୍ବାବଲୋକନ ଯାଞ୍ଚ କରିବା ଏବଂ ସହରରେ ଅନ୍ୟାନ୍ୟ ଅପରାଧରେ ସେମାନେ ଜଡିତ ଥିଲେ କି ନାହିଁ ତାହା ଜାଣିବା ପାଇଁ ଅଧିକ ତଦନ୍ତ ଜାରି ରହିଛି।

# ଅବକାରୀ ଚଢାଉ, ଦେଶୀମଦ ସହ ପୋଚ ନଷ୍ଟ

ଆଠଗଡ଼,୩୧।୧ (ନିପ୍ର); ଆଠଗଡ଼ ଅବକାରୀ ନିରୀକ୍ଷକ ରବିନାରାୟଣ ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆଠଗଡ଼ ଥାନା ଅନ୍ତର୍ଗତ କୋରଙ୍ଗା ଗ୍ରାମ ଏବଂ ନିକଟସ୍ଥ କାଜୁ ଜଙ୍ଗଲରେ ଆଠଗଡ଼ ଅବକାରୀ ବିଭାଗ, ବାଙ୍କୀ ଅବକାରୀ ଥାନା, ଜିଲ୍ଲା ମୋବାଇଲ ୟୁନିଟ, ଅବକାରୀ ଗୁଇନ୍ଦା ୟୁନିଟ ଏବଂ ଆଠଗଡ଼ ଥାନା ସହିତ ଏକ ମିଳିତ ଚଢାଉ କରାଯାଇଥିଲା। ଏହି ଚଢାଉରେ



ସର୍ବମୋଟ ୨୯୭୫ ଲିଟର ଦେଶୀମଦ ସହ ୨୪୭୧୦ ଲିଟର ମଦ ପ୍ରସ୍ତୁତ ନିମନ୍ତେ ବ୍ୟବହୃତ ହେଉଥିବା ଗୁଡ଼ ପୋଚ ଉଦ୍ଧାର କରାଯାଇ ଘଟଣାସ୍ଥଳରେ ନଷ୍ଟ କରାଯାଇଥିଲା।ଏହି ପରିପ୍ରେକ୍ଷୀରେ ୭ଟି ମାମଲା ରୁଜୁ କରାଯାଇଛି। ଉକ୍ତ ଚଢାଉ କଟକ ଜିଲ୍ଲା ଅବକାରୀ ଅଧିକ୍ଷକ କରୁଣା ଶଙ୍କର ତିୱାରୀଙ୍କ ନିର୍ଦ୍ଦେଶକ୍ରମେ ଆଠଗଡ଼ ଅବକାରୀ ନିରୀକ୍ଷକ ରବିନାରାୟଣ ପ୍ରଧାନ, ଅବକାରୀ ଗୁଇନ୍ଦା ଅଧିକାରୀ ସୁଶାନ୍ତ ମହାପାତ୍ର, ମୋବାଇଲ ଅବକାରୀ ୟୁନିଟର ଅଧିକାରୀ ଅକ୍ଷୟ କୁମାର ଜେନାଙ୍କ ସହ ଆଠଗଡ଼, କଟକ, ବାଙ୍କୀ ଅବକାରୀ ବିଭାଗ ଓ ଆଠଗଡ଼ ଥାନାର ଅଧିକାରୀ ଓ ସହକର୍ମୀମାନେ ଅଂଶଗ୍ରହଣ କରିଥିଲେ।

# କୃଷି ଯନ୍ତ୍ରପାତି ବିଶେଷତ୍ୱ ଉପରେ ଆଲୋଚନା

କେନ୍ଦୁଝର,୩୧।୧ (ନିପ୍ର): କେନ୍ଦୁଝର କାଳୀପଡିଆ ଠାରେ ଅନୁଷ୍ଠିତ ହୋଇଯାଇଛି ଜିଲ୍ଲା ସ୍ତରୀୟ କୃଷି ଯନ୍ତ୍ରପାତି ମେଳା - ୨୦୨୬ ଯାହାକୁ ଆୟୋଜନ କରିଛନ୍ତି ମୁଖ୍ୟ ଜିଲ୍ଲା କୃଷି ଓ କୃଷି ସଶକ୍ତି କରଣ ବିଭାଗ, ଓଡିଶା । ଉଦ୍ଘାଟନ ଅବସରରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଥିଲେ ବଦ୍ରି ନାରାୟଣ ପାତ୍ର, ବିଧାୟକ, ଘଷିପୁରା, ସନାତନ ମହାକୁଡ଼ ବିଧାୟକ, ଚମ୍ପୁଆ,ଅଖିଳ ଚନ୍ଦ୍ର ନାୟକ ବିଧାୟକ, ପାଟଣା,ଡ଼. ଫକୀର ମୋହନ ନାୟକ ବିଧାୟକ, ତେଲକୋଇ, ଅଭିମନ୍ୟୁ ସେଠି ବିଧାୟକ, ଆନନ୍ଦପୁର, ବିଶାଳ ସିଂହ ଜିଲ୍ଲାପାଳ, କେନ୍ଦୁଝର, ନିକୁ ସାହୁ ଅଧକ୍ଷା, କେନ୍ଦୁଝର ପୌରପାଳିକା । ଉପସ୍ଥିତ ଅତିଥି ବୃନ୍ଦଙ୍କୁ ପୁଷ୍ପଗୁଚ୍ଛ, ଉପଢ଼ୌକନ ପ୍ରଦାନ ପୂର୍ବକ ପ୍ରଦୀପ ପ୍ରଜ୍ୱଳନ କରି ସଭା କାର୍ଯ୍ୟର ଶୁଭାରମ୍ଭ କରାଯାଇଥିଲା । ଏହାପରେ ସମସ୍ତେ ନିଜ ନିଜର ଅଭିଭାଷଣ ରେ କୃଷି ଯନ୍ତ୍ରପାତି ମେଳା ଅନୁଷ୍ଠିତ କରାଯିବାର ବିଶେଷତ୍ୱତା ନିଜର ବକ୍ତୃତା ମାଧ୍ୟମରେ ପ୍ରତିପାଦନ କରିଥିଲେ।

ଜିଲ୍ଲାର ବିଭିନ୍ନ ସ୍ଥାନରୁ ଆସିଥିବା କୃଷି ଭାଇ ଭଉଣୀମାନଙ୍କ ମନୋରଞ୍ଜନ ନିମିତ୍ତ ସନ୍ଧ୍ୟାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା ଯେଉଁଠି ଉଦ୍ଘାଟନ ହୋଇଥିଲା। ପ୍ରଥମ ସନ୍ଧ୍ୟାରେ ଉପସ୍ଥିତ ବ୍ୟକ୍ତି ବିଶେଷଙ୍କ ମନ ମୋହିଥିଲା କରଞ୍ଜିଆରୁ ଆସିଥିବା ବହୁ ଲୋକପ୍ରିୟ ଅନୁଷ୍ଠାନ ଚାରୁସ୍ ଡ୍ୟାନ୍ସ ଏକାଡେମୀ । ନିଜର ନୃତ୍ୟ ପ୍ରତିଭା ଦ୍ୱାରା ପିଲାମାନେ ଆଞ୍ଚଳିକ ନୃତ୍ୟ ସହିତ ପ୍ରତ୍ୟେକ ଅଂଚଳର ପ୍ରସିଦ୍ଧ ନୃତ୍ୟ ମଧ୍ୟ ପରିବେଷଣ କରିଥିଲେ । ଛୋଟ ଛୋଟ ପିଲାଙ୍କ ଅନନ୍ୟ ଚିତାକର୍ଷକ ନୃତ୍ୟ ଉପସ୍ଥିତ ଉଚ୍ଚ ପଦସ୍ଥ ଅଧିକାରୀଙ୍କ ପାଦକୁ ମଧ ବାନ୍ଧି ରଖିବାରେ ଅସମର୍ଥ ହୋଇଥିଲା ପିଲାଙ୍କ ସହ ତାଳରେ ତାଳ ମିଶାଇ ସୁନ୍ଦର ନୃତ୍ୟ ଦ୍ୱାରା ମଞ୍ଚକୁ ମଣ୍ଡିତ କରିଥିଲେ । କେନ୍ଦୁଝର ଠାରୁ ଆସିଥିବା ସୁର ସଂଗୀତ ଅନୁଷ୍ଠାନର କଳାକାର ମାନେ ମଧ ନିଜର ସୁଲଳିତ ଗୀତ ଦ୍ୱାରା ସମସ୍ତଙ୍କ ହୃଦୟକୁ ଜିତିଥିଲେ ।

# ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକୋତ୍ସବ

ହିଞ୍ଜିଳିକାଟୁ,୩୧/୧(ନିପ୍ର): ହିଞ୍ଜିଳିକାଟୁ ବ୍ଲକ ପୋଚିଲିମା ସ୍ଥିତ ଖାମ୍ବେୟା ଦୋରା ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୩୨ ତମ ବାର୍ଷିକୋତ୍ସବ ଶୁକ୍ରବାର ମହା ସମାରୋହରେ ପାଳିତ ହୋଇଛି। ଅଧ୍ୟକ୍ଷ ସୂର୍ଯ୍ୟ ନାରାୟଣ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଉଚ୍ଚ ଶିକ୍ଷା ବିଭାଗର ଯୁଗ୍ମ ନିର୍ଦ୍ଦେଶକ ପବିତ୍ର ମୋହନ ସାହୁ ଓ ସମ୍ମାନିତ ଅତିଥି ଭାବେ ହିଞ୍ଜିଳି ଥାନା ଭାରପ୍ରାପ୍ତ ଅଧିକାରୀ ଶ୍ରୀନିବାସ ସେଠୀ, ପୂର୍ବତନ ସମ୍ପାଦକ ଏନ୍. ରଘୁନାଥ, ପୂର୍ବତନ ସମ୍ପାଦକ ଭଜରାମ ସାବତ, ଅବସରପ୍ରାପ୍ତ ଅଧ୍ୟକ୍ଷ ଅରବିନ୍ଦ ପଣ୍ଡା ଓ ପୂର୍ବତନ ଅଧ୍ୟକ୍ଷ ଡ଼ଃ ରବିନ୍ଦ୍ର କୁମାର ପାଣିଗ୍ରାହୀ ପ୍ରମୁଖ ମଞ୍ଚସୀନ ଥିଲେ। ଅଧ୍ୟାପକ ସୁଶାନ୍ତ କୁମାର ପଣ୍ଡା ବାର୍ଷିକ ବିବରଣୀ ପାଠ କରିଥିଲେ।ଅତିଥିମାନେ ଛାତ୍ରଛାତ୍ରୀଙ୍କୁ ଶୃଙ୍ଖଳା,ସଂସ୍କାର, କର୍ତ୍ତବ୍ୟ ପାଳନ ଓ ସମାଜ ଗଠନରେ ଉତ୍ତର ଦାୟିତ୍ୱ ନିର୍ବାହ ସହ ନିଜ ନିଜ ମାନବିକ ଅଧିକାର ବିଷୟରେ ସଂକଳ୍ପ ପୂର୍ବକ ଉତ୍ତମ ଭବିଷ୍ୟତ ଲକ୍ଷ୍ୟ ହାସଲ ଦିଗରେ କର୍ତ୍ତବ୍ୟ ନିଷ୍ଠ ହେବା ପାଇଁ ମାର୍ଗଦର୍ଶନ ଦେଇଥିଲେ। ରାଜ୍ୟ ସରକାରଙ୍କ ଦ୍ୱାରା ଅନୁଷ୍ଠିତ ସୁରଭି ପ୍ରତିଯୋଗିତାର କୁଇଜ୍ ଓ ସ୍ପେଲିଂ ବିଭାଗରେ ରାଜ୍ୟ ସ୍ତରରେ ପ୍ରଥମ ସ୍ଥାନ ଅଳଙ୍କୃତ କରିଥିବା ଛାତ୍ରୀ ସ୍ନେହାରାଣୀ ଗୌଡଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଏଥି ସହିତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଦ୍ୱାରା ଅନୁଷ୍ଠିତ ହୋଇଥିବା ସାଂସ୍କୃତିକ ଓ କ୍ରୀଡ଼ା ପ୍ରତିଯୋଗୀତାରେ କୃତକାର୍ଯ୍ୟ ହୋଇଥିବା ଛାତ୍ରଛାତ୍ରୀଙ୍କୁ ସିଲ ଓ ପ୍ରଶଂସା ପତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା।

# ଟ୍ରାକ୍ଟର ଓଲଟି ଚାଳକ ମୃତ

ଆସିକା,୩୧।୧ (ନିପ୍ର); ଗଞ୍ଜାମ ଜିଲ୍ଲା କବିସୂର୍ଯ୍ୟନଗର ଥାନା ଗୋଲାମୁଣ୍ଡଳା ଗ୍ରାମ ନିକଟରେ ଏକ ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି । ଗ୍ରାମ ନିକଟ ବାଘୁଆ ନଦୀ ହୁଡ଼ା ସ୍ମଶାନ ପାଖରେ ଚିପ୍ସ ବୋଝେଇ ଟ୍ରାକ୍ଟର ଓଲୋଟି ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଛି । ମୃତ ବ୍ୟକ୍ତି ଗୋଲାମୁଣ୍ଡଳା ଗ୍ରାମର ରମେଶ ଚନ୍ଦ୍ର ପ୍ରଧାନ (୫୫)ହୋଇଥିବା ଜଣାପଡିଛି । ରମେଶ ଟ୍ରାକ୍ଟରରେ ଶ୍ରମିକ ଭାବେ କାମ କରୁଥିବା ବେଳେ ଆଜି ସେ ଟ୍ରାକ୍ଟର ଚଳାଇ ଶ୍ମଶାନ ନିକଟରେ ଚିପ୍ସ ପକାଇବାକୁ ଯାଇଥିବା ସମୟରେ ଅସାବଧାନତା ବଶତଃ ଟ୍ରାକ୍ଟରଟି ଓଲଟି ପଡିଥିଲା । ଦୁର୍ଘଟଣା ପରେ ସ୍ଥାନୀୟ ଲୋକେ ତାଙ୍କୁ ଉଧାରକରି ଚିକିତ୍ସା ନିମନ୍ତେ ଆସିକା ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିବା ବେଳେ ଏଠାରେ ଡାକ୍ତର ରମେଶଙ୍କୁ ମୃତ୍ୟୁ ଘୋଷଣା କରିଛନ୍ତି। ତେବେ ଏଠି ବଡ ପ୍ରଶ୍ନ କାହିଁକି ଜଣେ ଅନଅଭିଜ୍ଞ ବ୍ୟକ୍ତିଙ୍କୁ ବିପଦପୂର୍ଣ୍ଣ ସ୍ଥାନରେ ଗାଡି ଚଳାଇବାକୁ ଦେଲେ ମାଲିକ ? କାହାର ରହିଛି ଦାୟିତ୍ୱହୀନତା। ଏପରି ଚର୍ଚ୍ଚା ହେଉଛି।ଅନ୍ୟପଟେ ଖବର ପାଇ କବିସୂର୍ଯ୍ୟନଗର ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି ।

# ଏସିଆ ମହାଦେଶର ଦ୍ୱିତୀୟ ବୃହତ୍ତମ ଉଷ୍ଣପ୍ରସ୍ରବଣ ଅବହେଳିତ

ଭାପୁର,୩୧।୧(ନିପ୍ର):ଏସିଆ ମହାଦେଶର ଦ୍ୱିତୀୟ ବୃହତ୍ତମ ଉଷ୍ଣପ୍ରସ୍ରବଣ ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ଗୋଳାପୋଖରୀ ପଞ୍ଚାୟତ ଅନ୍ତର୍ଗତ ତରବାଲୋ ଗ୍ରାମରେ ଅବସ୍ଥିତ। କିଆବଣ ଯୁକ୍ତ ୮ ଏକର ଜାଗା ଉପରେ ପରିବେଷ୍ଟିତ ହୋଇଥିବାରୁ ଖୋଳା ଯାଇଥିବା ୫ ଗୋଟି କୂଅରେ ବାରୁଦଗନ୍ଧକ ଯୁକ୍ତ ଉଷ୍ଣ ପାଣିରେ ଚର୍ମରୋଗରେ ଆକ୍ରାନ୍ତ ଜନସାଧାରଣ ସ୍ନାନ କରି ଉପଶମ ହେଉଥିବା ଦେଖାଯାଉଛି। ଲୋକକଥିତ ଅନୁସାରେ, ୧୯୭୫ ମସିହାରେ ୮ ଗୋଟି ଶଗଡ଼ ଗାଡ଼ି ଏହି ବାଟ ଦେଇ ଯାଉଥିବା ବେଳେ ସେଥିମଧ୍ୟରୁ ଗୋଟିଏ ଶଗଡ଼ କିଆ ବଣ ଭିତରେ ଦବି ଯାଇଥିଲା। ସେ ଶଗଡ଼କୁ ଯେତେ ଚେଷ୍ଟା କରିଥିଲେ ବି ଉଠିପରି ନ ଥିଲା। ଫଳରେ,ଶଗଡିଆ ଜଣଙ୍କ ମାଆ କିଆଶୁଣୀଙ୍କ ନାମ ଧରି ଜପିବାରୁ ଶଗଡ଼ ସହଜରେ ଉଠିଯାଇଥିଲା। ସେହିଦିନ ଠାରୁ କିଆବଣ ଭିତରେ ମାଆ କିଆସୁଣୀ ପ୍ରତିଷ୍ଠା ହୋଇ ଆଜି ପର୍ଯ୍ୟନ୍ତ ପୂଜା ହୋଇ ଆସୁଛନ୍ତି। ପ୍ରତିବର୍ଷ ରଜ ସଂକ୍ରାନ୍ତିରେ ଏହି ସ୍ଥାନରେ ବିରାଟ ମେଳା





ଅନୁଷ୍ଠିତ ହୋଇଆସୁଛି। ଉଲ୍ଲେଖଯୋଗ୍ୟ, ଭୁବନେଶ୍ୱର ଠାରୁ ୭୦ କିମି ଦୂର ଭାପୁର ସଦର ମହକୁମାରେ ଓହ୍ଲାଇ ଗୋଳାପୋଖରୀ ରାସ୍ତାରେ ୫ କିମି ଗଲେ ଏହି ଉଷ୍ଣପ୍ରସ୍ରବଣ ପଡିଥାଏ। ଏହି ଉଷ୍ଣପ୍ରସ୍ରବଣ ର ଅବସ୍ଥିତ ତରବାଲୋ ଏବଂ ନୀଳକଣ୍ଠପ୍ରସାଦ ଦୁଇ ପଡୋଶୀ ଗ୍ରାମରେ ଅବସ୍ଥିତି ନେଇ ଉଭୟ ଗ୍ରାମବାସୀ ଦାବି କରୁଥିବା ବେଳେ ତାହା କୋର୍ଟରେ ବିଚାରଧୀନ ରହିଛି ଫଳରେ, ଉଷ୍ଣପ୍ରସ୍ରବଣ ଉନ୍ନତିରେ ଅନ୍ତରାୟ ସୃଷ୍ଟି କରିଛି। ରାଜ୍ୟ ସରକାରଙ୍କ ଆନ୍ତରିକତା ଅଭାବରୁ କନ୍ଦଳ ନିଷ୍ପତ୍ତି ହୋଇ ପାରୁନଥିବା ବେଳେ ଏସିଆ ମହାଦେଶ ର ଦ୍ୱିତୀୟ ବୃହତ୍ତମ ଉଷ୍ଣପ୍ରସ୍ରବଣ ଆଜି ଅବହେଳିତ ଅବସ୍ଥାରେ ପଡିରହିଛି। କୋର୍ଟଙ୍କ ରାୟ ଅନୁସାରେ ଏହା କେବଳ 'ନୀଳ କନ୍ଦର' ନାମକରଣ କରିଥିବାବେଳେ ଏହା କେଉଁ ଗ୍ରାମରେ ଅବସ୍ଥିତ ତାହା ସ୍ପଷ୍ଟ କରି ନ ଥିବାରୁ ଦ୍ୱନ୍ଦ୍ୱ ଲାଗି ରହିଛି। ଅନ୍ୟ ପକ୍ଷରେ,ଖୋର୍ଦ୍ଧା ଜିଲ୍ଲା ବାଘମାରି ପଞ୍ଚାୟତ ଅତ୍ରିରେ ଅବସ୍ଥିତ ଉଷ୍ଣପ୍ରସ୍ରବଣ ଛୋଟ ହୋଇଥିଲେ ମଧ ରାଜ୍ୟ ପର୍ଯ୍ୟଟନ ମାନଚିତ୍ରରେ ନିଜର ପରିଚୟ ସୃଷ୍ଟି କରିପାରିଛି। କିନ୍ତୁ, ଭାପୁର ବ୍ଲକରେ ଅବସ୍ଥିତ ଏହି ଉଷ୍ଣପ୍ରସ୍ରବଣଟି ରାଜନେତାଙ୍କ ଆନ୍ତରିକତା ଅଭାବରୁ ନିଜର ସତ୍ତା ହରେଇଛି। ଗତ ଏକ ବର୍ଷ ତଳେ ସ୍ଥାନୀୟ ବିଧାୟକ,ରାଜ୍ୟ ଓ ଜିଲ୍ଲା ପର୍ଯ୍ୟଟନ ବିଭାଗ ର ଅଧିକାରୀ ମାନେ ଆସି ଏହି ଉଷ୍ଣପ୍ରସ୍ରବଣ ସ୍ଥାନ ଭ୍ରମଣ କରି ଫେରିବା ପରେ ଉନ୍ନତି ପାଇଁ ୨ କୋଟି ଟଙ୍କା ମଞ୍ଜୁର କରିଥିଲେ। ସେ ଅନୁଦାନ ଟଙ୍କା କେଉଁ କାର୍ଯ୍ୟରେ କଣ ଖର୍ଚ୍ଚ ହେଲା ତାହା ସ୍ଥାନୀୟ ଜନସାଧାରଣଙ୍କ ମଧ୍ୟରେ ଅଛପା ରହିଥିବାବେଳେ ସ୍ଥାନୀୟ ଜନପ୍ରତିନିଧିଙ୍କ ଆନ୍ତରିକତା ଅଭାବରୁ ଏସିଆ ମହାଦେଶର ଏକ କୀର୍ତ୍ତିରାଜି ରାଜ୍ୟ ତଥା ଭାପୁର ବ୍ଲକରେ ଲୁକ୍କାୟିତ ଅବସ୍ଥାରେ ପଡି ରହିଛି। ଏହି ଉଷ୍ଣପ୍ରସ୍ରବଣକୁ ପର୍ଯ୍ୟଟନ କେନ୍ଦ୍ର ରୂପେ ରାଜ୍ୟ ସରକାର ଘୋଷଣା କରି ଉନ୍ନତି କରିବାପାଇଁ ଭାପୁର ବ୍ଲକବାସୀ ଦାବି କରିଛନ୍ତି।

# ରାୟଗଡ଼ରେ ଉଦ୍ୟମିତା ପ୍ରୋତ୍ସାହନ କାର୍ଯ୍ୟକ୍ରମ

ରାୟଗଡା,୩୧।୧(ନିପ୍ର):ଜିଲ୍ଲାର ଉଦ୍ୟମୀଙ୍କୁ ପ୍ରୋତ୍ସାହିତ କରିବା ପାଇଁ ଜିଲ୍ଲା ପରିଷଦ ସଭାଗୃହରେ ଜିଲ୍ଲା ମୁଖ୍ୟ ବିକାଶ ତଥା ଉନ୍ନୟନ ଅଧିକାରୀ ଅକ୍ଷୟ କୁମାର ଖେମୁଣ୍ଡୁଙ୍କ ଅଧ୍ୟକ୍ଷତାରେ ଉଦ୍ୟମିତା ପ୍ରୋତ୍ସାହନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଭାରତର ବିଶ୍ୱ ଅର୍ଥନୀତିରେ ସ୍ଥାନ ଓ ରାୟଗଡ଼ାର ସମ୍ଭାବନାଶୀଳ ଷ୍ଟାର୍ଟଅପ୍ ବିଷୟରେ ବିସ୍ତୃତ ଚର୍ଚ୍ଚା ହୋଇଛି। ଜିଲ୍ଲା ଶିଳ୍ପ କେନ୍ଦ୍ରର ସାଧାରଣ ପରିଚାଳକ ଚିତ୍ତ ରଞ୍ଜନ ମଲ୍ଲିକ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବସନ୍ତ କୁମାର ପ୍ରଧାନ, ସଫଳ ଉଦ୍ୟାଗୀ ଏ ଗୋବିନ୍ଦ ରାଓ, ଉଦ୍ୟୋଗୀ ନରିନ କୁମୁନ୍ଦନ ଓ ଉଦ୍ୟାଗୀ ସୁରଜିତ ହୋତା, ୟୁଜିଏମଆଇଟି ଅଧ୍ୟକ୍ଷ, ଆଇଟିଆଇ ଅଧ୍ୟକ୍ଷ, ଭିଆଇଏମଏସ ଅଧ୍ୟକ୍ଷ ପ୍ରମୁଖ ଉପସ୍ଥିତ ରହି ଉଦ୍ୟମୀଙ୍କୁ ପ୍ରୋତ୍ସାହିତ କରିଥିଲେ। କାର୍ଯ୍ୟକ୍ରମରେ ଶ୍ରୀ ଖେମୁଣ୍ଡୁ ଭାରତର ବିଶ୍ୱ ଅର୍ଥନୀତିରେ ସ୍ଥାନ ଓ ଅର୍ଥନୀତିର ବ୍ୟାପକ -ଆଧୁନିକୀକରଣ-ବିବିଧୀକରଣ ମଡେଲ୍ ବିଷୟରେ ବିଶ୍ଳେଷଣ କରିଥିଲେ। ସେ ଉଦ୍ୟମୀଙ୍କୁ ସରକାରୀ ଯୋଜନା ଓ ନୀତିର ସମ୍ପୂର୍ଣ୍ଣ ଉପଯୋଗ ଏବଂ ବିତ୍ତୀୟ ବିଲ୍ ଉପରେ ନଜର ରଖିବାକୁ ପରାମର୍ଶ ଦେଇଥିଲେ। "ଚାକିରି ଖୋଜୁଥିବା ବ୍ୟକ୍ତି ନହୋଇ, ଚାକିରି ସୃଷ୍ଟିକାରୀ ହୁଅନ୍ତୁ" ବୋଲି ସେ ଉଦ୍ୟମୀଙ୍କୁ ଉତ୍ସାହିତ କରିଥିଲେ। ସେ ରାୟଗଡ଼ାରେ କୃଷି-ବୈଷୟକ, ଆର୍ଗାନିକ୍ ଚାଷ ଓ ଖାଦ୍ୟ ପ୍ରକ୍ରିୟାକରଣ, ଇ-କମର୍ସ, ଏଆଇ ଉପଯୋଗ, ସ୍ୱାସ୍ଥ୍ୟସେବା, ଆଇଟି, ଗ୍ରାମ୍ୟ ପର୍ଯ୍ୟଟନ୍ ଏବଂ ଆଦିବାସୀ ପର୍ଯ୍ୟଟନ୍ କ୍ଷେତ୍ରରେ ଷ୍ଟାର୍ଟଅପ୍ ସ୍ଥାପନର କରିବା ପାଇଁ ପରାମର୍ଶ ଦେଇଥିଲେ।

# ଚାରା ରୋପଣରେ ସରିଲା କାମ, ଗଛ ଶୁଖି କାଠ ପାଲଟି ଗଲାଣି

## କାହା ଦାୟିତ୍ୱ, କିଏ ବୁଝିବ

ରାୟଗଡା,୩୧।୧ (ନିପ୍ର); ଚାରା ରୋପଣରେ ସରିଲା କାମ, ଗଛ ଶୁଖି କାଠ ପାଲଟି ଗଲାଣି, କାହା ଦାୟିତ୍ୱ, କିଏ ବିଝିବ। ପରିବେଶକୁ ସୁନ୍ଦର ସବୁଜିମାରେ ପରିଣତ କରିବାକୁ ହେଲେ ଜଙ୍ଗଲ ସୃଷ୍ଟି କରିବାର ନିହାତି ଆବଶ୍ୟକତା ରହିଛି। ପରିବେଷକୁ ସନ୍ତୁଳିତ ରଖିବା ପାଇଁ ଜଙ୍ଗଲର ଏକ ମହତ୍ୱପୂର୍ଣ୍ଣ ଭୂମିକା ରହିଛି। ତାପମାତ୍ରା ନିୟନ୍ତ୍ରଣ, ଓ ପରିବେଶକୁ ପ୍ରଦୂଷଣ ମୁକ୍ତ ରଖିବା ପାଇଁ ଜଙ୍ଗଲ ନିତାନ୍ତ ଭାବେ ଆବଶ୍ୟକ। ଏଣୁ ରାସ୍ତା ପାର୍ଶ୍ୱ ଠାରୁ ଆରମ୍ଭ କରି ଗ୍ରାମାଞ୍ଚଳର ବିଭିନ୍ନ ସ୍ଥାନରେ ବିଶେଷଭାବେ ଖାଲିଥିବା ସ୍ଥାନରେ ବୃକ୍ଷ ରୋପଣ କରି, ଜଙ୍ଗଲ ସୃଷ୍ଟି କରାଯାଇ ସବୁଜ ସୁନ୍ଦର କରି ଗଢ଼ି ତୋଳିବା ପାଇଁ ବନ ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ଏବଂ ସଂରକ୍ଷିତ ଜଙ୍ଗଲରେ ନୂତନଭାବେ ଜଙ୍ଗଲ ସୃଷ୍ଟି ପାଇଁ ଚାରା ରୋପଣ କରାଯାଇ ସବୁଜିମା ସୃଷ୍ଟି କରାଯାଉଛି। ବନିକରଣ ଯୋଜନାରେ ବ୍ୟାପକ ଭାବେ ବୃକ୍ଷ ରୋପଣ କରିବା ସହ ସବୁଜିମା ସୃଷ୍ଟି କରିବା କିନ୍ତୁ ବ୍ୟାପକ ବୃକ୍ଷ ରୋପଣ ନାମରେ ଲକ୍ଷ ଲକ୍ଷ ଟଙ୍କା ଦୁର୍ନୀତି କରି ବନବିଭାଗ ଆତ୍ମସାତ କରୁଥିବା ଅଭିଯୋଗ ହେଉଛି। ଅନେକ ଗଛ ଲଗେଇବା ନାମରେ ବିଭିନ୍ନ ନର୍ସରୀ ଠାରୁ ଗଛ କିଣିବା ସହ ପରିବହନରେ ମଧ ବହୁତ ଅର୍ଥ ଖର୍ଚ୍ଚ ଖର୍ଚ୍ଚ କରାଯାଉଛି। ହେଲେ କେଉଁଠି ପାଣି ଅଭାବରୁ ସବୁ ଗଛ ମରିଗଲାଣି, ଧର୍ମକୁ ଆଖିଠାର ଭଳି ଯୋଜନା କାର୍ଯ୍ୟକାରୀ ହେଉଥିବା ବେଳେ କିନ୍ତୁ ବାସ୍ତବ ସ୍ଥିତି ଭିନ୍ନ ପ୍ରତୀୟମାନ ହେଉଥିବା ଚର୍ଚ୍ଚା ଶୁଣିବାକୁ ମିଳୁଛି। ବର୍ଷେକ ତଳେ ବିଭିନ୍ନ ପଞ୍ଚାୟତରେ ସ୍ଥାନୀୟ ଲୋକଙ୍କ ମାଧ୍ୟମରେ ରାୟଗଡା ଜିଲ୍ଲାର କଲ୍ୟାଣସିଂହପୁର ବ୍ଲକରେ ଆଜାଦିକି ୭୫ ବର୍ଷ ପୂର୍ତ୍ତି ଉପଲକ୍ଷେ ଶିକାର ପାଇ ଓ ବିଭିନ୍ନ ପଞ୍ଚାୟତରେ ରାସ୍ତା କଡରେ ଚାରା ରୋପଣ ସ୍ଥାନରେ ଥିବା ରାସ୍ତା କଡରେ ଅନେକ ଚାରାରୋପଣ କରାଯାଇ ଥିଲା। ଏଥିପାଇଁ ଟଙ୍କା ମଧ ଖର୍ଚ୍ଚ କରାଯାଇଥିଲା। ମାତ୍ର ଏହାର ରକ୍ଷଣା ବେକ୍ଷଣ ଅଭାବରୁ ଗଛ ଗୁଡିକ ନଷ୍ଟ ହୋଇଯାଇଛି। ଗଛ ନଷ୍ଟ ହେଉଥିବା ସ୍ଥାନରେ ଚାରା ରୋପଣ, ଗଛ ଚାରିପାଖରେ ସଫାସୁତୁରା କରିବା ସଙ୍ଗେ ସଙ୍ଗେ ପାଣି ଦେବାର ନିୟମ ରହିଛି। ରାୟଗଡା ଶିକାରପାଇ ଧାମାଳିମା ଠାରୁ କୋଲନାରା ବ୍ଲକ ଭେଜା ସ୍ଥଳ ଯାକେ ମୁଖ୍ୟ ରାସ୍ତା ପାର୍ଶ୍ୱରେ ଲାଗିଥିବା ଅଧିକାଂଶ ଗଛ ମରିଗଲାଣି ବୋଲି ସ୍ଥାନୀୟ ଲୋକେ ଲୋକଙ୍କ ଠାରୁ ପ୍ରକାଶ। କେବଳ ଏହି ଗୋଟିଏ ସ୍ଥାନରେ ନୁହେଁ ଅଧିକାଂଶ ସ୍ଥାନରେ ସମାନ ଅବସ୍ଥା। କେତେକ ସ୍ଥାନରେ ବୁଲା ଗାଈଗୋରୁ ଗଛ ଗୁଡିକୁ ଖାଇ ନଷ୍ଟ କରିଦେଇଥିବା ବେଳେ ଅନେକ ସ୍ଥାନରେ ଜଳ ଅଭାବରୁ ଗଛ ଗୁଡିକ ମରିଯାଇଥିବା ଜଣା ପଡିଛି। ପୁଣି ଗଛ ଗୁଡିକର ରକ୍ଷଣା ବେକ୍ଷଣ ଲାଗି ଶ୍ରମିକ ନିଯୁକ୍ତି କରାଯାଇଥିବା କୁହା ଯାଉଥିବା ବେଳେ ସେମିତି କିଛି କରାନଯାଇ ଶ୍ରମିକ ନିଯୁକ୍ତି ନାମରେ ଟଙ୍କା ହଡପ କରାଯାଇଥିବା ଆଲୋଚନା ହେଉଛି। କିନ୍ତୁ ରୋପିତ ବୃକ୍ଷ ଗୁଡିକୁ ବଞ୍ଚାଇ ରଖିବାରେ ବନ ବିଭାଗ ବିଫଳ ହୋଇଥିବା ଅଭିଯୋଗ ହେଉଛି। ଫଳରେ ରାସ୍ତା କଡର ଶତାଧିକ ଗଛ ଯତ୍ନ ଅଭାବରୁ ବଳି ପଡୁଛନ୍ତି। କୌଣସି ଉନ୍ନୟନ କାର୍ଯ୍ୟ କରିବାକୁ ଯାଇ ଗ୍ରାମ୍ୟ ଉନ୍ନୟନ ରାସ୍ତା କଡ଼ରୁ ଅନେକ ଗଛ କଟୁଥିବା ବେଳେ, ଯେତିକି ଗଛ କଟିଥିବ ତାର ଦୁଇଗୁଣା ଗଛ ଲଗାଯିବା ନିୟମ ରହିଛି,ହେଲେ ସେଥିରେ ବ୍ୟତିକ୍ରମ ଦେଖାଯାଉଛି। ପ୍ରତି ହେକ୍ଟରରେ ୨ସହ ରୁ ୨୫୦ ଟି ଚାରା ରୋପଣ କରିବାକୁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହୋଇଥିବା ବେଳେ କଲ୍ୟାଣସିଂହ ବ୍ଲକ ଅଞ୍ଚଳରେ ଯେଉଁ ପରିମାଣର ଅର୍ଥ ଖର୍ଚ୍ଚ କରାଯାଇଛି। କିନ୍ତୁ ସେହି ପରିମାଣର ଚାରା ହେଉନଥିବା ଅଭିଯୋଗ ହେଉଛି। କିନ୍ତୁ ଅନେକ ସ୍ଥାନରେ ଗଛ ଗୁଡିକର ଯେପରି ଯତ୍ନ ନିଆଯିବା କଥା ସେପରି ନିଆ ଯାଇନଥିବାରୁ ଗଛ ଗୁଡିକ ପାଣି ଅଭାବରେ ମରିଗଲାଣି। ନରେଗା ଯୋଜନାରେ ଅନେକ ସ୍ଥାନରେ ଚାରା ରୋପଣ କରାଯାଇଥିବା ବେଳେ ଏଥିରେ ଲକ୍ଷାଧିକ ଟଙ୍କା ବାଟମାରଣା ହେଉଥିବା ଅଭିଯୋଗ ହୋଇଛି। ଚାରା ରୋପଣ କରି ବିଭିନ୍ନ ବିଭାଗୀୟ ଅଧିକାରୀ କାମ ଶେଷ କରିଦେଇଥିବା ବେଳେ ବାସ୍ତବ କ୍ଷେତ୍ରରେ ଏହାର ଚିହ୍ନ ବର୍ଣ୍ଣ ରହୁନଥିବା ଦେଖିବାକୁ ମିଳେ। ଗାତ ଖୋଳିବା, ଚାରା ଲଗାଇବା, ପାଣି ଦେବା ଆଦି କାର୍ଯ୍ୟରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଉଛି, ହେଲେ ବିଭାଗୀୟ ଅଧିକାରୀ ତଥା କର୍ମଚାରୀଙ୍କ ଇଚ୍ଛାଶକ୍ତିର ଅଭାବ ସହ ପରିଚାଳନାଗତ ତ୍ରୁଟି ଯୋଗୁଁ ସରକାରୀ ଅର୍ଥଶ୍ରାଦ୍ଧ ହେଉଥିବା ଅଭିଯୋଗ ଆଲୋଚିତ ହେଉଛି। ଏହାର ବିଭାଗୀୟ ତଦନ୍ତ କରାଗଲେ ପ୍ରକୃତ ତଥ୍ୟ ଲୋକଲୋଚନକୁ ଆସିପାରିବ ବୋଲି ମତ ପ୍ରକାଶ ପାଇଛି।

# ବିଭିନ୍ନ ସ୍ଥାନରେ କୁଷ୍ଠ ନିବାରଣ ଦିବସ

ରେଢ଼ାଖୋଲ,୩୧।୧ (ନିପ୍ର); ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ସହରର ବିଭିନ୍ନ ସ୍ଥାନରେ ସ୍ପର୍ଶ କୁଷ୍ଠ ସଚେତନତା ଅଭିଯାନ ଅବସରରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜାନୁଆରୀ ୩୦ ଠାରୁ ଫେବୃଆରୀ ମାସ ୧୩ ତାରିଖ ପର୍ଯ୍ୟନ୍ତ କୁଷ୍ଠ ନିବାରଣ ଦିବସ ପାଳନ କରାଯାଉଛି । ଉପଖଣ୍ଡ ଚିକିତ୍ସାଳୟ ପକ୍ଷରୁ ଆଶା କର୍ମୀ ମାନେ ଏକ ଶୋଭାଯାତ୍ରା ରେ ବାହାରି ସ୍ପର୍ଶ କୁଷ୍ଠ ସଚେତନତା ଉପରେ ବିଭିନ୍ନ ସ୍ଲୋଗାନ ଦେଇ ସହର ପରିକ୍ରମା କରିଥିଲେ । ଏବଂ ରାଣୀ ଅନ୍ନପୂର୍ଣ୍ଣା ସରକାରୀ ବାଳିକା ବିଦ୍ୟାଳୟ , ସମନ୍ୱୟ ଶିଶୁ କଲ୍ୟାଣ ବିଭାଗ କାର୍ଯ୍ୟାଳୟରେ ମଧ ଅଙ୍ଗନୱାଡ଼ି କର୍ମୀ ମାନେ ସ୍ପର୍ଶ କୁଷ୍ଠ ସଚେତନତା ପାଇଁ ଏକ ସଚେତନତା ସହ ଶପଥ ପାଠ କରିଥିଲେ । ଏଥିରେ ମୁଖ୍ୟ ଅତିଥି ଭାବେ ଉପଖଣ୍ଡ ଚିକିତ୍ସାଳୟ ଅଧକ୍ଷ ବ୍ୟାସଦେବ ହୋତା , ସମ୍ମାନିତ ଅତିଥି ଭାବେ ଆଦିତ୍ୟ ସୂପକାର , ରାଣୀ ଅନ୍ନପୂର୍ଣ୍ଣା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ପଦ୍ମ ଶ୍ରୀ ଦାଶ , ଶିକ୍ଷକ ବିଜୟ ପ୍ରଧାନ ଯୋଗଦେଇ କୁଷ୍ଠ ସଚେତନତା ଉପରେ ହୋଇଥିବା ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରିଥିଲେ ।

# ଶିଶୁଙ୍କ ଅନ୍ତର୍ନିହିତ ପ୍ରତିଭାର ବିକାଶ ହେଲେ ଉନ୍ନତ ରାଷ୍ଟ୍ର ନିର୍ମାଣ ହୋଇ ପାରିବ

ବଡ଼ସାହି,୩୧।୧(ନିପ୍ର): ଏହି ବ୍ଲକ ଅନ୍ତର୍ଗତ କେନ୍ଦୁଡିହା ପଞ୍ଚାୟତ ଅଧୀନ ବି-କୁଳିଅଣା ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ବାଣୀଶ୍ରୀ ସିଂହ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥିଭାବେ ପୂର୍ବତନ ବିଜ୍ଞାନ ସଂଯୋଜକ ପୂର୍ଣ୍ଣ ଚନ୍ଦ୍ର ସାହୁ ଯୋଗଦାନ କରିଥିବା ବେଳେ ମୁଖ୍ୟବକ୍ତା ଭାବେ ଓଷ୍ଟା ବ୍ଲକ ସଂପାଦକ ଡ଼କ୍ଟର ଉମାଧର ରାଉତ ଯୋଗଦାନ କରି ଶିଶୁଙ୍କ ଅନ୍ତର୍ନିହିତ ପ୍ରତିଭାର ବିକାଶ ହେଲେ ଉନ୍ନତ ରାଷ୍ଟ୍ର ନିର୍ମାଣ ହୋଇ ପାରିବ ବୋଲି ମତବ୍ୟକ୍ତ କରିଥିଲେ। ସ୍ୱତନ୍ତ୍ର ଅତିଥି ଭାବେ ବ୍ଲକ୍ ଓଷ୍ଟା ସଭାପତି ହରିଶ୍ଚନ୍ଦ୍ର ଦାସ ଓ ସମ୍ମାନିତ ଅତିଥି




ଭାବେ ଜିଲ୍ଲା ଓଷ୍ଟା ସହ ସଂପାଦକ ପ୍ରଭାଶ ଚନ୍ଦ୍ର ନାଏକ, ଜିଲ୍ଲା ଓଷ୍ଟା କାର୍ଯ୍ୟକାରିଣୀ ସଦସ୍ୟ ଦେବରାଜ ନାଏକ, ଏସ୍ଏମସି ଚେୟାରମେନ ଅହଲ୍ୟା ଜେନା, ଏହା ସହିତ ପୂର୍ବତନ ପ୍ରଧାନ ଶିକ୍ଷକ ସନ୍ତୋଷ କୁମାର ମହାନ୍ତି ଓ ବିପିନ ଚନ୍ଦ୍ର ମହାନ୍ତି ଯୋଗଦାନ କରି ଶିଶୁ ହରିଲେ ଦୁନିଆ ହସେ ତେଣୁ ତାଙ୍କୁ ଯଥା ସମୟରେ ସଜାଡ଼ିବା ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ। ପ୍ରାରମ୍ଭରେ ପ୍ରଭୁ ଜଗନ୍ନାଥଙ୍କ ପାଦପଦ୍ମରେ ପୁଷ୍ପାର୍ଘ୍ୟ ପ୍ରଦାନ କରାଯାଇଥିଲା । ପରେ ପରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଓ ସ୍ୱାଗତ ନୃତ୍ୟ ପରିବେଷଣ କରାଯାଇଥିଲା । ପ୍ରଧାନ ଶିକ୍ଷୟିତ୍ରୀ ବାଣୀଶ୍ରୀ ସିଂହ ସମସ୍ତଙ୍କୁ ସ୍ୱାଗତ କରିବା ସହ ବାର୍ଷିକ ବିବରଣୀ ପାଠ କରିଥିଲେ । ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଓ ଅନ୍ୟାନ୍ୟ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀମାନଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା । ମଧ୍ୟାହ୍ନ ଭୋଜନ ବିରତି ପରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । କାର୍ଯ୍ୟକ୍ରମକୁ ଗୋବିନ୍ଦ ଚନ୍ଦ୍ର ଜେନା ଓ ବିଶ୍ୱଜିତ ସିଂହ ପରିଚାଳନା କରିଥିଲେ । ସୁସ୍ମିତା ଗିରି ମଞ୍ଚ ଆହ୍ୱାନ କରିଥିଲେ। ବିଦ୍ୟାଳୟର ଅନ୍ୟ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସମୀର କୁମାର ପରିଡା, ବିଶ୍ୱଜୀତ ସିଂ, ଗୋବିନ୍ଦ ଚନ୍ଦ୍ର ଜେନା, ମହେନ୍ଦ୍ର ସିଂ, ବନମାଳୀ ଜେନା, ବନଲତା ଲେଙ୍କା, ଧରିତ୍ରୀ ହେମ୍ବ୍ରମ, ମାନସୀ ଜେନା କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ମହାଶିବରାତ୍ରୀ ମେଳା ପ୍ରସ୍ତୁତି

ବଡସାହି,୩୧।୧ (ନିପ୍ର): ଫେବୃୟାରୀ ୧୫ ତାରିଖ ମହାଶିବରାତ୍ରୀ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି । ଏହାକୁ ଦୃଷ୍ଟିରେ ରଖି ଉତ୍ତର ଓଡ଼ିଶାର ଅନ୍ୟତମ ପ୍ରସିଦ୍ଧ ଶୈବପୀଠ ବଡସାହି ବ୍ଲକ୍ ଅଧୀନ ମାଣତ୍ରୀସ୍ଥିତ ବାବା କଖାରୁଆ ବୈଦ୍ୟନାଥ ମନ୍ଦିରର ପ୍ରସିଦ୍ଧ ମହାଶିବରାତ୍ରୀ ମେଳା ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ସଦର ଉପଜିଲ୍ଲାପାଳ ଡ ଦୟାସିନ୍ଧୁ ପରିଡା, ତହସିଲଦାର କରୁଣାକର ଧିନ୍ଦା, ଉପଖଣ୍ଡ ପୁଲିସ ଅଧିକାରିଣୀ ମିନତୀ ବିଶ୍ୱାଳ, ମାଣତ୍ରୀ ଡାକ୍ତରଖାନାର ଭାରପ୍ରାପ୍ତ ଚିକିତ୍ସାଧିକାରୀ ସହକାରୀ ଯନ୍ତ୍ରୀ, ବିଦ୍ୟୁତ ବିଭାଗର ଯନ୍ତ୍ରୀ ଓ ସହକାରୀ ଯନ୍ତ୍ରୀ, ଗ୍ରାମ୍ୟ ଉନ୍ନୟନ ବିଭଗର ଅଧିକାରୀ, ପିଡବ୍ଲୁଡି, ଗ୍ରାମ୍ୟ ଉନ୍ନୟନ, ଆରଡବ୍ଲୁଏସଏସ ଯନ୍ତ୍ରୀ, ଅବକାରୀ, ଅଗ୍ନିଶମ ଅଧିକାରୀ, ସ୍ଥାନୀୟ ସରପଞ୍ଚ, ନାଏବ ସରପଞ୍ଚ, ପଟ୍ଟାଦାର ପ୍ରମୁଖ ଉପସ୍ଥିତ ଥିଲେ।

# ଲାଠିକଟା ତହସିଲ କାର୍ଯ୍ୟାଳୟରେ ଦୁର୍ନୀତି ବିରୋଧୀ ପ୍ରତିବାଦ : ଫାଟକରେ ତାଲା

ରାଉରକେଲା,୩୧।୧ (ନିପ୍ର): ଦୁର୍ନୀତି ବିରୋଧରେ ଏକ ଆକର୍ଷଣୀୟ ତଥା ଅନନ୍ୟ ପ୍ରତିବାଦ ଦେଖାଯାଇଛି ରାଉରକେଲାର ଲାଠିକଟା ବ୍ଲକରେ। ଶୁକ୍ରବାର ଶହ ଶହ ଆଦିବାସୀ ଏବଂ ସ୍ଥାନୀୟ ବାସିନ୍ଦା ରାଉରକେଲା ନିକଟସ୍ଥ ଲାଠିକଟା ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ମୁଖ୍ୟ ଫାଟକରେ ତାଲା ପକାଇ ହାତରେ କୁକୁଡ଼ା ଧରି ସେମାନଙ୍କର କ୍ରୋଧ ଜାହିର କରିଥିଲେ। ପ୍ରତିବାଦକାରୀମାନେ ଅଭିଯୋଗ କରିଥିଲେ ଯେ, ତହସିଲ ଅଧିକାରୀମାନେ ଲାଞ୍ଚ ମାଗୁଥିଲେ ଏବଂ ବିଭିନ୍ନ ସେବା ପାଇଁ କାର୍ଯ୍ୟାଳୟକୁ ଆସୁଥିବା ଗରିବ ଏବଂ ଆଦିବାସୀ ହିତାଧିକାରୀଙ୍କ ସହିତ ଦୁର୍ବ୍ୟବହାର କରୁଥିଲେ। ଲାଞ୍ଚ ନେବା ଏବଂ ନିର୍ଯାତନାର ପ୍ରତିବାଦ ସ୍ୱରୂପ, ଆନ୍ଦୋଳନକାରୀମାନେ ତହସିଲ କାର୍ଯ୍ୟାଳୟ ଗେଟରେ ତାଲା ପକାଇ ଏକ ପ୍ରତୀକାତ୍ମକ ଅନନ୍ୟ ଆନ୍ଦୋଳନ ଆରମ୍ଭ କରିଥିଲେ। ଯାହା ସାଧାରଣ ଲୋକଙ୍କ ଦୃଷ୍ଟି ଆକର୍ଷଣ କରିଥିଲା। ପ୍ରତିବାଦକାରୀଙ୍କ ଅନୁଯାୟୀ, ଜମି ରେକର୍ଡ, ପ୍ରମାଣପତ୍ର ଏବଂ ଅନ୍ୟାନ୍ୟ ସରକାରୀ ସେବା ଜଡିତ ସେବା ଚାହୁଁଥିବା ଲୋକମାନେ ବାରମ୍ବାର ନିର୍ଯାତନାର ଶିକାର ହେଉଥିବା ଅଭିଯୋଗ ହୋଇଛି। ସେମାନେ ଦାବି କରିଥିଲେ ଯେ



ହିତାଧିକାରୀମାନେ କାର୍ଯ୍ୟାଳୟକୁ ବାରମ୍ବାର ଦୌଡିବା ପରେ ମଧ ଫାଇଲଗୁଡିକ ପଡିରହିଥାଏ। ଲାଞ୍ଚ ନ ଦେଲେ ଫାଇଲ ଆଗକୁ ବଢ଼େ ନାହିଁ। ପ୍ରଦର୍ଶନକାରୀମାନେ ପରିସ୍ଥିତିକୁ ଅମାନବୀୟ ବୋଲି କହିଥିଲେ ଏବଂ ଅଧିକାରୀମାନେ ଅସହାୟ ଏବଂ ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ବର୍ଗଙ୍କୁ ଶୋଷଣ କରୁଥିବା ଅଭିଯୋଗ କରିଥିଲେ। ଏହି ଆନ୍ଦୋଳନ ହିତାଧିକାରୀମାନଙ୍କୁ ବହୁତ ଅସୁବିଧାର ସମ୍ମୁଖୀନ କରିଥିଲା, କାରଣ ତହସିଲ କାର୍ଯ୍ୟାଳୟ ଦୀର୍ଘ ସମୟ ଧରି ବନ୍ଦ ରହିଥିଲା। ଫଳରେ ଅନେକ ଲୋକ ସେମାନଙ୍କର କାମ ନକରି ଫେରିବାକୁ ବାଧ ହୋଇଥିଲେ। ଆଇନ ଶୃଙ୍ଖଳା ସୃଷ୍ଟି ହେବା ଆଶଙ୍କା କରି ପ୍ରଶାସନ ପରିସ୍ଥିତିକୁ ନିୟନ୍ତ୍ରଣରେ ରଖିବା ପାଇଁ ଘଟଣାସ୍ଥଳରେ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା। ଘଟଣା ବିଷୟରେ ସୂଚନା ପାଇ ରଘୁନାଥପାଲ୍ଲୀ ବିଧାୟକ ଦୁର୍ଗାଚରଣ ତନ୍ତୀ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ବସି ସମର୍ଥନ ପ୍ରଦାନ କରି ସେମାନଙ୍କ ଅଭିଯୋଗ ଶୁଣିଥିଲେ। ପରେ ପାନପୋଷ ଉପଜିଲ୍ଲାପାଳ ବିଜୟ କୁମାର ନାୟକ ଘଟଣା ସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ସମ୍ପୃକ୍ତ ତହସିଲ କର୍ମଚାରୀଙ୍କ ବିରୋଧରେ ଲିଖିତ ଅଭିଯୋଗ ଦାଖଲ ପରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଉପଜିଲ୍ଲାପାଳ ଶ୍ରୀ ନାୟକ ସେମାନଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ପ୍ରଶାସନର ପ୍ରତିଶ୍ରୁତି ପରେ, ଆନ୍ଦୋଳନକାରୀମାନେ ଶାନ୍ତିପୂର୍ଣ୍ଣ ଭାବରେ ସେମାନଙ୍କର ଆନ୍ଦୋଳନ ପ୍ରତ୍ୟାହାର କରିନେଇଥିଲେ। ଏହି ଘଟଣା ପୁଣି ଥରେ ତୃଣମୂଳ ସ୍ତରରେ ପ୍ରଶାସନିକ କାର୍ଯ୍ୟାଳୟରେ ଦୁର୍ନୀତିର ଗମ୍ଭୀର ଅଭିଯୋଗକୁ ଉଜାଗର କରିଛି। ଆଦିବାସୀ ଓ ଗରିବ ସମ୍ପ୍ରଦାୟ ମୌଳିକ ସରକାରୀ ସେବା ପାଇବାରେ ଅସୁବିଧାର ସମ୍ମୁଖୀନ ହେଉଥିବା ଉପରେ ଚିନ୍ତା ପ୍ରକଟ କରାଯାଇଛି।

# ପ୍ରଥମ ଥର ସଂସଦରେ ୩୦ ଛାତ୍ର ଦେଖିବେ ଲାଇଭ୍ ବଜେଟ୍



ନୂଆଦିଲ୍ଲୀ,୩୧ ।୧ : ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ୧ ଫେବୃଆରୀ ସକାଳେ ୧୧ ଟା ବେଳେ ଲୋକସଭାରେ କେନ୍ଦ୍ରୀୟ ବଜେଟ୍ ୨୦୨୬ ଆଗତ କରିବେ। ଏହି ଅବସରରେ ଦେଶର ବିଭିନ୍ନ ରାଜ୍ୟରେ ଚୟନ କରାଯାଇଥିବା ୩୦ କଲେଜ ଛାତ୍ର ସଂସଦରେ ଉପସ୍ଥିତ ରହିବେ। ଏହି ଛାତ୍ର ପ୍ରଥମ ଥର ଲୋକସଭାର ଗ୍ୟାଲେରୀରୁ ବଜେଟ୍ ଲାଇଭ୍ ପ୍ରସ୍ତୁତି ଦେଖିବାର ଗୌରବ ପାଇବେ। ଅର୍ଥ ମନ୍ତ୍ରଣାଳୟ ଅନୁସାରେ, ଏହି ପଦକ୍ଷେପର ଉଦ୍ଦେଶ୍ୟ ଯୁବପିଢିଙ୍କ ଭିତରେ ସଂସଦୀୟ ପକ୍ରିୟା ସହ ଯୋଡିବା। ବଜେଟ୍ ଦେଖିବା ପାଇଁ ଦେଶର କୋଣକୋଣରୁ ୩୦ ଛାତ୍ର ଆସିବେ। ସେମାନେ ବାଣିଜ୍ୟ ଓ ଅର୍ଥଶାସ୍ତ୍ରର ଛାତ୍ର। ଏହି ଛାତ୍ର ଚିକିତ୍ସା ଓ ବିଭିନ୍ନ ବ୍ୟବସାୟିକ ପାଠ୍ୟକ୍ରମରେ ଦେଶର ଅଲଗା ଅଲଗା ସଂସ୍ଥାରୁ ଶିକ୍ଷା ପ୍ରାପ୍ତ କରିଛନ୍ତି। ମନ୍ତ୍ରଣାଳୟର ଉଦ୍ଦେଶ୍ୟ ଏହି ଯୁବକଙ୍କୁ ଦେଶର ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟର ପ୍ରତ୍ୟକ୍ଷ ସାକ୍ଷୀ କରିବାକୁ ଚାହାନ୍ତି। ବଜେଟର ଉପସ୍ଥାପନ ଦେଖିବା ପରେ ଏହି ସବୁ ୩୦ ଛାତ୍ର ନୂଆ କର୍ତ୍ତବ୍ୟ ଭବନ-୧ ସ୍ଥିତ ଅର୍ଥମନ୍ତ୍ରଣାଳୟ ଯିବେ। ସେଠାରେ ତାଙ୍କର ପରିଚୟ ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀଙ୍କ ସହ କରାଯିବ। ଫଳରେ ସେମାନେ କାମକୁ ବୁଝିପାରିବେ। ଏହି ଗସ୍ତ ଛାତ୍ରଙ୍କୁ ସରକାରୀ ପଲିସି ତିଆରି କରିବାର ପକ୍ରିୟାକୁ ଗଭୀର ଭାବରେ ବୁଝିବାରେ ସାହାଯ୍ୟ କରିବ। ସନ୍ଧ୍ୟାର ବଜେଟର ମୁଖ୍ୟ ପ୍ରାଥମିକତା ଉପରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଛାତ୍ରଙ୍କ ସହ ମୁକ୍ତ ଚର୍ଚ୍ଚା କରିବେ। ଏଥିରେ ଭାରତର ଭବିଷ୍ୟତଙ୍କ ଦୃଷ୍ଟିକୋଣ ଓ ଯୁବକଙ୍କ ଉପରେ ବଜେଟ୍ ଉପରେ ଚର୍ଚ୍ଚା ହେବ। ଛାତ୍ରଙ୍କୁ ନିଜର ବିଚାର, ଦୃଷ୍ଟିକୋଣ ଓ ଆକାଂକ୍ଷା ବିଷୟରେ କହିବାର ସୁଯୋଗ ମିଳିବ। ବିଗତ ବର୍ଷରେ ସରକାରଙ୍କ କୌଶଳ ବିକାଶ ଓ ରୋଜଗାରର ନୂଆ ଅବସର ପ୍ରଦାନ କରିବାର ବଳ ଦିଆଯାଇଛି।

## ବଙ୍ଗଳାରେ ମା', ମାଟି ଆଉ ମଣିଷ କେହି ସୁରକ୍ଷିତ ନୁହନ୍ତି: ଅମିତ୍ ଶାହ



ନୂଆଦିଲ୍ଲୀ,୩୧/୦୧ : ବିଧାନସଭା ନିର୍ବାଚନ ପୂର୍ବରୁ ପଶ୍ଚିମବଙ୍ଗ ଗସ୍ତ କରିଛନ୍ତି କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ । ନର୍ଥ ୨୪ ପ୍ରାଗଣରେ ଏକ ଜନସଭାକୁ ସମ୍ବୋଧନ କରିଛନ୍ତି । ରାଜ୍ୟରେ ଦୁର୍ନୀତି ଏବଂ ବିପର୍ଯ୍ୟନ୍ତ ଶାସନକୁ ନେଇ ରାଜ୍ୟ ସରକାରଙ୍କ ଉପରେ ବର୍ଷିଛନ୍ତି ଅମିତ ଶାହ । ଆମ ପ୍ରଧାନମନ୍ତ୍ରୀ ମୋଦି ବଙ୍ଗଳାର ବିକାଶରେ କୌଣସି କସରତ ଛାଡି ନାହାଁନ୍ତି । ରାଜ୍ୟରେ ଅବବ୍ୟବସ୍ଥାକୁ ନେଇ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ଚ୍ୟାଲେଞ୍ଜ କରିଛନ୍ତି । ରାଜ୍ୟରେ ମା, ମାଟି ଆଉ ମଣିଷ କେହି ସୁରକ୍ଷିତ ନୁହଁନ୍ତି ବୋଲି କହି ରଣହୁଙ୍କାର ଦେଇଛନ୍ତି ଗୃହମନ୍ତ୍ରୀ । ନର୍ଥ ୨୪ ପ୍ରାଗଣରେ କାର୍ଯ୍ୟକର୍ତ୍ତା ସମ୍ମିଳନୀକୁ ସମ୍ବୋଧିତ କରି କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ କହିଛନ୍ତି, 'ମମତା ବାନାର୍ଜୀ ମମତାଙ୍କ ସରକାରରେ ଦୁର୍ନୀତିକୁ ସଂସ୍ଥାଗତ କରିଛନ୍ତି... କିନ୍ତୁ ସେ କୁହନ୍ତି, ଦୁର୍ନୀତି କେଉଁଠି ? ମୁଁ ତାଙ୍କୁ 'କ୍ୟାସ୍ ଫର୍ କ୍ୱେରୀ' ଦୁର୍ନୀତି, ଶିକ୍ଷକ ନିଯୁକ୍ତି ଦୁର୍ନୀତି, ଦୁର୍ନୀତି, ନଗର ନିଗମ ନିଯୁକ୍ତି ଦୁର୍ନୀତି, ଗାଈ ଚୋରା ଚାଲାଣ ଦୁର୍ନୀତି, ରାସନ୍ ଦୁର୍ନୀତି, ମନରେଗା ଦୁର୍ନୀତି ଏବଂ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଦୁର୍ନୀତି ବିଷୟରେ କହିବାକୁ ଚାହୁଁଛି ହଜାର ହଜାର କୋଟି ଟଙ୍କାର ଦୁର୍ନୀତି ହୋଇଛି। ସେ ଏହା ଦେଖିପାରୁ ନାହାଁନ୍ତି କାରଣ ତାଙ୍କ ଭଣଜା ପ୍ରତି ତାଙ୍କର ଆଗ୍ରହ ଏବଂ ତାଙ୍କୁ ମୁଖ୍ୟମନ୍ତ୍ରୀ କରିବାର ଇଚ୍ଛା ଯୋଗୁଁ ତାଙ୍କ ଆଖି ମୋତିଆବିନ୍ଦୁରେ ପୀଡିତ। ବଙ୍ଗଳାର ଲୋକମାନଙ୍କୁ ତାଙ୍କ ଆଖିରେ ଅସ୍ତ୍ରୋପଚାର କରିବା ଆବଶ୍ୟକ ।' ସେ ଆହୁରି କହିଛନ୍ତି, 'ପାର୍ଥ ଚାଟାର୍ଜୀ, ଜ୍ୟୋତି ପ୍ରିୟା ମଲ୍ଲିକ, ଅନୁବ୍ରତ ମଣ୍ଡଳ, ଜୀବନ କୃଷ୍ଣ ସାହା, ମାଣିକ ଭଟ୍ଟାଚାର୍ଯ୍ୟ, ମଦନ ମିତ୍ର, ଚନ୍ଦ୍ରନାଥ ସିହ୍ନା, ପରେଶ ପାଲ, କୁନ୍ତଲ ଘୋଷ, ଆରବୁଲ୍ ଇସଲାମ, ଫିରହାଦ ହାକିମ୍, ସୋଭନ ଚାଟାର୍ଜୀ ଏବଂ କୁନାଲ ଘୋଷ ସମସ୍ତେ ଜେଲ୍ ଗଲେ । ଆଜି ମୁଁ ମମତାଙ୍କୁ ଚ୍ୟାଲେଞ୍ଜ କରୁଛି ଯଦି ତାଙ୍କର ଦୁର୍ନୀତିକୁ ବିରୋଧ କରିବାର ସାହସ ଅଛି, ତା'ପରେ ସେମାନଙ୍କୁ ଟିକେଟ୍ ଦିଅ ନାହିଁ । ସେ ଏହା କରିପାରିବେ ନାହିଁ । ଯଦି ସେମାନଙ୍କୁ ଟିକେଟ୍ ଦିଆ ନ ଯାଏ, ତେବେ ସେମାନେ ତାଙ୍କ ଭଣଜାର ନାମ ପ୍ରକାଶ କରିବେ । ମୁଁ ପ୍ରତିଶ୍ରୁତି ଦେଉଛି ଯେ ବିଜେପି ଏଠାରେ ସରକାର ଗଠନ କରିବା ପରେ, ଆମେ ସୁପ୍ରିମକୋର୍ଟର ବିଚାରପତିଙ୍କ ତତ୍ତ୍ୱାବଧାନରେ ସମସ୍ତ ଦୁର୍ନୀତି ଅଭିଯୋଗର ତଦନ୍ତ କରିବୁ ଏବଂ ସମସ୍ତ ଦୁର୍ନୀତିଗ୍ରସ୍ତ ଲୋକଙ୍କୁ ଜେଲରେ ପକାଇବୁ । '

## ମୋତେ ଓ ମୁନିରଙ୍କୁ ବିଭିନ୍ନ ଦେଶକୁ ଭିକାରିଙ୍କ ପରି ଋଣ ମାଗିବାକୁ ପଡ଼ିଛି: ଶେହବାଜ



ଇସଲାମାବାଦ, ୩୧/୧ : ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ସରିଫ ଦେଶର ଦୁର୍ବଳ ଆର୍ଥିକ ସ୍ଥିତିକୁ ପରୋକ୍ଷରେ ସ୍ୱୀକାର କରିଛନ୍ତି। ସରିଫ କହିଛନ୍ତି, ପ୍ରତିରକ୍ଷା ବାହିନୀ ମୁଖ୍ୟ ଫିଲ୍ଡ ମାର୍ଶଲ ଅସିମ୍ ମୁନିର ଓ ତାଙ୍କୁ ବିଶ୍ୱରେ ବୁଲି ବୁଲି ବିଭିନ୍ନ ରାଷ୍ଟ୍ରଙ୍କଠାରୁ ଭିକାରୀଙ୍କ ପରି ଋଣ ମାଗିବାକୁ ପଡୁଛି। ଶୁକ୍ରବାର ଦେଶର ବଡ଼ ବଡ଼ ଶିଳ୍ପପତି ଓ ରପ୍ତାନିକାରୀଙ୍କୁ ସମ୍ମାନିତ କରିବାକୁ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗ ଦେଇ ସରିଫ କହିଛନ୍ତି, ଯିଏ ଋଣ ମାଗିବାକୁ ଯିବ ତା'ର ମୁଣ୍ଡ ସର୍ବଦା ତଳକୁ ରହିଥାଏ। ବିଦେଶରୁ ଋଣ ପାଇବାକୁ ନିଜ ଆତ୍ମସମ୍ମାନକୁ ବଳିଦାନ ଦେବାକୁ ପଡୁଛି। ବନ୍ଧୁ ରାଷ୍ଟ୍ରମାନଙ୍କଠାରୁ ଋଣ ଆଣିବାକୁ ଆମକୁ ଯେପରି ଭାବେ ଅନୁରୋଧ କରିବାକୁ ପଡୁଛି ତାହା କେମିତି କହିବି। ବନ୍ଧୁ ରାଷ୍ଟ୍ର ଆମକୁ କେବେ ନିରାଶ କରିନାହାନ୍ତି। କିନ୍ତୁ ଯିଏ ଋଣ ମାଗିବ, ତା'ର ମୁଣ୍ଡ ସର୍ବଦା ତଳକୁ ହୋଇ ରହିଥାଏ। ଏହି କାର୍ଯ୍ୟକ୍ରମ ଅବସରରେ ପାକିସ୍ତାନ ମୁସଲିମ୍ ଲିଗ୍ (ନୱାଜ) ନେତା ସରିଫ ୨୦୨୨ରେ କ୍ଷମତାକୁ ଆସିବା ସମୟରେ ଦେଶର ଅର୍ଥନୈତିକ ସ୍ଥିତି ଅତ୍ୟଧିକ ଖରାପ ଥିଲା ବୋଲି କହିଛନ୍ତି। ସାଧାରଣ ଲୋକଙ୍କୁ ବହୁ କଷ୍ଟ ସହିବାକୁ ପଡୁଥିଲା। କିନ୍ତୁ ଖରାପ ସମୟରେ ବନ୍ଧୁ ରାଷ୍ଟ୍ରମାନେ ପାକିସ୍ତାନକୁ ପୂରା ସମର୍ଥନ କରିଥିଲେ। ସେ ଓ ମୁନିର ଅନେକ ଦେଶର ନେତାଙ୍କୁ ଭେଟି ବିଲିଅନ ଡଲାର ଋଣ ମାଗିଥିଲେ।

## ୩୦୦୦ କୋଟି ଟଙ୍କାର ଠକେଇ: ଅଭିନେତା ମନୋଜ ତିୱାରୀ, ଗୋବିନ୍ଦା ଏବଂ ଶକ୍ତି କପୁରଙ୍କ ବଢିଲା ଅଡୁଆ, ମାମଲା ରୁଜୁ

ନୂଆଦିଲ୍ଲୀ,୩୧ ।୧: ନିବେଶ ନାମରେ ଠକେଇର ଏକ ବଡ଼ ମାମଲା ସାମ୍ନାକୁ ଆସିଛି। ଏହି ମାମଲାରେ, ଫିଲ୍ମ ଅଭିନେତା ଗୋବିନ୍ଦ, ଚଙ୍କି ପାଣ୍ଡେ, ମନୋଜ ତିୱାରୀ, ରାଜା ମୁରାଦ ଏବଂ ଶକ୍ତି କପୁରଙ୍କ ଭଳି ବଲିଉଡ ଅଭିନେତାଙ୍କ ଅଡୁଆ ବଢିଛି। ଏହି ସମସ୍ତେ ନିବେଶକଙ୍କୁ ଆକର୍ଷିତ କରିବା ପାଇଁ ନିବେଶ ଯୋଜନାର ପ୍ରଚାର କରିଥିଲେ। ନିବେଶ ପ୍ରଚାର କରିବା ଅଭିଯୋଗରେ ସମସ୍ତଙ୍କ ବିରୋଧରେ ମାମଲା କୋର୍ଟଙ୍କ ନିର୍ଦ୍ଦେଶରେ ସାକ୍ଚି ପୋଲିସ ଷ୍ଟେସନରେ ଏକ ମାମଲା ରୁଜୁ କରାଯାଇଛି। ରିପୋର୍ଟ ଅନୁଯାୟୀ, ଗାଜିଆବାଦସ୍ଥିତ କମ୍ପାନୀ ମ୍ୟାକ୍ସିଜୋନ୍ ଟଚ୍ ପ୍ରାଇଭେଟ୍ ଲିମିଟେଡ୍ ସହିତ ଜଡିତ ଏହି ମାମଲା ଜାମସେଦପୁର କୋର୍ଟରେ ଶୁଣାଣି ହୋଇଥିଲା। ଅଭିଯୋଗ ହୋଇଛି ଯେ କମ୍ପାନୀ ବିପୁଳ ପରିମାଣ ଲାଭର ପ୍ରତିଶ୍ରୁତି ଦେଇ ନିବେଶକମାନଙ୍କୁ ପ୍ରଲୋଭିତ କରିଥିଲା। କମ୍ପାନୀରେ ନିବେଶ କଲେ ମାସିକ ପ୍ରାୟ ୧୫ ପ୍ରତିଶତ ସୁଧ ହାର ଦିଆଯିବାର ପ୍ରତିଶ୍ରୁତି ଦିଆଯାଇଥିଲା। ଶୁକ୍ରବାର ଜାମସେଦପୁରର ଚିଫ୍ ଜୁଡିସିଆଲ ମାଜିଷ୍ଟ୍ରେଟ୍ କୋର୍ଟରେ ଏହି ମାମଲାର ଶୁଣାଣି ହୋଇଥିଲା। ଅଭିଯୋଗକାରୀ ସୁବୋଧ କୁମାର ସିଂହଙ୍କ ଆବେଦନର ଶୁଣାଣି କରି କୋର୍ଟ ଭାରତୀୟ ଦଣ୍ଡ ସଂହିତାର ଧାରା ୪୨୦,୧୨୦ ବି ଏବଂ ଅନ୍ୟାନ୍ୟ ଧାରା ଅନୁଯାୟୀ ମାମଲା ରୁଜୁ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଅଭିଯୋଗକାରୀଙ୍କ ଓକିଲ ବିଦ୍ୟା ସିଂହ କହିଛନ୍ତି, କୋର୍ଟରେ ଅଭିଯୋଗ ଦାଖଲ ହେବା ପରେ, ସମସ୍ତ ଅଭିଯୁକ୍ତଙ୍କ ବିରୁଦ୍ଧରେ ସାକ୍ଚି ପୋଲିସ ଷ୍ଟେସନରେ ମାମଲା ରୁଜୁ କରାଯିବ। ଏପରିକି କିଛି ଲୋକ କମ୍ପାନୀରେ ପ୍ରାୟ ୩୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ନିବେଶ କରିଥିବା ଜଣାପଡ଼ିଛି। ନିବେଶକମାନେ ଅଭିଯୋଗ କରିଛନ୍ତି , କମ୍ପାନୀ ଠିକ୍ ସମୟ ମଧ୍ୟରେ ସୁଧ ଏବଂ ମୂଳଧନ ଫେରସ୍ତ କରିବାରେ ବିଫଳ ହୋଇଛି। କମ୍ପାନୀ କହୁଛି ସେ ବହୁତ ଆର୍ଥିକ କ୍ଷତି ସହିଛି, ଯାହା ଫଳରେ ପେମେଣ୍ଟ କରିପାରିବ ନାହିଁ। ରିପୋର୍ଟ ଅନୁଯାୟୀ, ଜାମସେଦପୁରର ନିବେଶକମାନଙ୍କର ପ୍ରାୟ ୧୫୦ କୋଟି ଏବଂ ଝାଡ଼ଖଣ୍ଡରେ ନିବେଶକମାନଙ୍କର ପ୍ରାୟ ୬୦୦ କୋଟି କମ୍ପାନୀରେ ଫସି ରହିଛି। ମୋଟ ଠକେଇ ପ୍ରାୟ ୩୦୦୦ କୋଟି ହେବ ବୋଲି ଆକଳନ କରାଯାଉଛି। ବର୍ତ୍ତମାନ ଆଇନଗତ ପ୍ରକ୍ରିୟା ଚାଲିଛି ଏବଂ ପୋଲିସ ତଦନ୍ତ ଜାରି ରଖିଛି।

## ଧସିଲା କୋଲଟାନ୍ ଖଣି: ୨୦୦ରୁ ଅଧିକ ମୃତ



କିନ୍‌ସାସା, ୩୧/୧ : କଙ୍ଗୋର ପୂର୍ବ ଭାଗରେ ଥିବା ରୁବାୟା କୋଲଟାନ୍ ଖଣିରେ ଏକ ବଡ଼ ଧରଣର ଭୂସ୍ଖଳନ ଘଟିଛି । ଏହି ମର୍ମନ୍ତୁଦ ଦୁର୍ଘଟଣାରେ ଏପର୍ଯ୍ୟନ୍ତ ୨୦୦ରୁ ଅଧିକ ଲୋକଙ୍କ ମୃତ୍ୟୁ ହୋଇଥିବା ନିଶ୍ଚିତ କରାଯାଇଛି। ମୃତକଙ୍କ ମଧ୍ୟରେ ଶ୍ରମିକ ଓ ମହିଳା ମଧ୍ୟ ଅଛନ୍ତି। ପ୍ରବଳ ବର୍ଷା ଯୋଗୁ ଖଣିର ମାଟି ଧସିଯାଇଥିଲା। ଯାହା ଫଳରେ ସେଠାରେ କାମ କରୁଥିବା ଲୋକେ ମାଟି ତଳେ ପୋତି ହୋଇଯାଇଥିଲେ। ଉଦ୍ଧାର କାର୍ଯ୍ୟ ଜାରି ରହିଛି। ଲଗାତାର ବର୍ଷା ଉଦ୍ଧାର କାର୍ଯ୍ୟରେ ବାଧା ସୃଷ୍ଟି କରୁଛି। ଉଦ୍ଧାର ସରଞ୍ଜାମର ଅଭାବ ଯୋଗୁ ଦୁର୍ଗମ ପାହାଡିଆ ଅଞ୍ଚଳରେ ସାହାଯ୍ୟ ଓ ରିଲିଫ୍ ସାମଗ୍ରୀ ପହଞ୍ଚାଇବାରେ ବହୁତ ବିଳମ୍ବ ହେଉଛି। ଭୂମିସ୍ଖଳନର ବିପଦ ଜାରି ରହିଥିବାରୁ ସ୍ଥାନୀୟ କର୍ତ୍ତୃପକ୍ଷ ପ୍ରଭାବିତ ଅଞ୍ଚଳରୁ ଦୂରେଇ ରହିବାକୁ ଲୋକଙ୍କୁ ଅନୁରୋଧ କରିଛନ୍ତି । ପ୍ରାରମ୍ଭିକ ରିପୋର୍ଟରେ ମୃତ୍ୟୁ ସଂଖ୍ୟା ୨୦୦ ରୁ ଅଧିକ ବୋଲି କୁହାଯାଇଥିଲା, କିନ୍ତୁ ଜଣେ ବରିଷ୍ଠ ଅଧିକାରୀ ନିଶ୍ଚିତ କରିଛନ୍ତି ଯେ, ଏହି ସଂଖ୍ୟା ୨୨୭ କୁ ବୃଦ୍ଧି ପାଇଛି। ପ୍ରାୟ ୨୦ ଜଣ ଗୁରୁତର ଆହତଙ୍କୁ ନିକଟସ୍ଥ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଛି। ସେମାନଙ୍କର ଚିକିତ୍ସା ଚାଲିଛି। ଉଦ୍ଧାରକାରୀ ଦଳଙ୍କ ଅନୁସାରେ ଆବର୍ଜନା ସଫା ହେବା ସହିତ ମୃତ୍ୟୁ ସଂଖ୍ୟା ଆହୁରି ବୃଦ୍ଧି ପାଇବାର ଆଶଙ୍କା ରହିଛି। ରୁବାୟା ଖଣି ବିଶ୍ୱ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହା ବିଶ୍ୱର ପ୍ରାୟ ୧୫ ପ୍ରତିଶତ କୋଲଟାନ୍ ଉତ୍ପାଦନ କରିଥାଏ। କୋଲଟାନ୍‌ରୁ ଟାଣ୍ଟାଲମ୍ ନାମକ ଏକ ଧାତୁ ଉତ୍ପାଦିତ ହୋଇଥାଏ। ଏହା ସ୍ମାର୍ଟଫୋନ୍, ଲାପଟପ୍ ଓ ବିମାନ ଅଂଶ ନିର୍ମାଣରେ ବ୍ୟବହୃତ ହୁଏ। ବିଶ୍ୱ ପ୍ରଯୁକ୍ତି ଶିଳ୍ପରେ ଏହି ଧାତୁର ଚାହିଦା ଅଧିକ। ତେଣୁ ବିପଦପୂର୍ଣ୍ଣ ପରିସ୍ଥିତିରେ ମଧ୍ୟ ସେଠାରେ ଖଣି ଖନନ ଜାରି ରହିଛି। ଶ୍ରମିକମାନେ ନିଜ ଜୀବନ ସହିତ ବାଜି ଲଗାଇ ଖଣି ଖନନରେ ନିୟୋଜିତ ହେଉଛନ୍ତି। କୌଣସି ସୁରକ୍ଷା ଉପକରଣ ବିନା କାମ କରୁଥିବା ଏହି ଶ୍ରମିକମାନଙ୍କୁ ପ୍ରତ୍ୟେକ ଦିନ ମୃତ୍ୟୁ ସହିତ ଲଢ଼ିବାକୁ ପଡୁଛି। ଜାତିସଂଘର ଏକ ରିପୋର୍ଟ ଅନୁଯାୟୀ, ଖଣିଟି ୨୦୨୪ ମସିହାରୁ ଏଫ୍‌ସିଇ/ଏମ୍-୨୩ବିଦ୍ରୋହୀ ଗୋଷ୍ଠୀର ସମ୍ପୂର୍ଣ୍ଣ ନିୟନ୍ତ୍ରଣରେ ରହିଛି। ବିଦ୍ରୋହୀ ଗୋଷ୍ଠୀ ନିଜର ଅସ୍ତ୍ରଶସ୍ତ୍ର ଓ ଯୁଦ୍ଧ କାର୍ଯ୍ୟ ପାଇଁ ଖଣିର ରାଜସ୍ୱ ବ୍ୟବହାର କରୁଛି।

## ଅନ୍ତର୍ଜାତୀୟ ସୀମାରେଖା ନିକଟରେ ଉଡିଲା ସନ୍ଦିଗ୍ଧ ଡ୍ରୋନ୍

ଶ୍ରୀନଗର,୩୧ ।୧ : ସୁଧୁରୁନି ପାକିସ୍ତାନ। ପୁଣି ଜମ୍ମୁ-କଶ୍ମୀରର ଅନ୍ତର୍ଜାତୀୟ ସୀମାରେଖା ନିକଟରେ ଉଡ଼ିଲା ସନ୍ଦିଗ୍ଧ ପାକିସ୍ତାନୀ ଡ୍ରୋନ୍। ଏହାକୁ ନେଇ ଭାରତୀୟ ସୁରକ୍ଷାବାହିନୀ ସକ୍ରିୟ ହୋଇପଡ଼ିଥିଲା। ସୁରକ୍ଷାକର୍ମୀମାନେ ସର୍ଚ୍ଚ ଅପରେଶନ ଆରମ୍ଭ କରିଥିଲା। ତେବେ ଡ୍ରୋନ୍‌ଟି ପୁଣିଥରେ ପାକିସ୍ତାନ ଆଡକୁ ଚାଲି ଯାଇଥିଲା। ଏହି ଘଟଣା ପରେ ପୋଲିସ ଓ ସୁରକ୍ଷା କର୍ମୀମାନେ ଗ୍ରାମ ଏବଂ ଆଖପାଖ ଅଞ୍ଚଳରେ ବ୍ୟାପକ ତଲାସୀ ଅଭିଯାନ ଚଳାଇଛନ୍ତି। ଅଧିକାରୀଙ୍କ ମତରେ ଡ୍ରୋନ ମାଧ୍ୟମରେ ହତିଆର କିମ୍ବା ମାଦକ ଦ୍ରବ୍ୟ ତସ୍କରୀର ଆଶଙ୍କା ଥିବାରୁ ସୀମାନ୍ତ ଅଞ୍ଚଳର ବିଭିନ୍ନ ସ୍ଥାନରେ ଯାଞ୍ଚ କରାଯାଉଛି। ଶୁକ୍ରବାର (ଜାନୁଆରୀ ୩୦) ମଧ୍ୟ ସାମ୍ବା ଜିଲ୍ଲାର ରାମଗଡ଼ ସେକ୍ଟରର ରତନପୁର ଗ୍ରାମ ନିକଟରେ ପାକିସ୍ତାନରୁ ଆସିଥିବା ଏକ ଡ୍ରୋନ ଭାରତୀୟ ଅଞ୍ଚଳ ଉପରେ କିଛି ସମୟ ଘୂରିବୁଲିଥିଲା ଏବଂ ପରେ ଫେରିଯାଇଥିଲା। ଏହି ମାସରେ ନିୟନ୍ତ୍ରଣ ରେଖା ଓ ଅନ୍ତରାଷ୍ଟ୍ରୀୟ ସୀମା ନିକଟରେ ଏପରି ବହୁ ସନ୍ଦିଗ୍ଧ ଡ୍ରୋନ ଦେଖାଯାଇଛି, ଯାହାଦ୍ୱାରା ଆଣ୍ଟି-ଡ୍ରୋନ ସିଷ୍ଟମ୍‌କୁ ସକ୍ରିୟ କରାଯାଇଛି।

# ପାକିସ୍ତାନର ୧୨ ସହରରେ ଏକକାଳୀନ ଆକ୍ରମଣ

## ଦଖଲ କଲେ ପୁଲିସ ଷ୍ଟେସନ୍, ୧୨ ସୈନିକ ମୃତ



କ୍ୱେଟା, ୩୧ ।୧ : ପାକିସ୍ତାନର ବେଲୁଚିସ୍ତାନ ପୁଣି ଥରେ ପାଲଟିଛି ଯୁଦ୍ଧକ୍ଷେତ୍ର ପାଲଟିଛି। ଶନିବାର ବେଲୁଚିସ୍ତାନ ଲିବରେସନ ଆର୍ମି ଏକକାଳୀନ ୧୨ ଟି ସହରରେ କରିଛି ଆକ୍ରମଣ। ପାକିସ୍ତାନୀ ସେନା ଏବଂ ଆଇଏସଆଇ ଆଡ୍ଡା ଉପରେ ଆକ୍ରମଣ କରିଛନ୍ତି ।ଏହି ଆକ୍ରମଣକୁ ଅପରେସନ 'ହାରୋଫର ଦ୍ୱିତୀୟ ପର୍ଯ୍ୟାୟ' ବୋଲି କୁହାଯାଇଛି। ବିଏଲ୍ଏ କହିଛି, ବେଲୁଚିସ୍ତାନର ରାଜଧାନୀ କ୍ୱେଟା, ନୋଶ୍କି, ମାଶତୁଙ୍ଗ, ଡାଲବାଦିନ, କଳାତ, ଖାରାନ, ଗ୍ୱାଦର, ପାସନି, ଟୁମ୍ପ ଏବଂ ବୁଲେଡାରେ ପାକିସ୍ତାନୀ ସେନା ଏବଂ ଆଇଏସଆଇ ଘାଟି ଉପରେ ଏକକାଳୀନ ଆକ୍ରମଣ କରିଛନ୍ତି। କ୍ୱେଟା, ପାସନି, ଗ୍ୱାଦର, ନୋଶ୍କି ଏବଂ ଡାଲବାଦିନରେ ହୋଇଥିବା ଆକ୍ରମଣ ବିଏଲ୍ଏ ମାଜିଦ ବ୍ରିଗେଡ ଦ୍ୱାରା କରାଯାଇଥିବା ଆତ୍ମଘାତୀ ଆକ୍ରମଣ ଥିଲା। ଆକ୍ରମଣ ସମୟରେ ବେଲୁଚି ସଦସ୍ୟ ସେଠାରେ ଏକ ସେନା ଶିବିରରେ ମଧ୍ୟ ଅନୁପ୍ରବେଶ କରିଥିଲେ। ଅନେକ ପୋଲିସ ଷ୍ଟେସନ ଏବଂ ସରକାରୀ କୋଠା ଦଖଲ କରିଛି। ଶନିବାର, ବେଲୁଚି ବିଦ୍ରୋହୀମାନେ, ବିଶେଷକରି ବାଲୁଚି ଲିବରେସନ ଆର୍ମି ର ଜୟନ୍ଦ ଗୋଷ୍ଠୀ, 'ଅପରେସନ ବିଦ୍ରୋହୀ ବାଲୁଚିମାନେ ଅନେକ ପୋଲିସ ଷ୍ଟେସନ ଦଖଲ କରିଛନ୍ତି। ବେଲୁଚି ବିଦ୍ରୋହୀଙ୍କ ହଠାତ୍ ଆକ୍ରମଣରେ ପଛକୁ ହଟିଛନ୍ତି ପାକିସ୍ତାନୀ ସେନା। ଆକ୍ରମଣର ମୁକାବିଲା କରି ନପାରି ପାକ୍ ସେନା ନିଜର ପୋଷ୍ଟରୁ ପଳାଇବାକୁ ବାଧ ହୋଇଥିଲା। ବେଲୁଚିସ୍ତାନ ଲିବରେସନ ଆର୍ମି ଅନୁଯାୟୀ, ଏହି ଆକ୍ରମଣରେ ଏପର୍ଯ୍ୟନ୍ତ ୧୨ ରୁ ଅଧିକ ପାକିସ୍ତାନୀ ସୈନିକ ନିହତ ହୋଇଛନ୍ତି। ବିଏଲ୍ଏ ମାସ୍ତୁଙ୍ଗ ଏବଂ କଳାଟରେ ପାକିସ୍ତାନୀ ପୋଲିସ ବିଲ୍ଡିଂକୁ ଦଖଲ କରିଛି। ପାକସ୍ତାନୀ ଜିଓ ନ୍ୟୁଜ ଅନୁସାରେ,ଏହି ଆକ୍ରମଣରେ ଏପର୍ଯ୍ୟନ୍ତ ୧୦ ଜଣ ସୁରକ୍ଷାକର୍ମୀଙ୍କ ମୃତ୍ୟୁ ହୋଇଛି। ସେଭଳି ପାକିସ୍ତାନ ସରକାର ଦାବୀ କରିଛନ୍ତି ୫୮ ଆତଙ୍କୀ ନିହତ ହୋଇଛନ୍ତି। ଏହି ଆକ୍ରମଣରେ ପାକିସ୍ତାନୀ ପୋଲିସ, ସେନା ଏବଂ ସରକାରୀ ବିଲ୍ଡିଂକୁ ଟାର୍ଗେଟ କରାଯାଇଥିଲା। ଏହି ଆକ୍ରମଣ ଖୁବ୍ ବଡ଼ ବୋଲି କୁହାଯାଉଛି। ପାକିସ୍ତାନୀ ସେନା ଏପର୍ଯ୍ୟନ୍ତ ଏହି ବିଷୟରେ କିଛି ପ୍ରତିକ୍ରିୟା ଦେଇନାହିଁ। କିନ୍ତୁ ରିପୋର୍ଟ ଅନୁସାରେ, ପାକିସ୍ତାନୀ ସେନା ଏବଂ ବିଏଲ୍ଏ ମଧ୍ୟରେ ଗୁଳି ବିନିମୟ ଜାରି ରହିଛି, ଯେଉଁଥିରେ ପ୍ରାୟ ୧୨ ଜଣ ପାକିସ୍ତାନୀ ସୈନିକ ଏବଂ ତିନି ଜଣ ବିଏଲ୍ଏ ସଦସ୍ୟଙ୍କ ମୃତ୍ୟୁ ହୋଇଛି। କେବଳ କ୍ୱେଟାରେ ବିଏଲ୍ଏ ଦ୍ୱାରା ହୋଇଥିବା ଆକ୍ରମଣରେ ୭ ଜଣ ପୋଲିସ କର୍ମଚାରୀଙ୍କ ମୃତ୍ୟୁ ହୋଇଛି। ଆଜି ସକାଳ ୬ଟା ଠାରୁ, ବାଲୁଚିସ୍ତାନର ୧୨ଟି ସହରର ବିଭିନ୍ନ ଅଞ୍ଚଳରେ ବିଏଲ୍ଏ ଆକ୍ରମଣ କରିଛି। ନୋଶ୍କି ଡେପୁଟି କମିଶନର ମହମ୍ମଦ ହୁସେନଙ୍କୁ ମଧ୍ୟ ବନ୍ଧକ ନେଇଛି। ଏହାର ଏକ ଭିଡିଓ ଜାରି କରିଛି ଯେଉଁଥିରେ ସେ ବାଲୁଚ୍ ସଦସ୍ୟଙ୍କ ଦ୍ୱାରା ବନ୍ଦୀ ଥିବା ସ୍ୱୀକାର କରିଛନ୍ତି। ବେଲୁଚିସ୍ତାନର ରାଜଧାନୀ କ୍ୱେଟାରେ ପରିସ୍ଥିତି ସବୁଠାରୁ ଗମ୍ଭୀର, ଯେଉଁଠାରେ ବେଲୁଚ୍ ଯୋଦ୍ଧା ଏକ ବ୍ୟାଙ୍କ ଲୁଟ୍ କରିଥିଲେ ଏବଂ ବିସ୍ଫୋରଣ କରିଥିଲେ। ବେଲୁଚ୍ ଯୋଦ୍ଧାଙ୍କୁ ଖୋଲାଖୋଲି ଭାବରେ ରାସ୍ତାରେ ଅସ୍ତ୍ରଶସ୍ତ୍ର ଧରି ବୁଲୁଥିବା ଏବଂ ଅନେକ ପୋଲିସ ଗାଡ଼ିରେ ନିଆଁ ଲଗାଇ ଦେଉଥିବା ମଧ୍ୟ ଦେଖାଯାଉଛି।

## କଣ୍ଟେନର ଧକ୍କାରେ ୨ ଅଟୋ ରିକ୍ସାରେ ଥିବା ୬ଜଣଙ୍କ ମୃତ୍ୟୁ



ଆଗ୍ରା,୩୧ ।୧ : ୟୁପିର ଆଗ୍ରାରେ ଭୟଙ୍କର ଦୁର୍ଘଟଣା ଘଟିଛି। ଆଗ୍ରା-ଜଳେସର ମାର୍ଗରେ ଶନିବାର ସକାଳେ ଗାଁ ନଗଳା ଚନ୍ଦନ ନିକଟରେ, କଣ୍ଟେନରର ଧକ୍କାରେ ଦୁଇଟି ଅଟୋ ରିକ୍ସାରେ ବସିଥିବା ୬ଜଣ ଲୋକଙ୍କ ମୃତ୍ୟୁ ହୋଇଛି। ପାଞ୍ଚ ଜଣ ଲୋକ ଆହତ ହୋଇଛନ୍ତି। ପାଞ୍ଚ ମୃତକ ହେଉଛନ୍ତି ସହପଉ (ହାଥରସ)ସ୍ଥିତ ଗାଁ ଧାଧଉ ନିବାସୀ। ସମସ୍ତେ ପରସ୍ପରର ବନ୍ଧୁ ଥିଲେ। ସେମାନେ ତୀର୍ଥ ଯାତ୍ରାରୁ ଫେରୁଥିଲେ। ଅନ୍ୟ ମୃତକ ଅଟୋ ଚାଳକ ଆଗ୍ରାର ଶାହଗଞ୍ଜ ଅଞ୍ଚଳରେ ରୁହନ୍ତି ।ଗାଁ ଧାଧଉ ନିବାସୀ ରାମଅବତାର, ରିଟାୟର ଦରୋଗା ବିଜୟ ସିଂହ, ରଣବୀର ଭଗତ , ବିଜୟ ଗୌତମ , ଧନ ପ୍ରସାଦ , ଲକ୍ଷ୍ମୀ ଚନ୍ଦ, ବିଲ୍ଲୁ ମିସ୍ତ୍ରୀ ଓ ଉଦୟବୀର ସିଂହ, ୨୦ ଜାନୁଆରୀରେ ଜଗନ୍ନାଥ ପୁରୀ ଯାଇଥିଲେ। ଶନିବାର ସକାଳେ ମହାକୌଶଳ ଏକ୍ସପ୍ରେସ୍‌ରେ ଆଗ୍ରା ଫେରୁଥିଲେ। ରାମଅବତାର ଆଗ୍ରା କ୍ୟାଣ୍ଟ ଷ୍ଟେସନରେ ଓହ୍ଲାଇ ନଥିଲେ। ଆଉ ସାତ ବନ୍ଧୁ ଆଗ୍ରାର କ୍ୟାଣ୍ଟରେ ଓହ୍ଲାଇ ଥିଲେ। ସେଠାରୁ ଅଟୋ କରି ରାମବାଗ ଆସି ଥିଲେ ।ରାମବାଗ ଅଟୋ ଯୋଗେ ଗାଁ ଯାଉଥିଲେ। ନଗଳା ଚନ୍ଦନ ନିକଟସ୍ଥ ଜଳେସର ଆଡୁ ଆସୁଥିବା କଣ୍ଟେନର ପ୍ରଥମେ ତାଙ୍କ ଅଟୋକୁ ଧକ୍କା ମାରି ଥିଲା। ଧକ୍କା ଏତେ ଜୋରଦାର ଥିଲା ଯେ, ଅଟୋ ଅତି ସାଂଘାତିକ ଭାବେ ଭାଙ୍ଗି ଯାଇ ଥିଲା। ସେଥିରେ ବସିଥିବା ଲୋକେ ଉପରକୁ ଉଠି ଯାଇ ରାସ୍ତାରେ ଏପଟେ ସେପଟେ ବିଛେଇ ହୋଇ ପଡ଼ିଥିଲେ ।ଏହି ଦୁର୍ଘଟଣା ପରେ ଫେରାର ହେବାର ପ୍ରୟାସରେ କଣ୍ଟେନର ଚାଳକ ଆଉ ଏକ ଅଟୋକୁ ମଧ୍ୟ ଧକ୍କା ଦେଇଥିଲା। ଏଥିରେ ସାତ ଜଣ ଲୋକ ବସିଥିଲେ। ରାସ୍ତାରେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଲୋକେ ଏପଟ ସେପଟ ପଡ଼ି ଥିଲେ। ଏହା ଦେଖି ପଥଚାରୀଙ୍କ ହୃଦୟ ଥରି ଯାଇ ଥିଲା। କାନ୍ଦ ଓ ଚିତ୍କାରରେ ପରିବେଶ ଫାଟି ପଡୁଥିଲା। ନିଶାସକ୍ତ କଣ୍ଟେନର ଚାଳକକୁ ଲୋକେ ଧରି ମାଡ଼ ମାରିଥିଲେ। ପୁଲିସ ସେଠାରେ ପହଞ୍ଚି ରକ୍ଷା କରି ଥିଲା।

## ଆମେରିକା ଓ ଇରାନ ମଧ୍ୟରେ ବଡ଼ ଯୁଦ୍ଧ ଆଶଙ୍କା

# ଟ୍ରମ୍ପ କହିଲେ ମୁଁ ଯୁଦ୍ଧ ଚାହୁଁନାହିଁ



ୱାସିଂଟନ/ତେହେରାନ, ୩୧/୧ : ମଧ୍ୟପ୍ରାଚ୍ୟରେ ପୁଣି ଥରେ ଭୟ ବୃଦ୍ଧି ପାଇବାକୁ ଯାଉଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପ୍ରଶାସନ ଇରାନ ଉପରେ ସମ୍ଭାବ୍ୟ ସାମରିକ ଆକ୍ରମଣ ପାଇଁ ନିଜର ସାମରିକ ଉପସ୍ଥିତି ବୃଦ୍ଧି କରିବା ନେଇ ଚେତାବନୀ ଦେଇଛନ୍ତି। ଏନେଇ ଆରବ ଓ ମୁସଲିମ ଦେଶ ଚିନ୍ତିତ ହୋଇପଡ଼ିଛନ୍ତି। ସେମାନେ ଆମେରିକା ଓ ଇରାନ ଉଭୟକୁ ସଂଯମତା ଅବଲମ୍ବନ କରିବାକୁ ଅନୁରୋଧ କରୁଛନ୍ତି। ସାଉଦି ଆରବ, ତୁର୍କୀ, ଓମାନ ଓ କତାର ଭଳି ଦେଶଗୁଡ଼ିକ ବର୍ତ୍ତମାନ ଆମେରିକାର ରାଜଧାନୀ ୱାଶିଂଟନ ତଥା ଇରାନର ରାଜଧାନୀ ତେହେରାନ ସହିତ ଯୋଗାଯୋଗରେ ଅଛନ୍ତି। ଏହି ଦେଶଗୁଡ଼ିକ ଅନୁମାନ କରୁଛନ୍ତି ଯେ, ଯଦି ଆମେରିକା ଅବା ଇରାନ ପରିସ୍ଥିତିକୁ ଆହୁରି ଖରାପ କରନ୍ତି, ତେବେ ଏହାର ପ୍ରଭାବ ସମଗ୍ର ମଧ୍ୟପ୍ରାଚ୍ୟ ଉପରେ ପଡ଼ିବ। ଏହା ରାଜନୈତିକ ଅସ୍ଥିରତା ବୃଦ୍ଧି କରିବା ସହିତ ତୈଳ ଓ ଗ୍ୟାସ ବଜାରକୁ ମଧ୍ୟ ଗୁରୁତର ଭାବରେ ପ୍ରଭାବିତ କରିବ। ଫଳରେ ବିଶ୍ୱ ଅର୍ଥନୀତିରେ ସଙ୍କଟ ସୃଷ୍ଟି ହେବାର ଆଶଙ୍କା ରହିଛି ଆରବ ଦେଶଗୁଡ଼ିକ ଭୟ କରୁଛନ୍ତି ଯେ, ଯଦି ଆମେରିକା ଇରାନ ଉପରେ ଆକ୍ରମଣ କରେ, ତେବେ ଇରାନ ପ୍ରତିଶୋଧ ନେଇପାରେ। ଇରାନ ସିଧାସଳଖ ଆମେରିକାର ସାମରିକ ଘାଟିଥିବା ଆରବ ଦେଶଗୁଡ଼ିକ ଉପରେ ଆକ୍ରମଣ କରି ସେସବୁ ଘାଟିକୁ ନଷ୍ଟ କରିବାକୁ ଉଦ୍ୟମ କରିବ। ଫଳରେ ପରୋକ୍ଷ ଭାବେ ସେସବୁ ଆରବ ଦେଶ ନଚାହିଁ ମଧ୍ୟ ଯୁଦ୍ଧ ଜାଲରେ ପଡ଼ିଯିବେ। ସାଉଦି ଆରବର ପ୍ରତିରକ୍ଷା ମନ୍ତ୍ରୀ ଖାଲିଦ ବିନ୍ ସଲମାନ ସୋସିଆଲ ମିଡିଆରେ ଘୋଷଣା କରିଛନ୍ତି ଯେ, ସେ ୱାସିଂଟନରେ ଅନେକ ବରିଷ୍ଠ ଆମେରିକୀୟ ନେତାଙ୍କ ସହ ସାକ୍ଷାତ କରିଛନ୍ତି। ଏଥିରେ ବୈଦେଶିକ ମନ୍ତ୍ରୀ ମାର୍କୋ ରୁବିଓ, ପ୍ରତିରକ୍ଷା ସଚିବ ପିଟ୍ ହେଗସେଥ୍, ଟ୍ରମ୍ପଙ୍କ ଆଞ୍ଚଳିକ ଦୂତ ଷ୍ଟିଭ୍ ୱିଟକଫ ଓ ଆମେରିକୀୟ ଶୀର୍ଷ ସାମରିକ ଅଧିକାରୀ ଜେନେରାଲ ଡାନ୍ କେନ୍ ସାମିଲ ଥିଲେ। ଏହି ବୈଠକଗୁଡ଼ିକରେ ଆଞ୍ଚଳିକ ଓ ବିଶ୍ୱ ଶାନ୍ତି ବଜାୟ ରଖିବା ଉପରେ ଆଲୋଚନା ହୋଇଥିଲା। ଇତିମଧ୍ୟରେ ଟ୍ରମ୍ପ ଇରାନ ବିରୋଧରେ ସମ୍ଭାବ୍ୟ ସାମରିକ କାର୍ଯ୍ୟାନୁଷ୍ଠାନ ପାଇଁ ନିଜର କାରଣ ମଧ୍ୟ ବଦଳାଇଛନ୍ତି। ପୂର୍ବରୁ, ସେ କହିଥିଲେ ଯେ, ପ୍ରତିବାଦକାରୀଙ୍କ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ଓ ଅତ୍ୟାଚାର ଯୋଗୁ କାର୍ଯ୍ୟାନୁଷ୍ଠାନ ଆବଶ୍ୟକ । କିନ୍ତୁ ଏବେ ସେ ଇରାନର ପରମାଣୁ କାର୍ଯ୍ୟକ୍ରମ ବନ୍ଦ କରିବା ବିଷୟରେ କହୁଛନ୍ତି। ଟ୍ରମ୍ପ ଏହା ମଧ୍ୟ ଦାବି କରିଛନ୍ତି ଯେ, ଜୁନ୍ ମାସରେ ଆମେରିକା ଆକ୍ରମଣରେ ଇରାନର ପରମାଣୁ ପ୍ରତିଷ୍ଠାନଗୁଡ଼ିକ ସମ୍ପୂର୍ଣ୍ଣ ଧ୍ୱଂସ ପାଇଯାଇଥିଲା। ଟ୍ରମ୍ପ କହିଛନ୍ତି,ସେ ଯୁଦ୍ଧ ଚାହାନ୍ତି ନାହିଁ। ସେ ଇରାନ ସହିତ ଏକ ଚୁକ୍ତି ଚାହାନ୍ତି। ସେ କହିଛନ୍ତି, ଆଶା କରୁଛୁ, ଦୁଇ ଦେଶ ମଧ୍ୟରେ ଏକ ଚୁକ୍ତି ହେବ। କିନ୍ତୁ ଯଦି ନହେବ ତେବେ ପରବର୍ତ୍ତୀ ସମୟରେ କ'ଣ ହେବ ତାହା କହିବା କଷ୍ଟକର। ଯେତେବେଳେ ତାଙ୍କୁ ପଚରାଗଲା ଯେ ସେ ଇରାନକୁ ଏକ ସମୟସୀମା ଦେଇଛନ୍ତି କି, ସେ ସ୍ପଷ୍ଟ ଉତ୍ତର ଦେଇ ନଥିଲେ। କହିଥିଲେ ଏହି ପ୍ରସଙ୍ଗ ସହ ଜଡ଼ିତ ବ୍ୟକ୍ତିମାନେ ଏ ସମ୍ପର୍କରେ ଜାଣିଛନ୍ତି। ଟ୍ରମ୍ପ ପ୍ରଶାସନର ଅଧିକାରୀ କହିଛନ୍ତି, ପରମାଣୁ ପ୍ରସଙ୍ଗରେ ଟ୍ରମ୍ପଙ୍କ ନୂଆ ରଣନୀତିରେ ପରିବର୍ତ୍ତନର ସଙ୍କେତ ଦେଉନାହିଁ। ଇରାନ ସହିତ ମୁକାବିଲା କରିବା ପାଇଁ ତାଙ୍କର ବ୍ୟାପକ ଆଭିମୁଖ୍ୟର ଏହା ଏକ ଅଂଶ। ପ୍ରାରମ୍ଭରେ ଟ୍ରମ୍ପ ଜନସାଧାରଣଙ୍କୁ ଉତ୍ସାହିତ କରିବା ଓ ସରକାରଙ୍କ ଉପରେ ଚାପ ପକାଇବା ପାଇଁ ଇରାନରେ ବିରୋଧ ପ୍ରଦର୍ଶନ ଉପରେ ଗୁରୁତ୍ୱାରୋପ କରିଥିଲେ।

# ଦରପୋଡା ଶବ ଜବତ: ସାଇଣ୍ଟିଫିକ ଟିମ୍‌ର ତଦନ୍ତ

## ବେକ କାଟି ହତ୍ୟା ପରେ ପେଟ୍ରୋଲ ପକାଇ ପୋଡାଯାଇଥିବା ସନ୍ଦେହ

ଶେରଗଡ(ନିପ୍ର): ଶେରଗଡ ବ୍ଲକ ବନ୍ଧାଗୁଡା ଜଗନ୍ନାଥ ବିଦ୍ୟାପୀଠ ପାର୍ଶ୍ୱରେ ଏକ ଅଜଣା ବ୍ୟକ୍ତିର ଦରପୋଡା ଶବକୁ ଜବତ କରିଛି ଶେରଗଡ଼ ପୋଲିସ । ଏ ନେଇ ଶେରଗଡ ଥାନାରେ ୪୦/୨୬ ପ୍ରକାରେ ଏକ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଛି । ଶୁକ୍ରବାର ରାତିରେ ଏକ ଦର ପୋଡ଼ା ଶବ ଜଗନ୍ନାଥ ବିଦ୍ୟାପୀଠ ପାର୍ଶ୍ୱରେ ଥିବା ଏକ ଜମିରେ ପଡିଛି ବୋଲି ଖବର ମିଳିବା ପରେ ଶେରଗଡ଼ ଥାନା ଅଧିକାରୀ ବରେନ୍ଦ୍ର ଶିଆଳ ଓ ଏସଡିପିଓ ସନ୍ତୋଷ କୁମାର ଜେନା ସଦଳବଳେ ପହଞ୍ଚି ଥିଲେ । ତଦନ୍ତ ସମୟରେ ଉକ୍ତ ଅଜଣା ଯୁବକଙ୍କ ବେକ କାଟି ବା ଦାଗ ସହ ଅର୍ଦ୍ଧଦଗ୍ଧ ଶରୀରର ଦରପୋଡା କରି ଦୁର୍ବୃତ୍ତମାନେ ଛାଡ଼ି ଚାଲିଯାଇଥିବା ସନ୍ଦେହ କରିଛି ପୋଲିସ । ଶନିବାର ସକାଳ ସାଇଣ୍ଟିଫିକ ଟିମ୍ ଦ୍ୱାରା ତଦନ୍ତ ଆରମ୍ଭ କରିଛି । ଜଣେ ବରିଷ୍ଠ ପୋଲିସ ଅଧିକାରୀ ନିତେଶ କୁମାର ମିଶ୍ରଙ୍କ ନେତୃତ୍ୱରେ ସାଇଣ୍ଟିଫିକ ଟିମ୍‌ର ସଦସ୍ୟମାନେ ଦରପୋଡା ଶବର ପାରିପାର୍ଶ୍ୱିକ ସ୍ଥିତି ଅନୁଧ୍ୟାନ କରିବା ସହ ବିଭିନ୍ନ ଦିଗପଟୁ ତଦନ୍ତ କରି ଫେରିଛନ୍ତି । ଶେରଗଡ ଥାନା ଅଧିକାରୀ ଶ୍ରୀ ସିଆଳ ଓ ଏସଡିପିଓ ଶ୍ରୀ ଜେନା ଅନୁଧ୍ୟାନ କରିବା ପରେ ବେକରେ କଟାଦାଗ ଓ ପୋଡିବା ପାଇଁ ପେଟ୍ରୋଲର ବ୍ୟବହାର ହତ୍ୟା ପରେ ପରେ ପେଟ୍ରୋଲ ଢାଳି ପୋଡ଼ି ପ୍ରମାଣ ନଷ୍ଟ ପାଇଁ ଯୋଜନା କରାଯାଇଥିବା ପୋଲିସ ସନ୍ଦେହ କରୁଛି । ଦରପୋଡା ଶବକୁ ଶେରଗଡ ପୋଲିସ ଜବତ କରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ ମେଡିକାଲକୁ ପଠାଇ ଦେଇଛନ୍ତି । ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିଲା ପରେ କିପରି ହତ୍ୟା କରିଥିଲେ କାରଣ ସ୍ପଷ୍ଟ ହେବ ବୋଲି ଦୁଇ ଅଧିକାରୀ କହିଛନ୍ତି ।

---

# କେବିଇଏମ କିଡ୍ସ ବିଦ୍ୟାଳୟର ବାର୍ଷିକୋତ୍ସବ

କାକଟପୁର(ନିପ୍ର): ଶନିବାର କାକଟପୁର ଅଞ୍ଚଳର ଅଗ୍ରୀମ ଶିକ୍ଷାନୁଷ୍ଠାନ କେବିଇଏମ କିଡ୍ସ ଇଂରାଜୀ ମିଡିୟମ୍ ବିଦ୍ୟାଳୟରେ ତୃତୀୟ ବାର୍ଷିକ ମହୋତ୍ସବ ବିଦ୍ୟାଳୟ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ କଳା ସଂସ୍କୃତି ସାହିତ୍ୟକୁ ଉଦ୍ଧାର କରିବା ପାଇଁ ପ୍ରଥମେ କବି କବିୟତ୍ରୀମାନଙ୍କ ଦ୍ୱାରା ସାହିତ୍ୟ ଆସର କାର୍ଯ୍ୟକ୍ରମ କରାଯାଇଥିଲା । ଭୁବନେଶ୍ୱର ସୋଆ ବିଶ୍ୱ ବିଦ୍ୟାଳୟର ଡ଼ଃ ସୁଶାନ୍ତ କୁମାର ଚଇନି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଅନ୍ୟ ମାନଙ୍କ ଭିତରେ ନିମାପଡା ଏସଡିପିଓ ଜନାର୍ଦ୍ଦନ ପାଢ଼ୀ, କାକଟପୁର ଥାନା ଭାରପ୍ରାପ୍ତ ଅଧିକାରୀ ବସନ୍ତ କୁମାର ସାହୁ, ଏଆଇ ଏକାଡେମୀ ସିଇଓ ଚନ୍ଦନ ନାୟକ, ମଙ୍ଗଳା ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷ ସନ୍ତୋଷ କୁମାର ମିତ୍ର, କାକଟପୁର ବ୍ଲକ ପୂର୍ବତନ ମଣ୍ଡଳ ଶିକ୍ଷା ଅଧିକାରୀ ଦିଲୀପ କୁମାର ଜେନା, ପ୍ରଥମେ ଅତିଥିମାନଙ୍କୁ ପୁଷ୍ପ ଗୁଚ୍ଛ, ଉତ୍ତରୀୟ ପ୍ରଦାନ କରାଯାଇ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା । ପ୍ରଦୀପ ପ୍ରଜ୍ୱଳନ କରାଯିବା ପରେ ବନ୍ଦେ ଉତ୍କଳ ଜନନୀ ରାଷ୍ଟ୍ରୀୟ ସଂଗୀତ ଗାନ ପରେ ବେଲୁନ ମାଧ୍ୟମରେ କାଞ୍ଚନବାଳା ୦.୩ ର ଉଦ୍‌ଘାଟନ ପରେ ଛାତ୍ର ଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ସଂଗୀତ ପାଠ କରାଯାଇଥିଲା ।

---

# ସ୍ୱାମୀ ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ବାର୍ଷିକୋତ୍ସବ

ବେଲଗୁଣ୍ଠା(ନିପ୍ର): ମଙ୍ଗଳପୁର ସ୍ଥିତ ସ୍ୱାମୀ ବିବେକାନନ୍ଦ ଶିକ୍ଷା କେନ୍ଦ୍ରର ୨୪ତମ ବାର୍ଷିକ ଉତ୍ସବ ପାଳନ ହୋଇଯାଇଛି । ଶିକ୍ଷା କେନ୍ଦ୍ରର ସଭାପତି ଅରୁଣ କୁମାର ଷଡଙ୍ଗୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଶିକ୍ଷା କେନ୍ଦ୍ରର ପ୍ରତିଷ୍ଠାତା ଓ ସମ୍ପାଦକ ମାଧବ ଚନ୍ଦ୍ର ଆପଟ ଅତିଥି ମାନଙ୍କୁ ସ୍ୱାଗତ କରିଥିଲେ । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଭଞ୍ଜନଗର ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ଡ ଦୀପକ ମିଶ୍ର ଯୋଗ ଦେଇ ସ୍ୱାମୀଜୀଙ୍କ ଜୀବନୀ ସହ ଶିକ୍ଷା କେନ୍ଦ୍ରର ଭବିଷ୍ୟତ ଉଜ୍ଜ୍ୱଳ କାମନା କରିଥିଲେ । ମୁଖ୍ୟବକ୍ତା ଭାବେ ଜିଲ୍ଲା ସରପଂଚ ସଂଘର ସଭାପତି ଯୋଗ ଦେଇଥିବା ବେଳେ ଅନ୍ୟତମ ଅତିଥି ଭାବେ ଜିଲ୍ଲା ପରିଷଦ ସଭ୍ୟ ବିଦ୍ୟାଧର ବିଶୋୟୀ, ଡାକ୍ତର ମାନସ ରଞ୍ଜନ ଦାସ, ସି ଆର୍ ସି ସି ରଞ୍ଜିତ କୁମାର ସାହୁ, ଜ୍ୟୋତି ରଞ୍ଜନ ନାୟକ, ଦିଲୀପ କୁମାର ଖାଡଙ୍ଗା, ସୁଶାନ୍ତ କୁମାର ବେହେରା ଯୋଗ ଦେଇଥିଲେ । ପ୍ରଧାନ ଆଚାର୍ଯ୍ୟା ଲକ୍ଷ୍ମୀ ପ୍ରଧାନ ବିବରଣୀ ପଠନ କରିଥିଲେ । ବିଭିନ୍ନ କ୍ଷେତ୍ରରେ କୃତି ଅର୍ଜନ କରିଥିବା ଛାତ୍ର ଛାତ୍ରୀମାନଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା ।

---

# ଓଡିଶା ଆଦର୍ଶ ବିଦ୍ୟାଳୟର ବାର୍ଷିକୋତ୍ସବ

ବୋଲଗଡ଼(ନିପ୍ର): ବୋଲଗଡ଼ ଶିକ୍ଷାବ୍ଲକ ଅନ୍ତର୍ଗତ ପିଚୁକୁଳିସ୍ଥିତ ଓଡିଶା ଆଦର୍ଶ ବିଦ୍ୟାଳୟ ଅଧକ୍ଷ ତାପସ କୁମାର ଦ୍ୱିବେଦୀଙ୍କ ଆବାହକତ୍ୱରେ ବିଦ୍ୟାଳୟ ପରିସରରେ ଶନିବାର ୪ର୍ଥ ବାର୍ଷିକ ଉତ୍ସବ 'ସୃଜନିକା' ମହାଆଡମ୍ବର ସହକାରେ ପାଳିତ ହୋଉଯାଇଛି । ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଅଧକ୍ଷ ତପନ କୁମାର ଦ୍ୱିବେଦୀଙ୍କ ଅଧକ୍ଷତାରେ ମୁଖ୍ୟଅତିଥି ଭାବେ ବୋଲଗଡ-ବେଗୁନିଆ ବିଧାୟକ ପ୍ରଦୀପ କୁମାର ସାହୁ, ମୁଖ୍ୟ ବକ୍ତାଭାବେ ଖୋର୍ଦ୍ଧା ଜିଲ୍ଲା ଶିକ୍ଷା ଓ ଶିକ୍ଷକ ତାଲିମ ପ୍ରତିଷ୍ଠାନର ଅଧକ୍ଷ ତାପସ କୁମାର ନାୟକ, ସ୍ୱତନ୍ତ୍ର ଅତିଥିଭାବେ କୃଷକ ଶିକ୍ଷା ପ୍ରତିଷ୍ଠାନର ନିର୍ଦ୍ଦେଶକ ବୃନ୍ଦାବନ ଶତପଥି ଓ ସମ୍ମାନିତ ଅତିଥି ଭାବେ ବୋଲଗଡ଼ ତହସିଲଦାର ବିଜୟ କୁମାର ସେଠୀ, ଅଖିଳ ଭାରତୀୟ ଶୈକ୍ଷିକ ମହାସଂଘର ସମ୍ପାଦକ ନିରଞ୍ଜନ ମହାନ୍ତି, ଗୋପାଳପୁର ସରପଞ୍ଚ ପ୍ରଦୀପ କୁମାର ବାରିକ ଓ ଖୋର୍ଦ୍ଧା କେନ୍ଦ୍ର ସମବାୟ ସମିତି ସମ୍ପାଦକ ପବିତ୍ର ମୋହନ ମାଝୀ ପ୍ରମୁଖ ଯୋଗଦେଇ ଜଗତରନାଥ ଜଗନ୍ନାଥଙ୍କ ପ୍ରତିମୂର୍ତ୍ତିରେ ଫୁଲ ଚନ୍ଦନ ଓ ପ୍ରଦୀପ ପ୍ରଜ୍ୱଳନ କରି ଏହାକୁ ଶୁଭ ଉଦଘାଟନ କରିଥିଲେ । ଅଧକ୍ଷ ତାପସ କୁମାର ଦ୍ୱିବେଦୀ ବାର୍ଷିକ ବିବରଣୀ ପଠନ କରିଥିଲେ ।

# ୨୧ ଫେରିବାଲାଙ୍କୁ ମାଡ଼ି ବସିଲା ପୁଲିସ: ୧୦୬୬ ମୋବାଇଲ୍ ଜବତ



ଭଞ୍ଜନଗର: ରାଜ୍ୟ ପୁଲିସକୁ ମିଳିଛି ବଡ ସଫଳତା । ପଶ୍ଚିମବଙ୍ଗରୁ ଆସିଥିବା ୨୧ ଫେରିବାଲାଙ୍କୁ ମାଡି ବସିଲା ପୁଲିସ । ଏଥିସହ ସେମାନଙ୍କ ନିକଟରୁ ବିପୁଳ ପରିମାଣର ମୋବାଇଲ ସେଟ୍, ବ୍ୟାଟେରୀ ଓ ମଦର ବୋର୍ଡ ସହ ୫ଟି ଟ୍ୟାବଲେଟ, କିଛି ଅଳଙ୍କାର ଓ ୧୧ ଟି ମୋଟର ସାଇକେଲ ଜବତ କରାଯାଇଛି ।ତେବେ ଏସବୁ ପଛରେ କ'ଣ କାରଣ ରହିଛି ଏନେଇ ତଦନ୍ତ କରୁଛି ପୁଲିସ । ଦିନରେ ଫେରି କରୁଥିବା ବେଳେ ରାତିରେ ଏମାନେ ଚୋରି ମଧ କରୁଥିବା ପୁଲିସ ସନ୍ଦେହ କରୁଛି । ଭଞ୍ଜନଗରରେ ଥିବା ସବୁ ମନ୍ଦିର ଚୋରି ଘଟଣାରେ ଏମାନଙ୍କ ସଂପୃକ୍ତି ଅଛି କି ନାହିଁ ତାର ମଧ ତଦନ୍ତ ଆରମ୍ଭ କରିଛି ପୁଲିସ । ଗିରଫ ସମସ୍ତ ୨୧ ଜଣ ପଶ୍ଚିମବଙ୍ଗ ମୁର୍ଶିଦାବାଦ କାଶିପୁର, ନଦିଆ, ପାନିପିଆ, ଭିନ୍ ନଗର, କୁଲବୁନା ଅଞ୍ଚଳର ବୋଲି ସୂଚନା ମିଳିଛି । ଗାଁ ଗହଳିର ଲୋକଙ୍କ ଠାରୁ ଚୁଟି, ମୋବାଇଲ, ବିଭିନ୍ନ ଅଦରକାରୀ ଅଳଙ୍କାର ଆଦି କିଣି ଏମାନେ ପ୍ରତି ବଦଳରେ ବିଭିନ୍ନ ଆଲୁମିନିୟମ ସାମଗ୍ରୀ ଦେଇଥାନ୍ତି । ତେବେ ଗିରଫ ଅଭିଯୁକ୍ତମାନେ ହେଲେ ପଶ୍ଚିମବଙ୍ଗ ମୁର୍ଶିଦାବାଦ ଜିଲ୍ଲାର ଜୟନ୍ତ ମଣ୍ଡଳ, ରାବ୍ୟୁଲ ମାଲା, ଅମ୍ରିତ ମାଲଦାର, ରମିନ୍ ମାଲଦାର, ଶୁଭଜିତ୍ ମଣ୍ଡଳ, ଅଞ୍ଜନ ମାଲଦାର, କିଶୋର ମାଲଦାର, ମିଲନ ମଣ୍ଡଳ, ଅମ୍ରିତ୍ ଦାଶ, ପାଲାସା ସରକାର, ପ୍ରଦିପ ମାଲଦାର, ମୁକ୍ତାର ଶେଖ୍, ଇନ୍ଦ୍ରଜିତ ମଣ୍ଡଳ, ବିପୁଲ୍ ହାଲଦାର, ନିଖିଲ ପାଲ, ରଞ୍ଜନ ଦାସ, ପ୍ରଶନ୍ନଜିତ୍ ଦାଶ, ସୁଦିପ୍ ପାଲ୍ ଓ ଅମଜାଦ୍ ଶେଖ୍ । ଭଞ୍ଜନଗର ଥାନାରେ କେଶ ନମ୍ବର - ୯୨/୧ରେ ଏକ ମାମଲା ରୁଜୁ କରାଯାଇ ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି । ଏନେଇ ଶନିବାର ମଧ୍ୟାହ୍ନରେ ଅତିରିକ୍ତ ଏସପି ରଞ୍ଜନ କୁମାର ଦେ, ଏସଡ଼ିପିଓ ଡକ୍ଟର ଦୀପକ କୁମାର ମିଶ୍ର, ଥାନା ଅଧିକାରୀ ଜୀବନାନନ୍ଦ ଜେନା ଙ୍କ ସମେତ ସମସ୍ତ ପ୍ରଶାସନିକ ଅଧିକାରୀ ତଥା ଅନ୍ୟାନ୍ୟ ସମସ୍ତ ଥାନା ଅଧିକାରୀ ଉପସ୍ଥିତ ରହିଥିଲେ ।

# ଯାତ୍ରା ଦେଖି ଫେରିବା ବେଳେ ଯୁବକଙ୍କୁ ଗୋଡାଇ ଗୋଡାଇ ହାଣିଲେ

ଭୁବନେଶ୍ୱର(ନିପ୍ର): ପୁଣି ରକ୍ତ ରଞ୍ଜିତ ହୋଇଛି ରାଜଧାନୀ । ଭୁବନେଶ୍ୱର ଏମ୍ସ ହସ୍ପିଟାଲ ନିକଟରେ ଦୁର୍ବୃତ୍ତମାନେ ଜଣେ ଯୁବକଙ୍କୁ ଗୋଡ଼ାଇ ଗୋଡ଼ାଇ ହାଣିଛନ୍ତି । ଦୁର୍ବୃତ୍ତଙ୍କ ଖଣ୍ଡା ଚୋଟରେ ଯୁବକ ଗୁରୁତର ହୋଇଥିବା ବେଳେ ଲୋକେ ଆତଙ୍କିତ ହୋଇପଡିଛନ୍ତି । ଖବରପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି । ତେବେ ଆଖପାଖରେ ଲାଗିଥିବା ସିସିଟିଭି ଫୁଟେଜ୍ ଆଧାରରେ ପୁଲିସ ଛାନଭିନ୍ ଚ଼ଳାଇଛି । ସୂଚ଼ନା ଅନୁଯାୟୀ, ଶନିବାର ସକାଳେ ଚ଼ିଣ୍ଟୁ ନାମକ ଜଣେ ଯୁବକ ଖଣ୍ଡଗିରି ଯାତ୍ରା ଦେଖି ଫେରୁଥିଲେ । ଏହି ସମୟରେ ଏମ୍ସ ରାସ୍ତାରେ ହଠାତ୍ କିଛି ଦୁର୍ବୃତ୍ତ ବାଇକ୍‌ରେ ଆସି ଖଣ୍ଡାରେ ଅତର୍କିତ ଆକ୍ରମଣ କରିଥିଲେ । ଖଣ୍ଡାରେ ହାଣି ଚ଼ିଣ୍ଟୁଙ୍କୁ ଲହୁଲୁହାଣ କରିଦେଇଥିଲେ । ସେପଟେ ପୁଲିସ ଘଟଣା ସଂପର୍କରେ ଖବର ପାଇ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି । ଗୁରୁତରଙ୍କୁ ଉଦ୍ଧାର କରି ନିକଟସ୍ଥ ମେଡିକାଲରେ ଭର୍ତ୍ତି କରିଛି । ଏହାସହ ପାଖରେ ଲାଗିଥିବା ସିସିଟିଭି ଫୁଟେଜକୁ ଆଧାର କରି ମଧ ଛାନ୍‌ଭିନ୍ ଜାରି ରଖିଛି । ତେବେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଏଭଳି କାଣ୍ଡ ଘଟିଥିବା ଅନୁମାନ କରାଯାଉଛି । ଏହି ଘଟଣାରେ ପୂଜା ନାମକ ଜଣେ ଯୁବତୀ ସଂପୃକ୍ତ ଥିବା ପୁଲିସ ଜାଣିବାକୁ ପାଇଛି । ପୁଲିସ ଜଣକୁ ଅଟକ ରଖି ପଚରାଉଚରା କରୁଥିବା ବେଳେ ଖୁବଶୀଘ୍ର ରହସ୍ୟ ଖୋଲିବ ବୋଲି କହିଛି ।

# ରାଜ୍ୟସ୍ତରୀୟ ପତାକା ଅବତରଣ ଉତ୍ସବ



ଭୁବନେଶ୍ୱର(ନିପ୍ର): ଭୁବନେଶ୍ୱର ସ୍ଥିତ ଓଏସଏପି ୭ମ ବାଟାଲିୟନ ପରିସରରେ ରାଜ୍ୟସ୍ତରୀୟ ପତାକା ଅବତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚ଼ରଣ ମାଝୀ ଯୋଗ ଦେଇ ଉତ୍ସବକୁ ଗୌରବମଣ୍ଡିତ କରିଥିଲେ । ଉକ୍ତ ଉତ୍ସବରେ ରାଜ୍ୟ ପୋଲିସର ବିଭିନ୍ନ ଜିଲ୍ଲା ଓ ବାଟାଲିୟନରୁ ଆସିଥିବା ବ୍ୟାଣ୍ଡ ବାଦକମାନେ ଚ଼ିତ୍ତାକର୍ଷକ ବାଦ୍ୟ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ପ୍ରାରମ୍ଭରେ ଓଏସଏପିର ବାଦ୍ୟକାରମାନେ ବିଗୁଲ, ପାଇପ ବ୍ୟାଣ୍ଡ, ବ୍ରାସବ୍ୟାଣ୍ଡ ଓ ଷ୍ଟ୍ରିଙ୍ଗ ବ୍ୟାଣ୍ଡ ପରିବେଷଣ ମାଧ୍ୟମରେ ସମଗ୍ର ପରିବେଶରେ ଉତ୍ସାହ ଭରିଦେଇଥିଲେ । 'ଜାତୀୟ ସଂଗୀତ', 'ବନ୍ଦେ ମାତରମ', 'ସାରେ ଜହାଁ ସେ ଅଚ୍ଛା', ଓଡ଼ିଶା ମୋ ଓଡ଼ିଶା'', ଫନ ଫେୟାର', 'ଭାରତ କି ଯବାନ', 'କଦମ କଦମ ବଢ଼ାଏ ଯା', 'ସ୍ତୁତି ଆରାଧନା' ଓ 'ପ୍ରଳମ୍ବ ବାଦ୍ୟ' ପରି ସଙ୍ଗୀତ ପରିବେଷଣ ଦର୍ଶକମାନଙ୍କୁ ମୁଗ୍ଧ କରିଥିଲା । ସୂର୍ଯ୍ୟାସ୍ତ ସମୟରେ ଏକ ମନୋଜ୍ଞ ପରିବେଶ ମଧ୍ୟରେ ଜାତୀୟ ପତାକାର ଅବତରଣ କରାଯାଇଥିଲା । ଏହା ପରେ ଓଏସଏପି ତୃତୀୟ ବାଟାଲିୟନ, କୋରାପୁଟର ଯବାନ ମାନଙ୍କ ଦ୍ୱାରା ପ୍ରଦର୍ଶିତ 'ଢେମସା' ନୃତ୍ୟ,ଦ୍ୱିତୀୟ ବାଟାଲିୟନ, ଝାରସୁଗୁଡାର ଯବାନ ଓ ସେମାନଙ୍କ ପରିବାରବର୍ଗଙ୍କ ଦ୍ୱାରା ଖୁକ୍ରି ନୃତ୍ୟ ଏବଂ ପଞ୍ଚମ ଆଇଆରବିଏନ, ବୌଦ୍ଧର ଯବାନମାନଙ୍କ ଦ୍ୱାରା ପ୍ରଦର୍ଶିତ ସମ୍ବଲପୁରୀ ନୃତ୍ୟ ଉପସ୍ଥିତ ଦର୍ଶକମାନଙ୍କୁ ରୋମାଞ୍ଚିତ କରିଥିଲା । ଏହି ବର୍ଣ୍ଣାଢ୍ୟ ଉତ୍ସବରେ ଓଡିଶା ପୋଲିସ ପକ୍ଷରୁ ଦେଶଭକ୍ତି, ଜାତୀୟ ଏକତା ଓ ଶୃଙ୍ଖଳାର ପ୍ରତିବଦ୍ଧତାକୁ ପ୍ରଦର୍ଶିତ କରାଯାଇଥିଲା । ଏହି ଅବସରରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ,ଅତିରିକ୍ତ ମୁଖ୍ୟ ଶାସନ ସଚ଼ିବ ହେମନ୍ତ ଶର୍ମା, ପୋଲିସ କମିଶନର ଏସ୍. ଦେବଦତ୍ତ ସିଂହ, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ ରାଜେଶ କୁମାର, ଅତିରିକ୍ତ ପୋଲିସ କମିଶନର ନରସିଂହ ଭୋଳ, ଭୁବନେଶ୍ୱର ଡିସିପି ଜଗମୋହନ ମୀନାଙ୍କ ସମେତ ବହୁ ଅବସରପ୍ରାପ୍ତ ବରିଷ୍ଠ ପୋଲିସ ଅଧିକାରୀ ଓ ବିଶିଷ୍ଟ ବ୍ୟକ୍ତିବିଶେଷ ଯୋଗ ଦେଇଥିଲେ ।

# ମଧ୍ୟାହ୍ନ ଭୋଜନର ମାନ ଯାଞ୍ଚ କଲେ ବିଡିଓ

ବେଲଗୁଣ୍ଠା(ନିପ୍ର): ଛାତ୍ରଛାତ୍ରୀଙ୍କୁ ବିଦ୍ୟାଳୟକୁ ଆକୃଷ୍ଟ କରିବା ସହିତ ସେମାନଙ୍କୁ ଉପଯୁକ୍ତ ପୋଷଣ ଯୋଗାଇବା ଉଦ୍ଦେଶ୍ୟରେ ସରକାର ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପ୍ରତ୍ୟେକ ଛାତ୍ରଛାତ୍ରୀଙ୍କୁ ପୌଷ୍ଟିକ ଆହାର ଯୋଗାଇ ଦେଉଛନ୍ତି । କିନ୍ତୁ ବହୁ ସମୟରେ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କୁ ଯୋଗାଇ ଦିଆଯାଉଥିବା ଖାଦ୍ୟର ମାନକୁ ନେଇ ପ୍ରଶ୍ନ ଉଠିଥାଏ । ବିଶେଷ କରି ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କୁ ପଚା ଅଣ୍ଡା, ପୋକରା ଚାଉଳ ଭାତ, ପାଣିଆ ଡ଼ାଲମା ଯୋଗାଇ ଦିଆଯାଉଥିବା ନେଇ ବହୁ ସମୟରେ ବିଦ୍ୟାଳୟ କର୍ତ୍ତୃପକ୍ଷ ଏବଂ ମଧ୍ୟାହ୍ନ ଭୋଜନ ଯୋଗାଣକାରୀ ସଂସ୍ଥାଙ୍କ ବିରୋଧରେ ଗଣମାଧ୍ୟମରେ ପ୍ରକାଶ ପାଇଥାଏ । ଏଥିରେ ଲଗାମ ଲଗାଇବା ପାଇଁ ସରକାର ବିଭିନ୍ନ ଅଧିକାରୀଙ୍କ ମାଧ୍ୟମରେ ବିଦ୍ୟାଳୟ ସ୍ତରରେ ମଧ୍ୟାହ୍ନ ଭୋଜନର ମାନ ଯାଞ୍ଚ୍ କରିଥାନ୍ତି । ଏହି କ୍ରମରେ ଶନିବାର ବେଲଗୁଣ୍ଠା ଗୋଷ୍ଠୀ ଉନ୍ନୟନ ଅଧିକାରୀ. ସିଙ୍ଗାପୁରମ୍ ହରି ଗୋବରା ପଂଚାୟତ ଅନ୍ତର୍ଗତ ଡେଙ୍ଗାପଦର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅଚାନକ ପହଂଚି ସେଠାରେ ମଧ୍ୟାହ୍ନଭୋଜନ ଖାଇବା ସହିତ ଏହାର ସ୍ୱାଦ, ଗୁଣବତ୍ତା ଯାଞ୍ଚ୍ କରିଥିଲେ । ସେହିପରି ମଧ୍ୟାହ୍ନଭୋଜନ ବଣ୍ଟନ ସମୟରେ ସ୍ୱଚ୍ଛତା, ଶୃଙ୍ଖଳା, ଛାତ୍ରଛାତ୍ରୀଙ୍କ ହାତ ଧୁଆ ଅଭ୍ୟାସ ସମ୍ପର୍କରେ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସହିତ ଆଲୋଚନା କରିଥିଲେ । ମଧ୍ୟାହ୍ନଭୋଜନ ଯାଞ୍ଚ୍ ସମୟରେ ବିଡିଓ ସିଙ୍ଗପୁରମ ହରିଙ୍କ ସହିତ ଗୋବରା ସମିତିସଭ୍ୟ ବିଭୂପାଦ ଜେନା ମଧ ଉପସ୍ଥିତ ଥିଲେ । ବିଡିଓଙ୍କର ଏହିଭଳି ଅଚାନକ ବିଦ୍ୟାଳୟ ପରିଦର୍ଶନ ଏବଂ ମଧ୍ୟାହ୍ନଭୋଜନ ଯାଞ୍ଚ୍ କାର୍ଯ୍ୟକ୍ରମକୁ ଅଭିଭାବକ ମହଲରେ ସ୍ୱାଗତ କରାଯାଇଛି ।



---

# ଇଂରାଜୀରୁ ଆଞ୍ଚଳିକ ଭାଷାରେ ଅନୁବାଦ ନେଇ ସଚେତନତା

କୁଚିଣ୍ଡା(ନିପ୍ର): ସମ୍ବଲପୁର ଜିଲ୍ଲା କୁଚିଣ୍ଡା ପଞ୍ଚାୟତ ସମିତି ସମ୍ମିଳନୀକି କକ୍ଷରେ ଶନିବାର ଅପରାହ୍ନରେ କୁଚିଣ୍ଡା ତାଲୁକ ଆଇନସେବା ସମିତି ପକ୍ଷରୁ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି । ଆଇନ ସେବା ସମିତି ଅଧକ୍ଷ ତଥା ଅତିରିକ୍ତ ଜିଲ୍ଲା ଦୌରାଜଜ୍ ପ୍ରଭାକର ଗାଣ୍ଡିଆଙ୍କ ସଭାପତିତ୍ୱରେ ହୋଇଥିବା କାର୍ଯ୍ୟକ୍ରମରେ ଏଆଇ (କୃତ୍ରିମ ବୁଦ୍ଧିମତା) ଏସୟୁଭିଏଏଏସ (ସୁପ୍ରିମକୋର୍ଟ ବିଧିକ ଅନୁବାଦ ସଫ୍ଟୱେୟାର) ମାଧ୍ୟମରେ ସର୍ବୋଚ୍ଚ ନ୍ୟାୟାଳୟ ଓ ଉଚ୍ଚ ନ୍ୟାୟାଳୟଙ୍କ ରାୟକୁ ଇଂରାଜୀରୁ ଆଞ୍ଚଳିକ ଭାଷାକୁ ଅନୁବାଦ ବିଷୟରେ ସଚେତନ ହେବାକୁ ପରାମର୍ଶ ଦେଇଥିଲେ । କାର୍ଯ୍ୟକ୍ରମରେ ତାଲୁକ ଆଇନ ସେବା ସମିତିର ସଦସ୍ୟ ଡ଼ା.ଶରତ ଚନ୍ଦ୍ର ଗୌନ୍ତିଆ ଯୋଗଦେଇ କୋର୍ଟଙ୍କ ଇଂରାଜୀ ଅନୁବାଦ ରାୟକୁ ଆଞ୍ଚଳିକ ଭାଷାରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ବ୍ୟାପକ କରିବାକୁ ଏହାର ମୁଖ୍ୟ ଲକ୍ଷ୍ୟ ବୋଲି କହି ଏହି ସଫ୍ଟୱେରରେ ସମସ୍ତ ବିଷୟ ଉଲ୍ଲେଖ ରହିଥିବା କହିଥିଲେ । ଏହି କାର୍ଯ୍ୟକ୍ରମରେ ବିଭିନ୍ନ ଅନୁଷ୍ଠାନର କର୍ମଚାରୀ, ସ୍ୱେଚ୍ଛାସେବୀ ମାନେ ଯୋଗଦେଇଥିଲେ ।



---

# ବିନ୍ଦୁସାଗର ସୁରକ୍ଷା ନେଇ ଧାରଣା

ଭୁବନେଶ୍ୱର, (ହି.ସ.) ଏକୋଇଶି ଏକରଧାରୀ ବିନ୍ଦୁସାଗର ମହାପ୍ରଭୁ ଲିଙ୍ଗରାଜଙ୍କ ସହିତ ଅଙ୍ଗାଙ୍ଗୀ ଭାବରେ ଜଡ଼ିତ । ଫେବୃଆରୀ ୧୫, ରବିବାର ମହାଶିବରାତ୍ରି (ଜାଗର) । ଲିଙ୍ଗରାଜଙ୍କ ପାଇଁ ୧୦୮ ଗରା ପାଣି ବଡୁ ସେବକ ଓ ୧୦୮ ଗରା ପାଣି ମଳିଆ ସେବକମାନେ ବିନ୍ଦୁସାଗରରୁ ଆଣିଥାନ୍ତି । ବର୍ତ୍ତମାନ ହାଣ୍ଡି ଭଙ୍ଗା ଯାତକୁ ନେଇ ମଳିଆ ସେବକ ଦଶ ବର୍ଷ ହେବ ପାଣି ପାଇଁ ଆସନ୍ତି ନାହିଁ ।ବିନ୍ଦୁସାଗର ତୀର୍ଥ ଜଳ । ତେଣୁ ସବୁ ସମୟରେ ସମସ୍ତଙ୍କର ଦରକାର । ଏତେ ବଡ ପବିତ୍ର ପୁଷ୍କରିଣୀକୁ ପୂର୍ବ ସରକାର ଅଣଦେଖା କରି ଚାଲିଗଲେ । ବର୍ତ୍ତମାନର ସରକାର ଏଥି ପ୍ରତି ଦୃଷ୍ଟି ଠିକ୍ ଭାବରେ ଦେଉନାହାନ୍ତି । ଏଣୁ ବିନ୍ଦୁସାଗର ସୁରକ୍ଷା ମଞ୍ଚର ସଭାପତି ସମାଜ ସେବକ ନୀଳମଣି ମିଶ୍ର ବିନ୍ଦୁସାଗର ପ୍ରତି ଧ୍ୟାନ ଦେବାକୁ ପୌ ।ର ମହାନଗର ନିଗମ ଓ ସରକାରଙ୍କ ପ୍ରତି ଦୃଷ୍ଟି ଆକର୍ଷଣ କରିଛନ୍ତି ।

# ଭଦ୍ରକ ଜିଲ୍ଲାସ୍ତରୀୟ ଜୁନିୟର ରେଡ୍‌କ୍ରସ ଶିବିର ଉଦ୍‌ଯାପିତ

ଭଦ୍ରକ(ନିପ୍ର): ଭଦ୍ରକ ଚରମ୍ପାସ୍ଥିତ ଆର.ସି.ବି.ଏଲ୍. ସରକାରୀ ଉଚ୍ଚ ବିଦ୍ୟାଳୟରେ ୩ଦିନ ବ୍ୟାପି ଭଦ୍ରକ ଜିଲ୍ଲାସ୍ତରୀୟ ଜୁନିୟର ରେଡକ୍ରସ ଶିବିର ଉଦ୍‌ଯାପିତ ହୋଇଯାଇଛି । ଏହି ଶିବିରରେ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା, ସଡ଼କ ସୁରକ୍ଷା ପ୍ରାଥମିକ ଚିକିତ୍ସା,



ଜଳବାୟୁ ପରିବର୍ତ୍ତନ, ଅଗ୍ନି ନିରାପତ୍ତା, ରକ୍ତଦାନ, ଏଡ଼ସ ସଚେତନତା ଇତ୍ୟାଦି ସମ୍ବନ୍ଧରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା । ଜିଲ୍ଲା ଅତିରିକ୍ତ ପରିବହନ ଅଧିକାରୀ ସଡ଼କ ସୁରକ୍ଷା ସମ୍ବନ୍ଧରେ ଓ ଅଗ୍ନି ନିରାପତ୍ତା ସେବା ଅଧିକାରୀ ଗଣ ଅଗ୍ନି ନିରାପତ୍ତା ସମ୍ବନ୍ଧରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ସାଧନ କର୍ମୀ ଭାଗବତ ସୂତାର, ତରଣୀସେନ ଜେନା, ସୁଶାନ୍ତ ବିଶ୍ୱାଳ, ମହେଶ୍ୱର ରାଉତ୍, ଅଜୟ ମହାରଣା, ଲିଜା ଦାସ, ଲିଲିରାଣୀ ନାୟକ, ଦେବାଶିଷ ଆଚାର୍ଯ୍ୟ, ବିଶ୍ୱରଞ୍ଜନ ମଲ୍ଲିକ, ରୁବିନା ଖାତୁନ, ଅରୁଣ ବାରିକ, ମାନସ ରଞ୍ଜନ ମିଶ୍ର ପ୍ରମୁଖ ଶିବିରରେ ସର୍ବଧର୍ମ ପ୍ରାର୍ଥନା, ଯୋଗ ପ୍ରାଣାୟମ, ବ୍ୟାୟାମ, ସ୍ୱଚ୍ଛତା କାର୍ଯ୍ୟକ୍ରମ ଇତ୍ୟାଦି ପରିଚାଳନା କରିଥିଲେ । ବିଭିନ୍ନ ବିଭାଗ ଯଥା କୁଇଜ୍, ପ୍ରବନ୍ଧ, ରଙ୍ଗୋଲି, ଚିତ୍ରାଙ୍କନ, ସଙ୍ଗୀତ, ନୃତ୍ୟ, ପ୍ରାଥମିକ ଚିକିତ୍ସା, ପ୍ରଦର୍ଶନୀ ଇତ୍ୟାଦିରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ପ୍ରତିଯୋଗିତା ପ୍ରଦର୍ଶନୀ ଇତ୍ୟାଦିରେ ଛାତ୍ରଛତ୍ରୀ ମାନଙ୍କ ମଧ୍ୟରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏଥିରେ ଦୁଇଶହ ଏଗାରଟି ବିଦ୍ୟାଳୟରୁ ସାତଶହ ତିନିଜଣ ଶିବିରାର୍ଥ ଯୋଗଦାନ କରିଥିଲେ । ବିଭିନ୍ନ ପ୍ରତିଯୋଗିତାରେ ପ୍ରଥମ ହୋଇଥିବା ଛାତ୍ରଛାତ୍ରୀ ରାଜ୍ୟ ସ୍ତରୀୟ ଶିବିରରେ ଫେବୃୟାରୀ ୯ ତାରିଖରେ ୟୁନିଟ ୧ ବିଦ୍ୟାଳୟରେ ଯୋଗଦାନ କରିବେ ।

# ସିସିଆରଏଏସ-ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ

ଭୁବନେଶ୍ୱର(ନିପ୍ର): ଭାରତର ଚିକିତ୍ସା ଐତିହ୍ୟକୁ ସୁରକ୍ଷିତ ରଖିବା ଏବଂ ଏହାର ପ୍ରଚାର ପ୍ରସାର ପାଇଁ ଏକ ଏତିହାସିକ ପଦକ୍ଷେପ ସ୍ୱରୂପ, ଆୟୁଷ ମନ୍ତ୍ରଣାଳୟ ଅଧୀନରେ ଥିବାକେନ୍ଦ୍ରୀୟ ଆୟୁର୍ବେଦ ବିଜ୍ଞାନ ଅନୁସନ୍ଧାନ ପରିଷଦ (ସିସିଆରଏଏସ) ଏବଂ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ଏହି ଚୁକ୍ତି ଅନୁଯାୟୀ, ଦକ୍ଷିଣ ଓଡ଼ିଶା ସାଂସ୍କୃତିକ ଅଧ୍ୟୟନ କେନ୍ଦ୍ର (ଏସଓସିଏସସି)ରେ ସଂରକ୍ଷିତ ଦୁର୍ଲଭ ଆୟୁର୍ବେଦିକ ପାଣ୍ଡୁଲିପି ଏବଂ ତାଳପତ୍ର ପୋଥିଗୁଡ଼ିକର ଡିଜିଟାଇଜେସନ, ତାଲିକାକରଣ ଏବଂ ପ୍ରକାଶନ କରାଯିବ । ଏହି ବୁଝାମଣାପତ୍ର ସ୍ୱାକ୍ଷର ସମାରୋହ ଭୁବନେଶ୍ୱରସ୍ଥିତକେନ୍ଦ୍ରୀୟ ଆୟୁର୍ବେଦ ଅନୁସନ୍ଧାନ ସଂସ୍ଥାନ (ସିଏଆରଆଇ) ପରିସରରେ ଶନିବାର ଅନୁଷ୍ଠିତ ହୋଇଛି । ଏହି କାର୍ଯ୍ୟକ୍ରମରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ, ସିସିଆରଏଏସର ମହାନିର୍ଦ୍ଦେଶକ ପ୍ରଫେସର (ବୈଦ୍ୟ) ରବିନାରାୟଣ ଆଚାର୍ଯ୍ୟ ଏବଂ ଭାରତୀୟ ଚିକିତ୍ସା ପଦ୍ଧତି ଜାତୀୟ ପରିଷଦ (ଏନସିଆଇଏସଏମ) ର ପୂର୍ବତନ ସଭାପତି ପ୍ରଫେସର ବି.ଏସ. ପ୍ରସାଦ ପ୍ରମୁଖ ଉପସ୍ଥିତ ରହିଥିଲେ । ହାଇଦ୍ରାବାଦସ୍ଥିତ ଜାତୀୟ ଭାରତୀୟ ଚିକିତ୍ସା ଐତିହ୍ୟ ସଂସ୍ଥାନ (ଏନଆଇଆଇଏନଏଚ) ଏହି ମିଳିତ ସହଯୋଗର ନେତୃତ୍ୱ ନେଇଥିଲା । ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ୨,୦୦୦ ରୁ ଅଧିକ ଦୁର୍ଲଭ ତାଳପତ୍ର ପୋଥି ରହିଛି, ଯେଉଁଥିରେ ଆୟୁର୍ବେଦର ଅମୂଲ୍ୟ ଜ୍ଞାନ ରହିଛି । ଏଥିମଧ୍ୟରୁ ଅଧିକାଂଶ ଏପର୍ଯ୍ୟନ୍ତ ଅପ୍ରକାଶିତ ଏବଂ ସାଧାରଣ ବୈଜ୍ଞାନିକ ସମାଜ ପାଇଁ ଅପହଞ୍ଚ ହୋଇ ରହିଛି । ଏହି ସହଭାଗିତା ମାଧ୍ୟମରେ, ସିସିଆରଏଏସ-ଏନଆଇଆଇଏମଏଚ ଅତ୍ୟାଧୁନିକ ଡିଜିଟାଇଜେସନ କୌଶଳ ବ୍ୟବହାର କରି ଏହି ଦୁର୍ଲଭ ଦଲିଲଗୁଡ଼ିକୁ ଭବିଷ୍ୟତ ପିଢ଼ି ପାଇଁ ସଂରକ୍ଷିତ କରିବ ବୋଲି ଆଲୋକପାତର କରାଯାଇଥିଲା ।



# ଶୀତଳ ଭଣ୍ଡାରରେ ଆସିକାର ଜବରଦଖଲ ଉଚ୍ଛେଦ !

ଆସିକା(ନିପ୍ର): ବର୍ତ୍ତମାନ ରାଜ୍ୟର ମୁଖ୍ୟ ଚର୍ଚ୍ଚାର ବିଷୟ ସରକାରୀ ବାସଭବନ ଜବରଦଖଲ ପ୍ରସଙ୍ଗ ଥିଲା ବେଳେ ଆସିକାର ବିଭିନ୍ନ ସ୍ଥାନ ଯେପରି ସରକାରୀ ବାସଭବନ ହେଉ କିମ୍ବା ସରକାରୀ ଜାଗା ଦୀର୍ଘ ବର୍ଷ ହେଲା ଜବରଦଖଲକାରୀଙ୍କ କବଜାରେ ରହିଛି । ଜବରଦଖଲକାରୀ ମାନେ ସରକାରୀ ବାସଭବନ ଜବରଦଖଲ ସାଙ୍ଗକୁ ଭଡାରେ ଲଗାଇବାକୁ କେନ୍ଦ୍ରକରି ରାଜ୍ୟ ସରକାର ଏହାକୁ ଗୁରୁତର ଦେଇ ନିକଟ ଅତୀତରେ ଭୁବନେଶ୍ୱର ଜବରଦଖଲ ଦଖଲ ଉଚ୍ଛେଦ ପ୍ରସଙ୍ଗ ମୁଖ୍ୟ ଚର୍ଚ୍ଚା ହୋଇଥିଲା ବେଳେ ଆସିକାରେ ଏହି ଜବରଦଖଲ ଉଚ୍ଛେଦ କେବେ ହେବ ତାହା ବର୍ତ୍ତମାନର ମୁଖ୍ୟ ଚର୍ଚ୍ଚାର ବିଷୟ ପାଲଟିଛି । ଜବରଦଖଲ ଉଚ୍ଛେଦ ପାଇଁ ଆସିକା ତହସିଲଦାର, ପୋଲିସ, ବିଜ୍ଞାପିତ ଅଞ୍ଚଳ ପରିଷଦ, ପୂର୍ତ୍ତ ବିଭାଗ ଭଳି ବିଭିନ୍ନ ବିଭାଗ ଦାୟିତ୍ୱ ଥିବାବେଳେ ବଡ଼ ପରିତାପର ବିଷୟ ଆସିକା ତହସିଲ କାର୍ଯ୍ୟାଳୟର ବାସଭବନ ଗୁଡିକ ସର୍ବାଗ୍ରେ ରହିଛି ଜବରଦଖଲରେ । ଆସିକା ତହସିଲର ପାର୍ଶ୍ୱରେ ବହୁ ସରକାରୀ ବାସଭବନ ରହିଥିବା ବେଳେ ଆସିକା ବ୍ଲକ, ଜିଲ୍ଲା କୃଷି ଅଧିକାରୀଙ୍କ ବାସଭବନ, କୃଷି ଯନ୍ତ୍ରୀଙ୍କ ବାସଭବନ, ବିହନ ନିଗମ ଗୋଦାମ ଗୃହ, ଉଠାଜଳସେଚନ ବିଭାଗ, ଆସିକା ବନବିଭାଗ ଅଧିକାରୀଙ୍କ ବାସଭବନ, କାର୍ଯ୍ୟାଳୟ, ତାଲୁକା ଛକ ନିକଟରେ ମତ୍ସ୍ୟ ସମ୍ପଦ ବିଭାଗ କାର୍ଯ୍ୟାଳୟ, ବାଲିଶିରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀଙ୍କ ବାସଭବନ, ବିଦ୍ୟୁତ ବିଭାଗ ଭଳି ଅନେକ ବିଭାଗର କ୍ୱାର୍ଟରଗୁଡିକ ଜବରଦଖଲରେ ରହିଛି । ଏହା ମଧ୍ୟରୁ ଅନେକ କ୍ୱାର୍ଟର ବିଭାଗୀୟ ଅଧିକାରୀଙ୍କ ମନମୁଖୀ କାର୍ଯ୍ୟ ଓ ରକ୍ଷଣାବେକ୍ଷଣ ଅଭାବରୁ ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି ଓ ଅନେକ କ୍ୱାର୍ଟର ବିଦ୍ୟୁତ ଓ ଜଳ ଯୋଗାଣ ଥାଇ ଭଡାରେ ଲଗାଇଲେଣି ତ କିଏ ସେହି କ୍ୱାର୍ଟର ନିଜ ଅକ୍ତିଆରକୁ ନେଇ ନିଜର କୋଠାଘର ନିର୍ମାଣ କରିସାରିଲେଣି । ଆଉ କିଏ ଏହି କ୍ୱାର୍ଟରଗୁଡିକୁ ତୃତୀୟ ପକ୍ଷକୁ ଲିଜ ଦେଇସାରିଲେଣି । ବିଭାଗ ଗୁଡିକରେ ଏହି ଜବରଦଖଲ ଓ ସରକାରୀ ବାସଭାବନ ତଥ୍ୟ ମଧ ମିଳୁନାହିଁ । ବିଭାଗୀୟ ଅଧିକାରୀଙ୍କୁ ଏହି ବାସଭବନ ବିଷୟରେ ପଚାରିଲେ ଚିରାଚରିତ ଢଙ୍ଗରେ ବିଭାଗୀୟ ଅଧିକାରୀମାନେ ହାଲୁକା ଓ ଦାୟିତ୍ୱହୀନ ମନ୍ତବ୍ୟ ଦେଉଛନ୍ତି । ପ୍ରତ୍ୟେକ ସରକାରୀ ଅଧିକାରୀ ସେମାନଙ୍କ ପାଇଁ ଥିବା ବାସଭବନ ବଣ୍ଟନ ଓ ପରିଚାଳନା ପାଇଁ ସରକାରୀ ନିୟମ ଥିଲା ବେଳେ ଏହାକୁ ବିଭାଗୀୟ ଅଧିକାରୀମାନେ ପାଳନ କରୁନାହାନ୍ତି । ଶତକଡା ୧୦୦% ସରକାରୀ କ୍ୱାର୍ଟରଗୁଡିକରେ ସରକାରୀ କର୍ମଚାରୀ ରହୁନାହାନ୍ତି । ଅନେକ ସରକାରୀ ଅଧିକାରୀ ଲକ୍ଷ ଲକ୍ଷ ଟଙ୍କା ବାସଗୃହ ବାବଦକୁ ସରକାରଙ୍କଠାରୁ ନେଉଥିଲା ବେଳେ ସେମାନେ ନିଜ କାର୍ଯ୍ୟସ୍ଥଳୀରେ ନ ରହି ନିଜ ନିଜ ଘରକୁ ଚାଲିଯାଉଛନ୍ତି । ଯାହାଦ୍ୱାରା ସେମାନେ ନିଜ କାର୍ଯ୍ୟ ସ୍ଥଳୀରେ ବିଳମ୍ବରେ ପହଞ୍ଚିବା ସହିତ ଶୀଘ୍ର ଘରକୁ ପଳାଇ ଯାଉଛନ୍ତି । ଆସିକାରେ ସରକାରୀ ଜମିରୁ ଆରମ୍ଭକରି ସରକାରୀ କ୍ୱାର୍ଟର ଜବରଦଖଲ ବର୍ତ୍ତମାନ ଚର୍ଚ୍ଚାର ବିଷୟ ପାଲଟିଛି । କୋଟି କୋଟି ଟଙ୍କାର ଏହି ସରକାରୀ କ୍ୱାର୍ଟର ଜରାଜୀର୍ଣ୍ଣ ସାଙ୍ଗକୁ ଜବରଦଖଲରେ ରହିଛି । ଜିଲ୍ଲା ପ୍ରଶାସନ ଏଥିପ୍ରତି ତୁରନ୍ତ ଦୃଷ୍ଟି ଦେଇ ଏକ ସ୍ୱତନ୍ତ୍ର ଟିମ ଗଠନ କରି ଏହି ଜବରଦଖଲ ଉଚ୍ଛେଦ କରିବାକୁ ଆସିକା ବୁଦ୍ଧିଜୀବୀ ମହଲରେ ଦାବି ହେଉଛି ।



# ନ୍ୟୁଜିଲାଣ୍ଡକୁ ୪୬ ରନ୍‌ରେ ହରାଇ ସିରିଜ୍‌କୁ ୪-୧ ଜିତିଲା ଭାରତ

ତିରୁଅନନ୍ତପୁରମ, ୩୧/୧: କେରଳର ତିରୁଅନନ୍ତପୁରମର ଗ୍ରୀନଫିଲ୍ଡ ଇଣ୍ଟରନ୍ୟାସନାଲ ଷ୍ଟାଡିୟମରେ ଖେଳାଯାଇଥିବା ପଞ୍ଚମ ମ୍ୟାଚରେ ଭାରତ ନ୍ୟୁଜିଲ୍ୟାଣ୍ଡକୁ ୪୬ ରନରେ ପରାସ୍ତ କରିଛି । ଏହି ବିଜୟ ସହିତ ଭାରତ ପାଞ୍ଚ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜକୁ ୪-୧ରେ ଜିତିଛି । ଆଜିର ମ୍ୟାଚରେ, ଇଶାନ କିଶାନଙ୍କ ଶତକୀୟ ଇନିଂସ ବଳରେ ଭାରତ ୨୦ ଓଭରରେ ୬ ୱିକେଟ ହରାଇ ୨୭୧ ରନ କରିଥିଲା । ଜବାବରେ, ଫିନ୍ ଆଲେନଙ୍କ ଲଢୁଆ ଇନିଂସ ସତ୍ତ୍ୱେ ନ୍ୟୁଜିଲ୍ୟାଣ୍ଡ ୧୯.୪ ଓଭରରେ ସମସ୍ତ ୱିକେଟ ହରାଇ କେବଳ ୨୨୫ ରନ କରିପାରିଥିଲା । ୨୭୨ ରନର ଟାର୍ଗେଟ ପିଛା କରି ନ୍ୟୁଜିଲାଣ୍ଡ ଟିମ୍ ଭଲ ଆରମ୍ଭ କରିଥିଲା । ପ୍ରଥମ ଓଭରରେ ଅର୍ଶଦୀପ ସିଂହ ଟିମ୍ ସିଫର୍ଟଙ୍କୁ ପାଭିଲିୟନ ପଠାଇଥିଲେ । ଫିନ୍ ଆଲେନ୍ ୩୮ ବଲରେ ୮୦ ରନ କରିବା ପରେ ଆଉଟ ହୋଇଥିଲେ । ଆଲେନ୍ ଏବଂ ରବିନ୍ଦ୍ର ଦ୍ୱିତୀୟ ୱିକେଟ ପାଇଁ ୪୮ ବଲରେ ୧୦୦ ରନର ପାର୍ଟନରଶିପ୍ କରିଥିଲେ । ଗ୍ଲେନ୍ ଫିଲିପ୍ସ ୬ ବଲରେ ୭ ରନ କରିଥିଲେ । ରଚିନ୍ ରବିନ୍ଦ୍ର ୧୭ ବଲରେ ୩୦ ରନ କରିବା ପରେ ଆଉଟ ହୋଇଥିଲେ । ମିଚେଲ୍ ସାଣ୍ଟନର ଖାତା ଖୋଲିପାରି ନଥିଲେ । ବେଭାନ୍ ଜାକବ୍ସ ୭ ରନ କରିଥିଲେ । କାଇଲ୍ ଜାମିସନ୍ ୯ ରନ ଏବଂ ଡାରିଲ୍ ମିଚେଲ୍ ୨୬ ରନ କରି ଆଉଟ ହୋଇଥିଲେ ।



## ବିଶ୍ୱ କଲ୍ୟାଣ ପାଇଁ ଝାଡ଼ ଦୀପ

ଢେଙ୍କାନାଳ, ୩୧/୧(ନିପ୍ର): ଶନିବାରଠାରୁ ବିଶ୍ୱପ୍ରସିଦ୍ଧ ଯୋରନ୍ଦା ମେଳା ଆରମ୍ଭ ହୋଇଛି । ଯାହାକୁ ନେଇ ପୁରା ଚଳଚଞ୍ଚଳ ହୋଇଛି ଢେଙ୍କାନାଳ ଯୋରନ୍ଦା ମହିମା ଗାଦି ପୀଠ । ମହଣ ମହଣ ଘିଅରେ ବିଶ୍ୱର କଲ୍ୟାଣ ପାଇଁ ଜଳିଛି ଝାଡ଼ ଦୀପ । ମହିମା ଧ୍ୱନିରେ ପ୍ରକମ୍ପିତ ହେଉଛି ଶୂନ୍ୟ ମନ୍ଦିର । ମେଳାରେ ସାମିଲ ହେବାକୁ ଦେଶର କୋଣ ଅନୁକୋଣରୁ ସାଧୁ ଏବଂ ଭକ୍ତଙ୍କ ସୁଅ ଛୁଟୁଛି । ସନ୍ଧ୍ୟାରେ ଝାଡରେ ଅଗ୍ନି ସଂଯୋଗ ପରେ ମେଳା ବଢ଼ିଛି । ସେପଟେ ଲକ୍ଷାଧିକ ଭକ୍ତଙ୍କ ଭିଡକୁ ଦୃଷ୍ଟିରେ ରଖି ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଛି । ଟ୍ରାଫିକ୍ ପରିଚାଳନା, ସ୍ୱାସ୍ଥ୍ୟ, ପରିମଳ ଓ ପାନୀୟ ଜଳ ଯୋଗାଣକୁ ବିଶେଷ ଗୁରୁତ୍ୱ ଦିଆଯାଇଛି ।

## କୋଟିଆ ସୀମାନ୍ତ ଗ୍ରାମଗୁଡ଼ିକରେ ପ୍ରଶାସନିକ ଅଧିକାରୀଙ୍କ ସାମୂହିକ ଗସ୍ତ



ଭୁବନେଶ୍ୱର, ୩୧/୧(ନିପ୍ର): କୋଟିଆ ସୀମାନ୍ତ ଅଂଚଳର ବାସିନ୍ଦାଙ୍କ ଅନ୍ତର୍ଭୁକ୍ତିମୂଳକ ବିକାଶ ଏବଂ କଲ୍ୟାଣ ପ୍ରତି ଓଡ଼ିଶା ସରକାରଙ୍କ କେନ୍ଦ୍ରିତ ଆଭିମୁଖ୍ୟକୁ ଜାରି ରଖି, କୋଟିଆର ବିଭିନ୍ନ ସୀମାନ୍ତ ଗ୍ରାମଗୁଡ଼ିକୁ ଏକ ମିଳିତ କ୍ଷେତ୍ର ପରିଦର୍ଶନ କରାଯାଇଥିଲା । ବ୍ଲକ ଉନ୍ନୟନ ଅଧିକାରୀ ରାମକୃଷ୍ଣ ନାୟକ, ତହସିଲଦାର ପୋଟାଙ୍ଗୀ ଦେବେନ୍ଦ୍ର ଧରୁଆ, ସ୍ୱତନ୍ତ୍ର କର୍ତ୍ତବ୍ୟ ଅଧିକାରୀ (ଓଏସଡି), କୋଟିଆ ସୌରଭ ଦାଶ ଏବଂ କୋଟିଆ ଗ୍ରାମ ପଂଚାୟତର ସରପଂଚ ଲିଉ ଜେମେଲଙ୍କ ସହିତ ଏହି ପରିଦର୍ଶନ କରାଯାଇଥିଲା ।ପରିଦର୍ଶନ ସମୟରେ, କୋଟିଆର ସରପଞ୍ଚଙ୍କ ଦ୍ୱାରା ନେରିଡିଭାଲସାରେ ଥିବା କମ୍ୟୁନିଟି ହଲ୍ ଉଦ୍ଘାଟନ କରାଯାଇଥିଲା । ଏହି ସୁବିଧା ଏକ ଗୁରୁତ୍ୱପୂର୍ଣ୍ଣ ସାମୂହିକ ସମ୍ପତ୍ତି ଭାବରେ କାର୍ଯ୍ୟ କରିବ, ଯାହା ଗ୍ରାମବାସୀମାନଙ୍କୁ ସାମାଜିକ, ସାଂସ୍କୃତିକ ଏବଂ ବିକାଶମୂଳକ କାର୍ଯ୍ୟକଳାପ ଆୟୋଜନ କରାଯାଇପାରିବ ଏବଂ ଏହି ଦୂରବର୍ତ୍ତୀ ସୀମାନ୍ତ ଅଞ୍ଚଳରେ ସାମୂହିକ ଅଂଶଗ୍ରହଣର ମନୋଭାବକୁ ସୁଦୃଢ଼ କରିବ ବୋଲି ଆଶା କରାଯାଉଛି । ପରିଦର୍ଶକ ଅଧିକାରୀମାନେ ନେରିଡିଭାଲସା, ଧୂଳିପଦର ଏବଂ ଉପର ସେମ୍ପିରେ ଥିବା ସ୍କୁଲ ଏବଂ ଅଙ୍ଗନୱାଡ଼ି କେନ୍ଦ୍ରର ଛାତ୍ର ଏବଂ ପିଲାମାନଙ୍କ ସହିତ ମଧ୍ୟ ଆଲୋଚନା କରିଥିଲେ । ସୀମାନ୍ତ ଏବଂ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ରହୁଥିବା ପିଲାମାନଙ୍କ ଆବଶ୍ୟକତା ପ୍ରତି ବିଶେଷ ଧ୍ୟାନ ଦେଇ ଗୁଣାତ୍ମକ ଶିକ୍ଷା, ପୁଷ୍ଟିସାର, ସ୍ୱାସ୍ଥ୍ୟ ଏବଂ ସାମଗ୍ରିକ ଶିଶୁ ବିକାଶ ଉପରେ ଗୁରୁତ୍ୱ ଦିଆଯାଇଥିଲା । ଚ୍ୟାଲେଞ୍ଜିଂ ଭୌଗୋଳିକ ପରିସ୍ଥିତିରେ କାର୍ଯ୍ୟ କରୁଥିବା ଶିକ୍ଷକ ଏବଂ ଅଙ୍ଗନୱାଡି କର୍ମୀଙ୍କ ପ୍ରୟାସକୁ ପ୍ରଶଂସା କରାଯାଇଥିଲା ।

## ପୁରୀ ସମୁଦ୍ରରେ ବୁଡ଼ି ମା'-ପୁଅ ମୃତ

ପୁରୀ, ୩୧।୧(ନିପ୍ର) : ପୁଣି ପୁରୀ ସମୁଦ୍ରରେ ଅଘଟଣ । ସମୁଦ୍ରରେ ସ୍ନାନ କରୁଥିବା ବେଳେ ରିପ୍ କରେଣ୍ଟ ନେଇଗଲା ମା'- ପୁଅଙ୍କ ଜୀବନ । ମୃତ ମା'- ପୁଅ ହେଉଛନ୍ତି ଝାଡ଼ଖଣ୍ଡ ରାଞ୍ଚି ଅଞ୍ଚଳର କୁସୁମ ଓ ଅଙ୍କିତ ଗୁପ୍ତା । ମା' ପୁଅଙ୍କ ମୃତ୍ୟୁକୁ ନେଇ ପୁରୀ ହସ୍ପିଟାଲରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି । କୁସୁମ ଓ ଅଙ୍କିତ ପରିବାର ଲୋକଙ୍କ ସହ ପୁରୀ ଚକ୍ରତୀର୍ଥ ରୋଡ ପିଙ୍କ ହାଉସ ନିକଟ ବେଳାଭୂମିରେ ସମୁଦ୍ର ସ୍ନାନର ମଜା ନେଉଥିଲେ । ଏକ ବଡ଼ ଲହଡ଼ି ସାଙ୍ଗକୁ ରିପ କରେଣ୍ଟ ରେ ପଡ଼ି କୁସୁମ ସମୁଦ୍ର ଭିତରକୁ ଚାଲି ଯାଇଥିଲେ । ମା'ଙ୍କୁ ବଞ୍ଚାଇବା କୁ ଯାଇ ପୁଅ ଅଙ୍କିତ ସମୁଦ୍ର ଭିତରକୁ ଯିବାରୁ ସେ ମଧ୍ୟ ରିପ୍ କରେଣ୍ଟରେ ପଡ଼ି ଗଭୀର ସମୁଦ୍ର ଭିତରକୁ ଚାଲି ଯାଇଥିଲେ । ପରିବାରର ଅନ୍ୟ ସଦସ୍ୟ ମାନେ ଚିତ୍କାର କରିବାରୁ ସେଠାରେ ଉପସ୍ଥିତ ଥିବା ପ୍ରାଇଭେଟ୍ ଲାଇଫ ଗାର୍ଡ ଓ ମତ୍ସ୍ୟଜୀବୀ ସମୁଦ୍ର ଭିତରକୁ ଯାଇ ଦୁଇଜଣ ମା' ପୁଅଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ହସ୍ପିଟାଲକୁ ପଠାଇଥିଲେ । କିନ୍ତୁ ହସ୍ପିଟାଲରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ ।

## ‘ଆମ ବସ୍’ ଚଳାଇବେ ମହିଳା, ତାଲିମ ପାଇଁ ଗଲେ ପୁନେ

ଭୁବନେଶ୍ୱର, ୩୧/୧(ନିପ୍ର): ମହିଳା ସଶକ୍ତିକରଣ ପାଇଁ ପଦକ୍ଷେପ ନେଉଥିବା ମୋହନ ସରକାର ପୁଣି ଥରେ ମହିଳାଙ୍କ ପାଇଁ ବଡ଼ ପଦକ୍ଷେପ ଗ୍ରହଣ କରିଛନ୍ତି । ଏଣିକି ତାଲିମ ପ୍ରାପ୍ତ ମହିଳାମାନେ ଆମ ବସ୍ ଚଳାଇବେ । ମହାରାଷ୍ଟ୍ରର ପୁନେରେ ମହିଳାମାନେ ତାଲିମ ନେବେ । ଆଜି ରାଜ୍ୟର ୨୦ ଜଣ ମହିଳା ଗାଡ଼ି ପୁନେ ଯାଇଛନ୍ତି । ସେଠାରେ ୧୪ ଦିନିଆ ସ୍ୱତନ୍ତ୍ର ଆଡ଼ଭାନ୍ସ ଇଲେକ୍ଟ୍ରିକ୍ ବସ୍ ଚାଳନାର ତାଲିମ ନେବେ । ସେଠାରୁ ଆସିବା ପରେ ଓଡ଼ିଶାରେ ବସ୍ ଚଳାଇବେ ବୋଲି ସୂଚନା ଦେଇଛନ୍ତି ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର । ଏ ସମସ୍ତ ମହିଳାଙ୍କୁ ଖାରବେଳ ଭବନରେ ମନ୍ତ୍ରୀ ଶ୍ରୀ ପାତ୍ର ଏବଂ



ବିଭାଗୀୟ ସଚିବ ଉଷା ପାଢ଼ୀ ସମ୍ବର୍ଦ୍ଧନା ଦେଇଛନ୍ତି । ମନ୍ତ୍ରୀ କହିଛନ୍ତି ଯେ ଏହା ଓଡ଼ିଶା ପାଇଁ ଏକ ଶୁଭ ସଙ୍କେତ । ମା ମାନେ ଧୈର୍ଯ୍ୟ ଏବଂ ସହିଷ୍ଣୁର ପ୍ରତୀକ । ବସ୍ ଚଲାଇବା ପାଇଁ ମଧ୍ୟ ଏହା ଦରକାର । ଏମାନଙ୍କ ବୀରତ୍ୱ ଅପରେସନ୍ ସିନ୍ଦୂରରେ ସମସ୍ତେ ଦେଖିଛନ୍ତି । ତେଣୁ ସେମାନେ ନିଷ୍ଠାର ସହିତ ତାଲିମ ନେଇ ଇଭି ଚଲାଇବାକୁ ଯୋଗ୍ୟତା ପାଇବେ ବୋଲି ମନ୍ତ୍ରୀ ଆଶାବ୍ୟକ୍ତ କରିଛନ୍ତି । ଆଗାମୀ ଦିନରେ ସୁଭଦ୍ରା ବସ୍ ମଧ୍ୟ ଚଳାଚଳ କରିପାରେ । ସେହିପରି ବିଭାଗୀୟ ସଚିବ ଉଷା ପାଢ଼ୀ କହିଛନ୍ତି ଯେ ଗଣତନ୍ତ୍ର ଦିବସରେ ପରିବହନରେ ମହିଳାଙ୍କ ଯୋଗଦାନକୁ ନେଇ ଏକ ପ୍ରଜ୍ଞାପନ ମେଢ଼ କରାଯାଇଥିଲା । ପଚାଶ ପ୍ରତିଶତ ମହିଳା ଥିବାବେଳେ ପରିବହନରେ ସେମାନଙ୍କ ଯୋଗଦାନ ଖୁବ କମ୍ ରହିଛି । ତେଣୁ ପରିବହନରେ ମହିଳାଙ୍କ ଭାଗୀଦାରୀକୁ ବଢ଼ାଇବାକୁ ଏହି ପଦକ୍ଷେପ ଗ୍ରହଣ କରାଯାଇଛି । ଆଗାମୀ ଦିନରେ ପରିବହନରେ ମହିଳାଙ୍କ ନେତୃତ୍ୱକୁ ବଢ଼ାଇବାକୁ ମଧ୍ୟ ଯୋଜନା ରଖାଯାଇଛି । ଯାହାକି ବିକଶିତ ଭାରତର ଏକ ବଡ଼ ଯୋଗଦାନ ରହିବ । ମହିଳା ଡ୍ରାଇଭର ରହିଲେ ମହିଳାମାନେ ସୁରକ୍ଷିତଭାବେ ଯାତ୍ରା କରିପାରିବେ ।

## ହାତୀ ମୃତ୍ୟୁ ଘଟଣା

## ଏସିଏଫଓ ସୂର୍ଯ୍ୟକାନ୍ତ ବେହେରା ନିଲମ୍ବିତ



ଭୁବନେଶ୍ୱର, ୩୧।୧(ନିପ୍ର) : ବେଲଘର ହାତୀ ମୃତ୍ୟୁ ଘଟଣାରେ ଭୁଲ୍ ରିପୋର୍ଟ ଦେବା ଆଧାରରେ ଏସିଏଫଓ ନିଲମ୍ବିତ ହୋଇଛନ୍ତି । ଏସିଏଫଓ ସୂର୍ଯ୍ୟକାନ୍ତ ନିଲମ୍ବିତ କରାଯାଇଛି । କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ବନଖଣ୍ଡ ଅଧିନସ୍ଥ ବେଲଘର ବନାଞ୍ଚଳରେ ହାତୀ ମୃତ୍ୟୁ ପରେ ଖଣ୍ଡ ଖଣ୍ଡ କରି କାଟି ମାଟି ତଳେ ପୋତିବା ଘଟଣାରେ ଏସିଏଫଓ ସୂର୍ଯ୍ୟକାନ୍ତ ବେହେରା ନିଲମ୍ବିତ କରାଯାଇଅଛି । ସୂର୍ଯ୍ୟକାନ୍ତ ବେହେରା ଜାନୁୟାରୀ ୫ ତାରିଖରେ ବେଲଘର ବନାଞ୍ଚଳର ମୁଣ୍ଡୁଟି ଜଙ୍ଗଲରେ ହାତୀ ମୃତ ଘଟଣାର ତଦନ୍ତ ପାଇଁ ଯାଇ ଡିଏଫଓଙ୍କୁ ଭୁଲ ରିପୋର୍ଟ ପ୍ରଦାନ କରିଥିଲେ । ହାତୀ ମୃତ ଘଟଣା ଏକ ଗୁଜବ ଏଥିରେ କୌଣସି ସତ୍ୟତା ନଥିବା ରିପୋର୍ଟରେ ଲେଖିଥିଲେ । ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ଡିଏଫଓ ଘନଶ୍ୟାମ ମହାନ୍ତ ନିଜେ ବେଲଘର ଯିବା ପରେ ଘଟଣା ସତ୍ୟ ରିପୋର୍ଟ ପ୍ରଦାନ କରିଥିଲେ । ଏହା ପରେ ରେଞ୍ଜର ବିନୟ ବିଶି କୁ ନିଲମ୍ବିତ କରିଥିବା ବେଳେ ଭୁଲ ରିପୋର୍ଟ ପ୍ରଦାନ କରିଥିବା ଅଭିଯୋଗରେ ଏସିଏଫଓ ସୂର୍ଯ୍ୟକାନ୍ତ ବେହେରା ନିଲମ୍ବିତ କରାଯାଇଛି ।

## ଦ୍ୱିତୀୟ ନେତୃତ୍ୱର ପ୍ରଶ୍ନ ଉଠୁ ନାହିଁ: କଳିକେଶ

ଭୁବନେଶ୍ୱର, ୩୧/୧(ନିପ୍ର): କଳିକେଶ ନାରାୟଣ ସିଂହଦେଓ ବିଜେଡ଼ିର ନୂତନ ହିତାଧିକାରୀ ହେବା ଉପରେ ଚର୍ଚ୍ଚା ଜୋର୍ ଧରିଛି । ଏହି ଚର୍ଚ୍ଚାକୁ ବଢ଼ାଇ ଦେଇଛି କଳିକେଶ ଓ ନବୀନଙ୍କ ଭେଟଘାଟ । ନୂତନ ନେତୃତ୍ୱ ଚର୍ଚ୍ଚା ଉପରେ ନିଜେ କଳିକେଶ ପୂର୍ଣ୍ଣଛେଦ ପକାଇଛନ୍ତି । କଳିକେଶ ଶନିବାର ନବୀନ ନିବାସ ଦଳର ସୁପ୍ରିମୋଙ୍କୁ ଭେଟିଛନ୍ତି । ଏହା ପରେ କଳିକେଶ ପ୍ରତିକ୍ରିୟା ରଖି କହିଛନ୍ତି ଯେ ବହୁତ ଦିନ ହେଲା ନବୀନ ବାବୁଙ୍କୁ ଭେଟି ନଥିଲି, ଭେଟିଲି । ଅନେକ କଥା ଆଲୋଚନା ହୋଇଛି ଅଲଗା କିଛି ନାହିଁ । ବଲାଙ୍ଗିର ଜିଲ୍ଲାରେ ସାଂଗଠନିକ ସ୍ଥିତି ଉପରେ ଆଲୋଚନା ହୋଇଛି । ବଲାଙ୍ଗିର ଜିଲ୍ଲାର ଚାଷୀଙ୍କ ସମସ୍ୟା ଓ ମହିଳା ସୁରକ୍ଷା ନେଇ ନବୀନ ବାବୁଙ୍କ ସହିତ ଆଲୋଚନା ହୋଇଛି । କୌଣସି ପ୍ରକାର ନିର୍ଦ୍ଦିଷ୍ଟ ବିଷୟରେ ଆଲୋଚନା ହୋଇନି । ସେହିପରି ନେତୃତ୍ୱ ପ୍ରଶ୍ନ କଳିକେଶ ବିରାମ ଲଗାଇ କହିଛନ୍ତି ଯେ ଆମ ଦଳରେ ଗୋଟିଏ ନେତୃତ୍ୱ ଅଛନ୍ତି । ପୂର୍ବରୁ ବିଜୁବାବୁଙ୍କ ନାଁରେ ଦଳ ଥିଲା । ପରବର୍ତ୍ତୀ ପର୍ଯ୍ୟାୟରେ ନବୀନ ବାବୁ ନେତା ହେଲେ, ସଭାପତି ହେଲେ ଏବଂ ମୁଖ୍ୟମନ୍ତ୍ରୀ ହେଲେ । ୨୪ ବର୍ଷ ଧରି ରାଜ୍ୟକୁ ସ୍ୱର୍ଣ୍ଣିମ ଅଧ୍ୟାୟ ଦେଇଛନ୍ତି । ବାପା ଏବଂ ମୁଁ ଚାରି ଥର ବିଧାୟକ



ଏବଂ ସାଂସଦ ହେଲି । ସାଧାରଣ କର୍ମୀ ହିସାବରେ ଦଳ ଯାହା ଦାୟିତ୍ୱ ଦେବ ତାହା କରିବି । ଯେତେଦିନ ଯାଏଁ ନବୀନ ପଟ୍ଟନାୟକ ଅଛନ୍ତି ସେତେଦିନ ଯାଏ ଆଉ କୌଣସି ନେତୃତ୍ୱର ପ୍ରଶ୍ନ ଉଠୁନି । ଆମେ ସମସ୍ତେ ନବୀନ ବାବୁଙ୍କ ପଛ ପଟେ ଏକତ୍ରିତ ହୋଇ ରହିଛୁ । ରାଜ୍ୟର ଯାହା ପରିସ୍ଥିତି ଅଛି ନବୀନ ବାବୁ ମୁଖ୍ୟମନ୍ତ୍ରୀ ସୁଧୁରିବ । ତେଣୁ ଦ୍ୱିତୀୟ ନେତୃତ୍ୱର ପ୍ରଶ୍ନ ଉଠୁ ନାହିଁ । ୨୦୨୯ରେ ମଧ୍ୟ ନବୀନ ପଟ୍ଟନାୟକ ଆଉ ଥରେ ନିର୍ବାଚନ ଲଢ଼ି ଓଡ଼ିଶାରେ ମୁଖ୍ୟମନ୍ତ୍ରୀ ହେବେ ବୋଲି ସମସ୍ତେ ସଂକଳ୍ପ ନେଇଛନ୍ତି । ୨୫ ବର୍ଷରେ ଯାହା ଦାୟିତ୍ୱ ମିଳିଛି ତାହାକୁ କରିଛି, ଆଗାମୀ ଦିନରେ ଯାହା ଦାୟିତ୍ୱ ମିଳିବ କରିବେ ବୋଲି ସଫେଇ ଦେଇଛନ୍ତି କଳିକେଶ ।

## ଖଟି କରୁଥିବା ଅଧ୍ୟାପକ ଅଧ୍ୟାପିକାଙ୍କ ଉପରେ ହେବ କାର୍ଯ୍ୟାନୁଷ୍ଠାନ

ଭୁବନେଶ୍ୱର, ୩୧।୧(ନିପ୍ର): ଖଟି କରୁଥିବା ଅଧ୍ୟାପକ ଅଧ୍ୟାପିକାଙ୍କ ଉପରେ ହେବ କାର୍ଯ୍ୟାନୁଷ୍ଠାନ । ଏନେଇ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶାଳୟ ଚିଠି କରିଛି । କଲେଜରେ କ୍ଲାସ ନ କରିଖଟି କରୁଥିଲେ ଆକ୍ସନ୍ ନେବ ଉଚ୍ଚଶିକ୍ଷା ବିଭାଗ । କଠୋର କାର୍ଯ୍ୟାନୁଷ୍ଠାନ ସହ ବନ୍ଦ ହୋଇପାରେ ଦରମା ।ସବୁ ସରକାରୀ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟର ଅଧ୍ୟକ୍ଷଙ୍କୁ ଚିଠି କରାଯାଇଛି । ଉଚ୍ଚଶିକ୍ଷା ବିଭାଗର ଅନୁଧ୍ୟାନ ବେଳେ ନଜରକୁ ଆସିଥିଲା ଅବହେଳା । କଟକ ଜିଲ୍ଲାର ୨ ସଂସ୍କୃତ ଅନୁଦାନପ୍ରାପ୍ତ କଲେଜରେ ଖଟି କରୁଥିଲେ ଅଧ୍ୟାପକ । କ୍ଲାସ୍ ନକରି ଅଧ୍ୟାପକ ଚେୟାର ବସି ମୋବାଇଲ୍‌ରେ ବ୍ୟସ୍ତ ଥିଲେ ।

## ଗୌହାଟୀରେ ଓଡ଼ିଶା ପରବ -୨୦୨୬ ଉଦ୍‌ଘାଟିତ

ଭୁବନେଶ୍ୱର, ୩୧/୧(ନିପ୍ର): ଓଡ଼ିଶା ପରବ ୨୦୨୬ ଆସାମର ଗୌହାଟୀରେ ଉଦଘାଟିତ ହୋଇଯାଇଛି । ପର୍ଯ୍ୟଟନ ବିଭାଗ ଓ ସହଯୋଗୀ ସଂସ୍ଥା ଫିକି ଆନୁକୂଲ୍ୟରେ ଏହି ପରବ ତିନିଦିନ ଧରି ଚାଲିବ । ଏଥିରେ ରାଜ୍ୟର ସମୃଦ୍ଧ ଐତିହ୍ୟ, ପରମ୍ପରା, ହସ୍ତଶିଳ୍ପ, ହସ୍ତକଳା, ଖାଦ୍ୟ ଓ ପର୍ଯ୍ୟଟନ ଅଭିଜ୍ଞତା ଏବଂ ଓଡ଼ିଶା ଓ ଆସାମ ମଧ୍ୟରେ ଥିବା ସମ୍ପର୍କ ପ୍ରଦର୍ଶିତ ହେଉଛି । ଏହି ପରବକୁ ମହିଳା ଓ ଶିଶୁ ବିକାଶ, ମିଶନ ଶକ୍ତି, ପର୍ଯ୍ୟଟନ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଉଦ୍‌ଘାଟନ କରି କହିଲେ ଯେ ଏହି ଅଭିଯାନ ମାଧ୍ୟମରେ ଓଡ଼ିଶାର ସାଂସ୍କୃତିକ ବୈଭବ ଅନ୍ୟ ରାଜ୍ୟରେ ପ୍ରଦର୍ଶିତ ହେଉଥିବା ଅତ୍ୟନ୍ତ ଗର୍ବର କଥା । ଏହା ଦ୍ୱାରା ପାରସ୍ପରିକ ରାଜ୍ୟ ଓ ଲୋକମାନଙ୍କ ମଧ୍ୟରେ ସମ୍ପର୍କ ଦୃଢ଼ ହୋଇପାରିବା ସହ ଆଧୁନିକ ପର୍ଯ୍ୟଟନ




ଭିତିଭୂମିର ବିକାଶ ଆହୁରି ସୁଦୃଢ଼ ହୋଇପାରିବ । ଏହି ପରବର ଉଦ୍‌ଘାଟନୀ ଉତ୍ସବରେ ଆସାମ ପର୍ଯ୍ୟଟନ ବିଭାଗ ଶାସନ ସଚିବ ଦିଗନ୍ତ ବରାହ ଯୋଗଦେଇ ଆନ୍ତଃରାଜ୍ୟ ମଧ୍ୟରେ ପର୍ଯ୍ୟଟନର ପ୍ରୋତ୍ସାହନ ଓ ଏ କ୍ଷେତ୍ରରେ ଓଡ଼ିଶାର ପ୍ରୟାସକୁ ପ୍ରଶଂସା କରିଥିଲେ । ଏଥି ସହ ଦୁଇ ରାଜ୍ୟ ମଧ୍ୟରେ ଥିବା ଘନିଷ୍ଠତା ଉପରେ ମଧ୍ୟ ଆଲୋକପାତ କରିଥିଲେ । ଏହି ଓଡ଼ିଶା ପରବ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ହସ୍ତଶିଳ୍ପ, ବୟନ ଓ ହସ୍ତତନ୍ତ ବିଭାଗ, ଓରମାସ୍ ଓ ମିଶନ ଶକ୍ତି ବିଭାଗ ସହଯୋଗରେ ଆୟୋଜିତ ହେଉଛି । ଏହା ଆସନ୍ତା ଫେବୃଆରୀ ୧ ତାରିଖ ପର୍ଯ୍ୟନ୍ତ ଚାଲିବ । ଉଭୟ ଓଡ଼ିଶା ଏବଂ ଉତର ପୂର୍ବାଂଚଳର ରାଜ୍ୟଗୁଡ଼ିକ ମଧ୍ୟରେ ସାଂସ୍କୃତିକ ଓ ପର୍ଯ୍ୟଟନ କ୍ଷେତ୍ରରେ ଥିବା ସାମଞ୍ଜସ୍ୟ ଏବଂ ଏ ସଂକ୍ରାନ୍ତୀୟ ସହଯୋଗକୁ ଦୃଢ଼ କରିବା ଲକ୍ଷ୍ୟରେ ଗୌହାଟୀଠାରେ ଏହି ଓଡ଼ିଶା ପରବ ଆୟୋଜିତ ହେଉଛି । ଏହି ଉଦ୍‌ଘାଟନୀ ଉତ୍ସବରେ ପର୍ଯ୍ୟଟନ ବିଭାଗ ଶାସନ ସଚିବ ବଲୱନ୍ତ ସିଂ, ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର, ବରିଷ୍ଠ ଅଧିକାରୀ, ଅଂଶୀଦାର, ଶିଳ୍ପପତି, ପ୍ରବାସୀ ଓଡ଼ିଆ ଏବଂ ନିମନ୍ତ୍ରିତ ଅତିଥି ପ୍ରମୁଖ ଯୋଗଦେଇଥିଲେ । ଏହି ପରବ ମାଧ୍ୟମରେ ଶିଳ୍ପୀ-କାରିଗର, ଟୁର ଅପରେଟର ଓ ସଂପୃକ୍ତ ଅଂଶୀଦାରମାନଙ୍କ ସହ ଗୋଟିଏ ସ୍ଥାନରେ ଭାବବିନିମୟ କରିବାର ସୁଯୋଗ ମିଳୁଛି

## ୧୨୦ ଗ୍ରାମ ବ୍ରାଉନସୁଗାର ଜବତ: ଜଣେ ଗିରଫ

ନିରାକାରପୁର, ୩୧/୧(ନିପ୍ର): ଖୋର୍ଦ୍ଧା ଜିଲ୍ଲା ଭ୍ରାମ୍ୟମାଣ ଅବକାରୀ ବିଭାଗ ତରଫରୁ ଆଜି ଖୋର୍ଦ୍ଧ ଜିଲ୍ଲା ଜଂକିଆ ଥାନା ଅନ୍ତର୍ଗତ ମଳିପଡା ଛକ ନିକଟରେ ସଦଳବଳେ ଚଢ଼ାଉ କରି ଜଣେ ବ୍ରାଉନସୁଗାର ବେପାରୀକୁ ଗିରଫ କରିବା ସହିତ ୧୨୦ ଗ୍ରାମ ବ୍ରାଉନସୁଗାର ଜବତ କରିଥିବା ଜଣାପଡିଛି । ସୂଚନାଯୋଗ୍ୟ କି ଭ୍ରାମ୍ୟମାଣ ଅବକାରୀ ପୋଲିସ ପେଟ୍ରୋଲିଙ୍ଗ କରୁଥିବାବେଳେ ଖୋର୍ଦ୍ଧା ଆଦର୍ଶ ଥାନା ଅଞ୍ଚଳ କଣ୍ଟା ଛକର ହୃଷୀକେଶ ସାହୁ ( ୩୭) ବ୍ରାଉନ ସୁଗାର ବିକ୍ରି କରିଥିବାର ସୁରାକ ପାଇ ତା ଠାରୁ ୧୨୦ ଗ୍ରାମ ବ୍ରାଉନ ସୁଗାର୍ ଜବତ କରିଥିବା ସହିତ କେସ ନଂ ୪୩୪/୨୫-୨୬ ହୃଷୀକେଶକୁ କୋର୍ଟ ଚାଲାଣ କରିଥିବା ସୂଚନା ମିଳିଛି । ଏହି ଚଢ଼ାଉରେ ଭ୍ରାମ୍ୟମାଣ ୟୁନିଟ୍ ଆଇଆଇସି ତପସ୍ୱିନୀ ବରାଳ, ଏସ ଆଇ ମିତ୍ରବିନ୍ଦା ପରିଡ଼ା, ଏ ଏସ ଆଇ ସଞ୍ଜୟ କୁମାର ରାଉତ, ଏଏସଆଇ ଜିତେନ୍ଦ୍ର ହେମ୍ବ୍ରମ, କନେଷ୍ଟବଳ ସତ୍ୟବନ୍ତ ମାଝୀ, ବିକାଶ ଚନ୍ଦ୍ର ରାଉତ ଓ ସ୍ୱପ୍ନ ।ରାଣୀ ବେହେରା ପ୍ରମୁଖ ସାମିଲ ଥିଲେ ।

## ନବମ ଶ୍ରେଣୀ ଛାତ୍ରଙ୍କୁ ହାଣିଲେ ଦଶମ ଛାତ୍ର

ବାଲେଶ୍ୱର,୩୧।୧ : ବିଦ୍ୟାଳୟ ପରିସର ଏବେ ଅସୁରକ୍ଷିତ ହୋଇପଡ଼ିଛି । କେଉଁଠି ଛାତ୍ର ବ୍ୟାଗରେ ବନ୍ଧୁକ ଆଣୁଛନ୍ତି ତ ଆଉ କେଉଁଠି ଛାତ୍ରଙ୍କ ହାତରେ ରହୁଛି ମାରଣାସ୍ତ୍ର । ଜଣେ ନବମ ଶ୍ରେଣୀ ଛାତ୍ରଙ୍କୁ ଭୁଜାଲିରେ ହାଣିଛନ୍ତି ଜଣେ ଦଶମ ଶ୍ରେଣୀ ଛାତ୍ର । ଏପରି ଅଭାବନୀୟ କାଣ୍ଡ ଦେଖିବାକୁ ମିଳିଛି ବାଲେଶ୍ୱର ଜିଲା ରେମୁଣା ହାଇସ୍କୁଲରେ । ଏହି ଘଟଣା ଏବେ ସାଧାରଣରେ ଚର୍ଚ୍ଚା ଓ ଆଲୋଡ଼ନ ସୃଷ୍ଟି କରିଛି ।

## ଝାଡ଼ାବାନ୍ତି: ଜଣେ ମୃତ, ୩୦ ଆକ୍ରାନ୍ତ

ରାୟଗଡ଼ା,୩୧।୧(ନିପ୍ର): ରାୟଗଡ଼ା ଜିଲ୍ଲା ବିଷମକଟକ ବ୍ଲକ ଚାଟିକଣା ପଞ୍ଚାୟତ ବାରିଗୁଡ଼ା ଗ୍ରାମସ୍ଥିତ ନଳିନୀ ବିଦ୍ୟାମନ୍ଦିରରେ ଝାଡ଼ାବାନ୍ତି ଆକ୍ରାନ୍ତରେ ଜଣେ ଛାତ୍ରୀଙ୍କ ଜୀବନ ଚାଲି ଯାଇଛି । ଏଥିସହ ୩୦ରୁ ଅଧିକ ଛାତ୍ରୀ ଅସୁସ୍ଥ ହୋଇଛନ୍ତି । ମୃତ ଛାତ୍ରୀ ଜଣକ ହେଲେ ଲଗ୍ନା ଉରଲାକା (୧୦) । ସେ ଚତୁର୍ଥ ଶ୍ରେଣୀରେ ପଢୁଥିଲେ । କୁହାଯାଉଛି ଯେ ଗତକାଲି ରାତ୍ରି ଭୋଜନରେ ହଷ୍ଟେଲରେ ପିଲାଙ୍କୁ ଚାରୁ ପାଣି ଏବଂ ଶାଗୁ ଖାଇବାକୁ ଦିଆଯାଇଥିଲା । ହଠାତ୍ ରାତିରେ ପିଲାମାନେ ପେଟରେ ଯନ୍ତ୍ରଣା ଅନୁଭବ କରିଥିଲେ । ପରେ ଝାଡ଼ା ଏବଂ ବାନ୍ତି ହୋଇଥିଲା । ଜଣକ ପରେ ଜଣେ ଛାତ୍ରୀ ଏଭଳି ଅଭିଯୋଗ କରିଥିଲେ । ସମସ୍ତଙ୍କୁ ବିଳମ୍ବିତ ରାତିରେ ବିଷମକଟକ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ମେଡ଼ିକାଲରେ ଏତେ ସଂଖ୍ୟକ ଛାତ୍ରୀ ଥିବା ଦେଖି ଲଗ୍ନା ଉରଲାକାର ପରିବାର ଲୋକେ ତାଙ୍କୁ ଘରକୁ ନେଇଯାଇଥିଲେ । ତେବେ ଘରେ ଆଜି ସକାଳୁ ତାର ମୃତ୍ୟୁ ହୋଇଥିବା ଜଣାପଡ଼ିଛି । ଝାଡ଼ାବାନ୍ତିର ପ୍ରକୃତ କାରଣ ଜଣାପଡ଼ି ନାହିଁ । ତେବେ ଖାଦ୍ୟ ବିଷାୟନ ଏହା ପଛର କାରଣ ହୋଇଥାଇପାରେ ବୋଲି ଚର୍ଚ୍ଚା ହେଉଛି ।

## ସର୍ବଭାରତୀୟ ଫୁଟବଲ ପ୍ରତିଯୋଗିତା

## ୧୧ତମ ପଦ୍ମଚରଣ ସାମନ୍ତସିଂହାର ଫୁଟବଲ ଟୁର୍ଣ୍ଣାମେଣ୍ଟ ଆରମ୍ଭ

**ନିମାପଡ଼ା, ୩୧।୧(ନିପ୍ର):** ପ୍ରତିବର୍ଷ ଭଳି ଚଳିତ ବର୍ଷ ୧୧ତମ ପଦ୍ମ ଚରଣ ସାମନ୍ତସିଂହାର ସ୍ମାରକୀ ସର୍ବ ଭାରତୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ରବିବାରଠାରୁ ସ୍ଥାନୀୟ ବାରବାଟି ପଡ଼ିଆରେ ଅନୁଷ୍ଠିତ ହେବ ବୋଲି ଆୟୋଜକ ନିମାପଡ଼ା ଆଥଲେଟିକ୍ ଆସୋସିଏସନ୍ ସଂପାଦକ ଜୀବନାନନ୍ଦ ମହାପାତ୍ର ସୂଚନା ଦେଇଛନ୍ତି । ଏହା ଚଳିତ ମାସ ୮ ତାରିଖ ପର୍ଯ୍ୟନ୍ତ ଚାଲିବା ସହିତ ବିଭିନ୍ନ ଦିବସର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବାର ବ୍ୟବସ୍ଥା ରହିଛି । ସର୍ବମୋଟ ୮ଟି ଦଳ ଅଂଶଗ୍ରହଣ କରିବାକୁ ସ୍ଥିର ହୋଇଥିବା ବେଳେ ଚାମ୍ପିଅନ୍ ଦଳକୁ ଟ୍ରଫି ସହ ନଗଦ ୪୦ ହଜାର ଏବଂ ଉପ-ବିଜେତା ଦଳକୁ ଟ୍ରଫି ସହ ନଗଦ ୩୦ ହଜାର ଟଙ୍କା ପ୍ରଦାନ କରାଯିବ ବୋଲି ଆସୋସିଏସନ୍ ସୂତ୍ରରୁ ପ୍ରକାଶ । ପ୍ରଥମ ଦିବସରେ ଫ୍ରେଣ୍ଡସ୍ କ୍ଲବ୍ ଜଟଣୀ ବନାମ କଟକ ବିଡ଼ାନାସୀ ମା' ଭୁଆସୁଣୀ ଫୁଟବଲ କ୍ଲବ୍, ଦ୍ୱିତୀୟ ଦିବସରେ ଗଣ୍ଡରପୁର (ଭୁବନେଶ୍ୱର) ସହ ମିଶନ ଟାଇଗର (ବାଲେଶ୍ୱର), ତୃତୀୟ ଦିବସରେ ଖୋର୍ଦ୍ଧା ବେରଙ୍ଗ ଫୁଟବଲ କ୍ଲବ୍ ସହିତ ନିମାପଡ଼ା ଆଥଲେଟିକ୍ ଆସୋସିଏସନ୍, ଚତୁର୍ଥ ଦିବସରେ ରାଉରକେଲା ଷ୍ଟିଲ୍ ସିଟି ଫୁଟବଲ କ୍ଲବ୍ ସହ ଘାଟିକିଆ (ଭୁବନେଶ୍ୱର) ବଜରଙ୍ଗୀ ଫୁଟବଲ କ୍ଲବ୍, ପଂଚମ ଦିବସରେ ପ୍ରଥମ ସେମିଫାଇନାଲ, ଷଷ୍ଠ ଦିବସରେ ଦ୍ୱିତୀୟ ସେମିଫାଇନାଲ, ସପ୍ତମ ଦିବସରେ ପ୍ରଦର୍ଶନୀ ମ୍ୟାଚ୍ ଏବଂ ଅଷ୍ଟମ ଦିନରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ ।

## ଖଣ୍ଡୋକଟା ଧନୁଯାତ୍ରାର ଚତୁର୍ଥ ସଂଧ୍ୟା

କୁଚିଣ୍ଡା,୩୧/୧(ନିପ୍ର): ସମ୍ବଲପୁର ଜିଲ୍ଲା କୁଚିଣ୍ଡା ଖଣ୍ଡୋକଟାରେ ଚାଲିଥିବା ୩୫ତମ ଧନୁଯାତ୍ରାର ଶନିବାର ଚତୁର୍ଥ ସନ୍ଧ୍ୟାରେ ଦର୍ଶକଙ୍କ ପ୍ରବଳ ଭିଡ ଦେଖିବାକୁ ମିଳିଛି । ଗୋପପୁରରେ ବଢୁଥିବା ଶତ୍ରୁ କୃଷ୍ଣଙ୍କ ବିନାଶ ପାଇଁ କଂସଙ୍କ ମନ୍ତ୍ରଣା କରି ଧନୁଯାତ୍ରା ଆୟୋଜନ । ନିମନ୍ତ୍ରଣ ନେଇ ଅକ୍ରୁରଙ୍କ ଗୋପପୁରରେ ପ୍ରବେଶ । କଂସଙ୍କ ଆଦେଶରେ କୃଷ୍ଣ ବଳରାମଙ୍କୁ ଧନୁଯାତ୍ରା ଦେଖିବାକୁ ନିମନ୍ତ୍ରଣ କରାଯାଇଥିବା ଖବର ପାଇ ସମଗ୍ର ଗୋପପୁରବାସୀ ଦୁଃଖରେ ମ୍ରିୟମାଣ ହୋଇପଡ଼ିଥି ନାଟ୍ୟାଭିନୟ ହୋଇଥିଲା । ସେହିପରି ମଥୁରା ନଗରୀ କଂସ ଦରବାରରେ କୃଷ୍ଣ ବଳରାମଙ୍କ ହତ୍ୟା ପାଇଁ ଅଙ୍ଗ,ବଙ୍ଗ,କଳିଙ୍ଗ,ମଗଧ ରାଜ୍ୟ ସମ୍ରାଟଙ୍କୁ ନିମନ୍ତ୍ରଣ କରି ମନ୍ତ୍ରଣା ଆଦି କଳାକାରଙ୍କ ନିଖୁଣ ନାଟ୍ୟ ଅଭିନୟ ଦେଖିବା ପାଇଁ ପ୍ରବଳ ଜନସମାଗମ ହୋଇଥିଲା । କଂସଙ୍କ ଦରବାରରେ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ୍,ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ମନ୍ତ୍ରୀ ରବିନାରାୟଣ ନାଏକ, ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ, ରେଙ୍ଗାଲିର ପୂର୍ବତନ ବିଧାୟକ ନାଉରୀ ନାୟକ ପ୍ରମୁଖ ରାଜ ଅତିଥିଭାବେ ଯୋଗଦେଇଥିଲେ । ସଂସ୍କୃତି ଓ ପରମ୍ପରାକୁ ବଞ୍ଚାଇରଖି ଏଭଳି ଯାତ୍ରାର ଆୟୋଜନ କରିଥିବାରୁ ଖଣ୍ଡୋକଟା ଗ୍ରାମବାସୀଙ୍କୁ ଅତିଥିମାନେ କୃତଜ୍ଞତା ଜଣାଇଥିଲେ । ଏହି ଅବସରରେ ବିଭିନ୍ନ କୃତି କଳାକାରଙ୍କୁ ପୁରସ୍କୃତ କରାଯାଇଥିଲା । କଂସ ମଣ୍ଡପରେ ନୂଆପଡ଼ା, ଗଞ୍ଜାମ, ସୁନ୍ଦରଗଡ଼ ଜିଲ୍ଲାସହ ସମ୍ବଲପୁର ପରମାଣପୁର ଓ ଜମନକିରା କଳାକାର ମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ ।

## ଗେଙ୍ଗୁଟି ନଦୀବନ୍ଧ ସୁରକ୍ଷା କାର୍ଯ୍ୟରେ ବ୍ୟାପକ ଅନିୟମିତତା ଅଭିଯୋଗ

ଧାମନଗର,୩୧/୧(ନିପ୍ର): ଧାମନଗର ବ୍ଲକ ଅନ୍ତର୍ଗତ ଦଳାଙ୍ଗ ପଞ୍ଚାୟତର ରାମେଶ୍ୱରପୁର ଗୋଖାସାହୀଠାରେ ଚାଲିଥିବା ଗେଙ୍ଗୁଟି ନଦୀବନ୍ଧ ସୁରକ୍ଷା କାର୍ଯ୍ୟକୁ ନେଇ ଜନସାଧାରଣଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଜଳ ସମ୍ପଦ ବିଭାଗ ପକ୍ଷରୁ ପ୍ରାୟ ୩୦ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଏହି କାର୍ଯ୍ୟ ଆରମ୍ଭ ହୋଇଥିଲେ ହେଁ, ଏଥିରେ ବ୍ୟାପକ ଅନିୟମିତତା ହେଉଥିବା ନେଇ ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି । ସୂଚନାଯୋଗ୍ୟ ଯେ, ଗତ ନଭେମ୍ବର ୨୨, ୨୦୨୫ରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଦ୍ୱାରା ଏହି ପ୍ରକଳ୍ପର ଶିଳାନ୍ୟାସ ହୋଇଥିଲା । ଦୀର୍ଘ ଦିନ ବିତିଯାଇଥିଲେ ସେପରି ଆଖି କାମ ହୋଇନାହିଁ । କାର୍ଯ୍ୟ ଅତ୍ୟନ୍ତ ମନ୍ଥର ଗତିରେ ଚାଲିଛି । ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଉଛି, କାର୍ଯ୍ୟ ସ୍ଥଳରେ ବିଭାଗୀୟ କୌଣସି ଅଧିକାରୀ ଉପସ୍ଥିତ ରହୁନାହାନ୍ତି । ଫଳରେ ନିର୍ମାଣ କାର୍ଯ୍ୟର ମାନ ଓ ସ୍ୱଚ୍ଛତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ସୂଚନା ଥାଉକି ପୂର୍ବରୁ ପ୍ରତିବର୍ଷ ମରାମତି ନାମରେ ଏହି ସ୍ଥାନରେ ଲକ୍ଷଲକ୍ଷ ଟଙ୍କା ହରିଲୁଟ ହୋଇଛି । ଏବେ ପୁଣି ଥରେ ନୂତନ କାର୍ଯ୍ୟରେ ସେହି ସମାନ ଢଙ୍ଗରେ କାର୍ଯ୍ୟ ହେଉଥିବାରୁ ଲୋକେ ଆଶଙ୍କାରେ ରହିଛନ୍ତି । ବନ୍ଧର ସୁରକ୍ଷା ଯଦି ଠିକ୍ ଭାବେ ନହୁଏ, ତେବେ ଆଗାମୀ ବର୍ଷା ଦିନେ ଏହା ଗ୍ରାମବାସୀଙ୍କ ପାଇଁ ବିପଦ ସାଜିବ । ନଦୀବନ୍ଧ ସୁରକ୍ଷା କାର୍ଯ୍ୟରେ ସ୍ୱଚ୍ଛତା ଆଣିବା ସହ ଉଚ୍ଚପଦସ୍ଥ ଅଧିକାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକୁ ତୁରନ୍ତ ସମ୍ପୂର୍ଣ୍ଣ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି । ସୂଚନାଥାଉକି । ଉକ୍ତ ଅଞ୍ଚଳ ଏକ ବନ୍ୟାଞ୍ଚଳ ପ୍ରତିବର୍ଷ ବନ୍ୟା ଆସି ଉକ୍ତ ଅଂଚଳରେ ବ୍ୟାପକ କ୍ଷତିକରେ ଏହି ନଦୀ ବନ୍ଧରେ ଫାଟ ସୃଷ୍ଟି ହେବା ସହ ବନ୍ଧ ମଧ୍ୟ ଧସି ଥାଏ । ଏ ନେଇ ସ୍ଥାନୀୟ ଅଂଚଳର ଲୋକମାନେ ମାନ୍ୟବର ଉଚ୍ଚ ଶିକ୍ଷାମନ୍ତ୍ରୀଙ୍କୁ ଦାବି କରି ସମସ୍ୟା ବିଷୟରେ ଜଣାଇବା ପରେ ମନ୍ତ୍ରୀଙ୍କ ଉଦ୍ୟମରେ ସେଠାରେ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ । ଏବଂ ସରକାରି ନୀତିରେ ସେଠାରେ କାର୍ଯ୍ୟ ପାଇଁ ଟେଣ୍ଡର କରାଯାଇ ଥିବାବେଳେ ଠିକାଦାରଙ୍କ ମନମର୍ଜିରେ କାମ କରୁଛନ୍ତି । ସେଠାରେ କେବଳ ଲୁହାପାତ ପୋତି ଦେଇ ଆଉ କାର୍ଯ୍ୟ କରୁନାହାନ୍ତି ବୋଲି ଅଭିଯୋଗ ହୋଇଛି । ଏ ଦିଗରେ ଭଦ୍ରକ ଜିଲ୍ଲାପାଳ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଦାବି ହୋଇଛି ।

Printed and Published by **Arun Kumar Dash** on behalf of **M/s SURYO MEDIA PVT. LIMITED** and Printed at **M/s SURYO MEDIA PVT. LIMITED,** Published at «DINALIPI BHAWAN« A-54/1 & A-55/1, Nayapalli, P.O. Baramunda, Bhubaneswar - 751 003, Phone No. 8114386934 (News Desk), 8114386935,(Office) Fax - 2564487, e.mail : dinalipinews@gmail.com / suryomedia@gmail.com
ସମ୍ପାଦକ : ଅନ୍ନପୂର୍ଣ୍ଣା ଦାଶ
ମୁଖ୍ୟ ସମ୍ପାଦକ : ବଟକୃଷ୍ଣ ତ୍ରିପାଠୀ